ୟୁ-୧୯ : ନେପାଳକୁ ୧୦ ୱିକେଟରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ ୦୦.୬୫ : ୮ଟି ପୃଷ୍ଠା ୮ Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୭୭ ● ୭ ନଭେମ୍ବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-277 ● 7th November 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ବିଦ୍ୟାଳୟ ଶିକ୍ଷା ସୁଦୃଢ଼ ପାଇଁ ୪୦୦୦ କୋଟି ବ୍ୟୟରେ ହେବ

୬୩୦ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ

କେନ୍ଦୁଝର/ଭୁବନେଶ୍ୱର, ୬।୧୧
ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର କ୍ୟାମ୍ପସଠାରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ତୃତୀୟ ପର୍ଯ୍ୟାୟରେ ୬୨୭ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ରାଜ୍ୟରେ ଶିକ୍ଷାର ଭିତ୍ତିଭୂମିର ବିକାଶ ସମ୍ପର୍କରେ ତଥ୍ୟ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଥମ ୩ ବର୍ଷରେ ୨ ହଜାର ୨୦୦



ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅନୁନ୍ୟ ୫ ଏକର ଜମି ଓ ଗମନାଗମନର ସୁବିଧା ଥିବା ଗ୍ରାମଗୁଡ଼ିକରେ ଏହି ସ୍କୁଲ ସ୍ଥାପିତ ହେଉଛି। ପୂର୍ବରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମସ୍ଥାନ ବାଣପୁରରୁ ୧୧୮ଟି ଏବଂ ଖୋର୍ଦ୍ଧାରୁ ୨୦୪ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ରାଜ୍ୟରେ ୬୩୦ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ମୋଟ *(ପୃଷ୍ଠା ୭ରେ)*

ସରକାରୀ ମେଡିକାଲ କଲେଜରେ ୩୧୮ ପିଜି ସିଟ୍ ବୃଦ୍ଧି

ଭୁବନେଶ୍ୱର, ୬।୧୧
ନ୍ୟୁଜ୍ ବ୍ୟୁରୋ

ଜାତୀୟ ମେଡିକାଲ କମିଶନ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ପିଜି ଅନୁଷ୍ଠାନରେ ୧୪ଟି ବିଭାଗରେ ୩୧୮ଟି ପିଜି ସିଟ୍ ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏହି ବୃଦ୍ଧି ଯୋଗୁଁ ରାଜ୍ୟରେ ମୋଟ ପିଜି ସିଟ୍ ସଂଖ୍ୟା ୬୨୦ରୁ ବୃଦ୍ଧି ପାଇ ୯୩୮ରେ ପହଞ୍ଚିଛି।



ପୂର୍ବରୁ ରାଜ୍ୟର କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ, ବୁର୍ଲା ସ୍ଥିତ ଭୀମସାର, ବଲାଙ୍ଗୀର ସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ବାଲେଶ୍ୱର ସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଏବଂ *(ପୃଷ୍ଠା ୭ରେ)*



୨ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୬।୧୧
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଗଞ୍ଜାମ ତହସିଲର ମନୋରଞ୍ଜନ ଦାସ (୩୦) ଓ ତୋଫାନ ଦାସ (୨୬), (ପିତା- ନିରଞ୍ଜନ ଦାସ)ଙ୍କ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର *(ପୃଷ୍ଠା ୭ରେ)*

ନୂଆବର୍ଷ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା

ପୁରୀ, ୬।୧୧: ନ୍ୟୁଜ୍ ବ୍ୟୁରୋ

ଆସନ୍ତା ନୂଆବର୍ଷ ପୂର୍ବରୁ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କାର୍ତ୍ତିକ ବ୍ରତ ପରେ ନୂଆବର୍ଷ ପୂର୍ବରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ।



ଏଥିପାଇଁ ସମସ୍ତ ପ୍ରକାର ପକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକା ସଙ୍ଗେ ୮ଟି ରାସ୍ତାରେ ଦର୍ଶନ କରିବେ ଶ୍ରଦ୍ଧାଳୁ। ରାସ୍ତା ଲାଗିବା ପରେ ଘଣ୍ଟାଏ ଭିତରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିପାରିବେ। ସାତ ପାହାଚ ପରେ ଗରୁଡ଼ ସ୍ତମ୍ଭରୁ ବାହାର କାଠ ମଧ୍ୟରେ ଏହି ବ୍ୟବସ୍ଥା *(ପୃଷ୍ଠା ୭ରେ)*

46001/28/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଭତ୍ତା ପାଇଁ ଅପେକ୍ଷାର ଯୁଗ ସରିଲା

- ଓଡ଼ିଶା ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ରାଜ୍ୟର ୫,୦୫,୮୧୭ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏହି ବର୍ଷ ଅକ୍ଟୋବର ମାସରୁ ଭତ୍ତା ଦେବା ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି
- ୨୦୨୬ ନଭେମ୍ବର ମାସ ୧୦ ତାରିଖରେ ବାଲେଶ୍ୱର ସହରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ
- ଏଣିକି ଭତ୍ତା ପାଇବା ପାଇଁ ଯୋଗ୍ୟ ଯେ କୌଣସି ବ୍ୟକ୍ତି ଆବେଦନ କରିବାର ପର ମାସଠାରୁ ଭତ୍ତା ପାଇବେ। ସେମାନଙ୍କୁ ପୂର୍ବପରି ଆଉ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ
- ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବା ପାଇଁ ବିଡିଓ (BDO)ଙ୍କ କାର୍ଯ୍ୟାଳୟକୁ ଯାଇ ଆବେଦନ କରିପାରିବେ କିମ୍ବା ଅନଲାଇନ୍ ପୋର୍ଟାଲ (https://upmp.odisha.gov.in)ରେ ଆବେଦନ କରିପାରିବେ
- ଭତ୍ତା ପାଉଥିବା ବ୍ୟକ୍ତିଙ୍କୁ ୮୦ ବର୍ଷ ହେଲା ମାତ୍ରେ ତା ପର ମାସଠାରୁ ଆପେ ଆପେ ବର୍ଦ୍ଧିତ ଭତ୍ତା ପାଇବେ। ସେଥିପାଇଁ ତାଙ୍କୁ ଆଉ ଆବେଦନ କରିବାକୁ ପଡ଼ିବ ନାହିଁ

କଥା ଦେଇ କଥା ରଖିଲେ - ଡବଲ ଇଞ୍ଜିନ ସରକାର

ନିଃଶୁଳ୍କ ସହାୟତା ସେବା: ୧୮୦୦-୩୪୫-୬୭୭୦ / ୧୫୫୩୩୫

ସାମାଜିକ ସୁରକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR : 46001/46001/2/26-27/0009

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ନଭେମ୍ବର ୨୦୨୬ ଶନିବାର



ସ୍ୱୟଂଶାସିତ ମାନ୍ୟତା ପାଇବାରୁ ସୋନପୁର କଲେଜ ବଞ୍ଚିତ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସ୍ୱୟଂଶାସିତ ମାନ୍ୟତା ନିମନ୍ତେ ଡକାଯାଇଥିବା ୪୨ଟି କଲେଜ ତାଲିକାରେ ସୋନପୁରର ସର୍ବ ପୁରାତନ ସୋନପୁର କଲେଜର ନାମ ନଥିବାରୁ ପୁରାତନ ଛାତ୍ର ସଂଘ ତଥା ଆଲୁମିନି ଆସୋସିଏସନ୍ ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ଏ ନେଇ ସ୍ଥାନୀୟ ଶାହା ଗେଷ୍ଟ ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସରକାର କେଉଁ ଆଧାର ତଥା ମାନଦଣ୍ଡରେ ଏହା କରିବାକୁ ଯାଉଛନ୍ତି ତାହା ସ୍ପଷ୍ଟ କରନ୍ତୁ। କାରଣ ସୋନପୁର କଲେଜର ପାଠପଢ଼ା ମଧ୍ୟ ପୂର୍ବରୁ ଉନ୍ନତମାନର । ଏ ନେଇ ପୂର୍ବରୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି କି ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ସୂଚନାରୁ ଜଣାପଡିଛି ଯେ ୩୦ ଅକ୍ଟୋବର ଦିନ ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କ ଚିଠି ନଂ ୫୭୯୩୬/ଏଚ୍‌ଇ ଅନୁଯାୟୀ ନଭେମ୍ବର ୫ ତାରିଖରେ ନିର୍ଦ୍ଦେଶାଳୟରେ ହେବାକୁ ଥିବା ବୈଠକରେ କେବଳ NAACରେ ମାନ୍ୟତା ପ୍ରାପ୍ତ କଲେଜ ଗୁଡିକୁ ଡକାଯାଇଥିଲା । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ ତାଲିକାରୁ ବାଦ୍ ପଡିଛି । ପୁରାତନ ଛାତ୍ର ସଂଘ ପକ୍ଷରୁ କୁହାଯାଇଛି ଯେ, ସୋନପୁର କଲେଜ ୧୯୬୪ ମସିହାରୁ ଏହି ଅଞ୍ଚଳର ଶିକ୍ଷାର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଆସୁଛି । ଜିଲ୍ଲାର ହଜାର ହଜାର ଗରିବ ମେଧାବୀ ଛାତ୍ରଛାତ୍ରୀ ଏଠାରେ ପଢ଼ୁଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଯେ ଏହି ପୁରାତନ ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନଥିବାରୁ ଆଲୁମିନି ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବି କରାଯାଇଛି । ବିଭିନ୍ନ ମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ସୋନପୁର ଗସ୍ତ ସମୟରେ ମଧ୍ୟ ସାକ୍ଷାତ ଆଲୋଚନା ହୋଇଛି । ସଂଘ ପକ୍ଷରୁ କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ତଥା କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲାଙ୍କ ନେତୃତ୍ୱରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସରକାରଙ୍କ ଏଭଳି ବୈମାତୃକ ମନୋଭାବ ସୁବର୍ଣ୍ଣପୁର ଜିଲ୍ଲା ପ୍ରତି ଅବହେଳାର ପ୍ରମାଣ । ତୁରନ୍ତ ସୋନପୁର କଲେଜକୁ ସ୍ୱୟଂଶାସିତ ମାନ୍ୟତା ପ୍ରକ୍ରିୟାରେ ସାମିଲ କରାନଗଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ସମ୍ମିଳନୀରେ ଆଲୁମିନି ଆସୋସିଏସନ୍‌ର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ଉପସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ, ଆବାହକ ସୁଦାମ ଚରଣ ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପୂଜାହାରୀ, ମିଡ଼ିଆ ସେଲ୍ ସଂଯୋଜକ ରାଜ କିଶୋର ତ୍ରିପାଠୀଙ୍କ ସହ କାର୍ଯ୍ୟକାରୀଣି ସଦସ୍ୟ ସୁଧୀର କୁମାର ପଣ୍ଡା, ଶାଶ୍ୱତ ମିଶ୍ର, ନିଶାନ୍ତ ମହାନ୍ତି, ଜ୍ୟୋତିର୍ମୟ ମିଶ୍ର ପ୍ରମୁଖଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଅଳିଆ ଆବର୍ଜନାରେ ଭର୍ତ୍ତି କଟକ ସହର:ମଶା ବଂଶ ବୃଦ୍ଧି

କଟକ, ନ୍ୟୁଜ୍ ବ୍ୟୁରୋ

ସ୍ୱଚ୍ଛ ଓ ସୁନ୍ଦର ସହର ଗଠନ ପାଇଁ ବାରମ୍ବାର ଯୋଜନା, ବୈଠକ ଓ ସଫେଇ ଅଭିଯାନ। କେଉଁଠି ଡ୍ରେନ୍ ସଫା ହେଉଛି ତ ଆଉ କେଉଁଠି ଜେସିବି ଲଗାଇ ଅଳିଆ ଉଠାଯାଉଛି। ହେଲେ ଏସବୁ ପଦକ୍ଷେପ ସତ୍ତ୍ୱେ କଟକ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନାର ପାହାଡ଼ ଦେଖିବାକୁ ମିଳୁଛି। ସହରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣକୁ ନେଇ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ କରାଯାଉଥିବା ଉଦ୍ୟମର ବାସ୍ତବ ଚିତ୍ର ଏବେ ଏଭଳି ଅନେକ ପ୍ରଶ୍ନ ସୃଷ୍ଟି କରିଛି। କଟକର ତାଳଦଣ୍ଡା କେନାଲ ନିକଟରେ ଗଦା ହୋଇଥିବା ଅଳିଆ ଆବର୍ଜନା ସହରର ସ୍ୱଚ୍ଛତା ବ୍ୟବସ୍ଥାର ଏକ ଉଦାହରଣ ପାଲଟିଛି। କେବଳ ଏହି ଅଞ୍ଚଳ ନୁହେଁ, ସହରର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅଳିଆ ଜମି ରହୁଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ସହରର ପରିବେଶ ପ୍ରଦୂଷିତ ହେବା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଛି। ବର୍ଷାଦିନେ ଏଭଳି ଅବ୍ୟବସ୍ଥା ସମସ୍ୟାକୁ ଆହୁରି ଗମ୍ଭୀର କରୁଛି। ଡ୍ରେନ୍‌ରେ ଅଳିଆ ଆବର୍ଜନା ଜମି ରହିବା ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଫଳରେ ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ସହ ଜଳବନ୍ଦୀ ସମସ୍ୟା ଦେଖାଦେଉଛି। ଏଭଳି ପରିସ୍ଥିତି ମଶା ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରି ଡେଙ୍ଗୁ ଭଳି ମଶା ବାହିତ ରୋଗର ଆଶଙ୍କା ବଢ଼ାଇପାରେ। ତେଣୁ ସହରର ଡ୍ରେନେଜ୍ ବ୍ୟବସ୍ଥାର ନିୟମିତ ସଫେଇ ସହ ଅଳିଆ ଆବର୍ଜନାର ସଠିକ୍ ପରିଚାଳନା ଏବେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ, ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଲକ୍ଷ୍ୟରେ କେଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ବୈଠକ କରାଯାଉଛି। ଡ୍ରେନ୍ ସଫେଇ, ଅଳିଆ ଉଠାଣ ଓ ସହରର ସୌନ୍ଦର୍ଯ୍ୟକରଣକୁ ନେଇ ଯୋଜନା ମଧ୍ୟ କରାଯାଉଛି। କିଛି ସ୍ଥାନରେ ଜେସିବି ମେସିନ୍ ମାଧ୍ୟମରେ ସଫେଇ କାର୍ଯ୍ୟ କରାଯାଉଥିବା ଦେଖାଯାଉଛି। ତେବେ ଏତେସବୁ ପଦକ୍ଷେପ ପରେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳରେ ସମାନ ସମସ୍ୟା ଲାଗି ରହିବା ଘଟଣା କେଏମ୍‌ସିର କାର୍ଯ୍ୟକାରିତା ଉପରେ



ପ୍ରଶ୍ନ ଚିହ୍ନ ଲଗାଇଛି। ସଫେଇ ଅଭିଯାନ କେବଳ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ରହୁଛି କି? ଅଳିଆ ଉଠାଇବା ପରେ ପୁଣି ସେହି ସ୍ଥାନରେ ଆବର୍ଜନା କାହିଁକି ଜମୁଛି? ଡ୍ରେନ୍ ସଫେଇ ପାଇଁ ଯୋଜନା ହେଉଥିବା ସତ୍ତ୍ୱେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ କାହିଁକି ହୋଇପାରୁନାହିଁ? ଏଭଳି ଅନେକ ପ୍ରଶ୍ନ ଏବେ ସହରବାସୀଙ୍କ ମନରେ ଉଙ୍କି ମାରୁଛି। ସାଧାରଣରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ କିଛି ସ୍ଥାନରେ ସଫେଇ କାର୍ଯ୍ୟ ପରେ ଫଟୋ ଉଠାଇ ପ୍ରଚାର କରାଯାଉଥିବା ଏବଂ ପରେ ନିୟମିତ ରକ୍ଷଣାବେକ୍ଷଣ ଅଭାବରୁ ସମସ୍ୟା ପୁଣି ଫେରୁଥିବା ନେଇ ଆଲୋଚନା ହେଉଛି। ତେବେ ଏହି ଅଭିଯୋଗର ବାସ୍ତବତା ଯାଞ୍ଚ କରିବା ସହ ସଫେଇ କାର୍ଯ୍ୟର ନିୟମିତ ତଦାରଖ କରିବା ଆବଶ୍ୟକ। କେବଳ ପ୍ରଚାର କିମ୍ବା ସାମୟିକ ସଫେଇ ନୁହେଁ, ଦୀର୍ଘସ୍ଥାୟୀ ସମାଧାନ ହିଁ ସହରବାସୀଙ୍କ ପ୍ରକୃତ ଆବଶ୍ୟକତା। ଏଠାରେ ମୁଖ୍ୟ ପ୍ରଶ୍ନ ହେଉଛି, ଏଭଳି ଅବ୍ୟବସ୍ଥା ପାଇଁ ଦାୟୀ କିଏ? କେଏମ୍‌ସିର ମେୟର, କମିଶନର, ସମ୍ପୃକ୍ତ ଅଧିକାରୀ ନା ସଫେଇ କାର୍ଯ୍ୟର ଦାୟିତ୍ୱ ନେଇଥିବା ଠିକାଦାର? ଦାୟିତ୍ୱ କାହାର ଏବଂ କାର୍ଯ୍ୟରେ ଅବହେଳା ହେଲେ ଉତ୍ତରଦାୟିତ୍ୱ କିଏ ନେବେ, ତାହା ସ୍ପଷ୍ଟ ହେବା ଆବଶ୍ୟକ। ସଫେଇ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ, ଠିକାଦାରଙ୍କ କାର୍ଯ୍ୟର ନିୟମିତ ମୂଲ୍ୟାଙ୍କନ ଓ ଅବହେଳା କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଗଲେ ହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ। ବିଭିନ୍ନ ନାଗରିକ ସମସ୍ୟାରେ ଘେରି ରହିଥିବା କଟକ ସହରରେ ସ୍ୱଚ୍ଛତା ଓ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଏବେ ସମୟର ଆବଶ୍ୟକତା। ବୈଠକ ଓ ଯୋଜନାକୁ ବାସ୍ତବ କାର୍ଯ୍ୟରେ ପରିଣତ କରିବା ସହ ପ୍ରତ୍ୟେକ ଅଞ୍ଚଳରେ ନିୟମିତ ସଫେଇ, ଆବର୍ଜନାର ଉଚିତ୍ ପରିଚାଳନା ଏବଂ ଡ୍ରେନ୍‌ର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବା ଦରକାର। ନଚେତ୍ ସ୍ୱଚ୍ଛ ଓ ସୁନ୍ଦର କଟକ ଗଠନର ସ୍ୱପ୍ନ କେବଳ ଘୋଷଣା ଓ କାଗଜପତ୍ରରେ ସୀମିତ ରହିଯିବାର ଆଶଙ୍କା ରହିଛି।

ବିଜେପିର ଗଣତନ୍ତ୍ର ବଞ୍ଚାଅ ପଦଯାତ୍ରା ଓ ଜନସମାବେଶ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ନାରା ଦେଇ ମୟୂରଭଞ୍ଜ ଜିଲ୍ଲା ବିଜେପି ପକ୍ଷରୁ ବାରିପଦାରେ ଏକ ବିଶାଳ ପଦଯାତ୍ରା ଓ ଜନସମାବେଶ ଆୟୋଜିତ ହୋଇଯାଇଛି । ମଧୁବନ ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସହର ପରିକ୍ରମା କରି କଲେଜ ପଡ଼ିଆରେ ପହଞ୍ଚିବା ପରେ ଆୟୋଜିତ ଜନସମାବେଶରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିକାଶର ଧାରାକୁ ପ୍ରତିହତ କରିବା ପାଇଁ ବିରୋଧୀ ଅପଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି। ଦେଶରେ ଗଣତନ୍ତ୍ରକୁ ଆଘାତ ଦେବା ସହ ବିକାଶର ଧାରାକୁ ରୋକିବା ପାଇଁ କିଛି ରାଜନୈତିକ ବ୍ୟକ୍ତି ଓ ଗୋଷ୍ଠୀ ଅପଚେଷ୍ଟା ଚଳାଇଛନ୍ତି । ସାରା ଦେଶରେ ଜନସମାବେଶ ଓ ପଦଯାତ୍ରା ମାଧ୍ୟମରେ ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚୁଥିବା ବେଳେ, ଏହି ବିକାଶ ଯାତ୍ରାରେ ବାଧା ସୃଷ୍ଟି କରୁଥିବା ଶକ୍ତିଙ୍କୁ ଦୃଢ଼ ମୁକାବିଲା କରାଯିବ। ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ସାକାର ପାଇଁ ଦେଶବାସୀ ଗଣତନ୍ତ୍ର ଓ ବିକାଶକୁ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଲି ମୁର୍ମୁ, ଏସ୍‌ଡିସି ଅଧ୍ୟକ୍ଷ ଡାକ୍ତର ବୁଦ୍ଧାନ ମୁର୍ମୁ, ଉପାଧ୍ୟକ୍ଷା କୌଶଲ୍ୟା ନାୟକ ଓ ଜିଲ୍ଲା ପ୍ରଭାରୀ ସିପ୍ରା ବାଜପେୟୀ, ଉଦଳା ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ର ଓ ଗାଣତନ୍ତ୍ରିକ ମୂଲ୍ୟବୋଧ ସପକ୍ଷରେ ବକ୍ତବ୍ୟ ରଖିଥିଲେ। ଦଳର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର ଓ ପ୍ରଣକୃଷ୍ଣ ବେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ପରେଶ ଚନ୍ଦ୍ର ମହାନ୍ତ, ସୁଗୁଦା ମୁର୍ମୁ, ସୁକୁଲ ମୁର୍ମୁ, ନରୋତ୍ତମ ପାଣିଗ୍ରାହୀ, ସୁରଜ ଲୋହାର, ସୌମ୍ୟ ରଞ୍ଜନ ମିଶ୍ର, ଦେବବ୍ରତ ସାମଲ, ଶୋଭାବତୀ ଓତା, ଚୁନାରାମ ଥାୟାଲ, କମଳଲୋଚନ ରାୟ, ଏସ୍. କେ. ନାସିରୁଦ୍ଦିନ, ସୁଜାତା ଷଡ଼ଙ୍ଗୀ, ମମତା ସାହୁ, ମମତା ମଣ୍ଡଳ, ଲକ୍ଷ୍ମୀ ସାହୁ, ବ୍ରଜମୋହନ ବେହେରା, ଦଳଗୋବିନ୍ଦ ବେହେରା, ସରୋଜିନୀ କିସ୍କୁ, ପରିକ୍ଷିତ ଦେ, ଜଗନ୍ନାଥ ମଲ୍ଲିକ, ପ୍ରାଚୀ ସୁମନ ମହାନ୍ତି, ଦୀନେଶ ଦାସ ପ୍ରମୁଖ ପଦଯାତ୍ରା ପରିଚାଳନା କରିଥିଲେ ।



ପୁନରୁଦ୍ଧାର ଅପେକ୍ଷାରେ ପୁରାତନ ଦେଢ଼ଶୁର ଭାଇବୋହୂ କୂଅ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତର ଅନ୍ତର୍ଗତ ଡାଳିଯୋଡ଼ା ଜଙ୍ଗଲ ପରିସରଭୁକ୍ତ ଆଦିବାସୀ ଅଧ୍ୟୁସିତ ଆମ୍ବିଳିଝରୀ ଗାମ ନିକଟରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଐତିହାସିକ ମହତ୍ୱ ରଖୁଥିବା ବହୁ ପୁରାତନ ଦେଢ଼ଶୁର ଭାଇବୋହୂ କୂଅର ପୁନରୁଦ୍ଧାର ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ସରକାରଙ୍କ ଏକ ଅନୁଧାନକାରୀ ଦଳ ଉକ୍ତ ସ୍ଥାନକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡ଼ିଛି । ଗଙ୍ଗ କିମ୍ବା କେଶରୀ ବଂଶର ରାଜା ମାନଙ୍କ ଦ୍ୱାରା ପ୍ରାୟ ୮୦୦ ତଳେ ଖୋଳା ଯାଇଥିବା ଏହି ବିଶେଷ ଧରଣର କୂଅର ଗଭିରତା ପ୍ରାୟ ୩୫ ଫୁଟ୍ ହୋଇଥିବା ବେଳେ ଏଥିରେ ୨୫ ଫୁଟ୍ ପାଣି ରହିଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ପାହାଡ ପାଦ ଦେଶରେ ଘଞ୍ଚ ଜଙ୍ଗଲ ଭିତରେ ରହିଥିବା ଏହି ପୁରାତନ କୂଅ ଲୋକ ଲୋଚନକୁ ଆସିବା ପରେ ଗତ କିଛି ବର୍ଷ ପୂର୍ବରୁ ଐତିହ୍ୟ ଗବେଷଣା ସଂଗଠନ ଇନ୍‌ଟାକ୍‌ର ଏକ ୪ ଜଣିଆ ଟିମ୍ ଏହାର ଗଠନ ଶୈଳୀ ଓ ନିର୍ମାଣ ସମୟ ଅନୁଧାନ କରିଥିଲେ । ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ସ୍ପେସିଆଲ୍ ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାନ୍ତ ଶଂକର ସ୍ୱାଇଁଙ୍କ ସମେତ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନଙ୍କ ଏକ ଟିମ୍ କୂଅ ନିକଟରେ ପହଞ୍ଚି ସ୍ଥିତି ଅନୁଧାନ କରିବା ସହିତ ଏହି ଐତିହାସିକ କୂଅର ପୁନରୁଦ୍ଧାର କରାଯିବ ବୋଲି ସୂଚନା ଦେଇଛନ୍ତି ।

ଜଗତସିଂହପୁର ଜିଲ୍ଲାରେ କୃଷି ବିକାଶ କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଆନୁକୂଲ୍ୟରେ ଏକ ଦୁଇ ଦିନିଆ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ନଭେମ୍ବର ୩ ଓ ୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା କୃଷି ବିଭାଗର ଆତ୍ମା ପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ୩ଟି ବ୍ଲକ ଯଥା ତିର୍ତ୍ତୋଲ, କୁଜଙ୍ଗ ଏବଂ ଏରସମାରୁ ସମୁଦାୟ ୨୫ ଜଣ ଆଗଧାଡିର ଚାଷୀ ଯୋଗଦେଇଥିଲେ ଓ କାର୍ଯ୍ୟକ୍ରମର ପ୍ରଥମ ଦିନରେ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଭାଗନେଇଥିବା ଚାଷୀମାନଙ୍କୁ ସ୍ୱାଗତ କରିବାସହ ଜିଲ୍ଲା କୃଷି ଉନ୍ନତିରେ କେନ୍ଦ୍ରର ଭୂମିକା ଏବଂ ଚାଷୀମାନଙ୍କ ପାଇଁ କେନ୍ଦ୍ର ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଡ. ସେନ ଚାଷୀମାନଙ୍କୁ କ୍ଷେତ ବଞ୍ଚାଅ ଅଭିଯାନ ବିଷୟରେ ମଧ୍ୟ ବୁଝାଇଥିଲେ । ପ୍ରଥମ ଦିନର ପ୍ରଥମ ଭାଗରେ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା, କୃଷି ଅଧିକାରୀ ସ୍ୱାଗତିକା ମିଶ୍ର ଏବଂ ସ୍ୱରାଜ କୁମାର ବେହେରା ଚାଷୀ ମାନଙ୍କ ସହ ଧାନ, ମୁଗ ଓ ପନିପରିବା ଆଦି ଚାଷର ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ । ପ୍ରଥମଦିନର ଦ୍ୱିତୀୟ ଭାଗରେ ଡ଼. ଲଳିତ କୁମାର ମହାନ୍ତି, କ୍ଷେତ୍ର ବିଜ୍ଞାନୀ, କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର ଏବଂ ଡ଼. ଦ୍ୱାରିକା ମୋହନ ଦାସ, ସହକାରୀ ଅଧାପକ, କୃଷି ଯାନ୍ତ୍ରିକ ମହାବିଦ୍ୟାଳୟ, ଓଡିଶା କୃଷି ଏବଂ ବୈଷୟିକ ବିଶ୍ୱ ବିଦ୍ୟାଳୟ



ଆଭାସୀ ମାଧ୍ୟମରେ ଯୋଗଦେଇ ଚାଷୀ ମାନଙ୍କ ସହ ଯଥାକ୍ରମେ ବିଭିନ୍ନ ଫସଲରେ ତୃଣ ନାଶକ ପରିଚାଳନା ଏବଂ ଆଧୁନିକ କୃଷିରେ ଯନ୍ତ୍ରପାତିର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ, ଡ. ଉମାଶଙ୍କର ନାୟକ, ଯୁଗ୍ମ ନିର୍ଦ୍ଦେଶକ, ଗବେଷଣା, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱ ବିଦ୍ୟାଳୟ ଆଭାସୀ ମାଧ୍ୟମରେ ଯୋଗଦେଇ ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ଫସଲରେ ରୋଗ ପୋକ ପରିଚାଳନା ବିଷୟରେ ଆଲୋକପାତ କରିଥିଲେ ଏବଂ ରୋଗପୋକ ଉଦ୍ଦିଷ୍ଟ ବିଭିନ୍ନ ସମସ୍ୟାର ସମାଧାନ ଚାଷୀମାନଙ୍କୁ କହିଥିଲେ । କେନ୍ଦ୍ରର ମୃତ୍ତିକା ବିଜ୍ଞାନୀ, ଡ଼. ପ୍ରଦୀପ୍ତ ମାଝୀ ମୃତ୍ତିକା ଓ ଫସଲରେ ସମନ୍ୱିତ ଖାଦ୍ୟ ପରିଚାଳନା ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ ଓ କେନ୍ଦ୍ରର ମତ୍ସ୍ୟ ବିଶେଷଜ୍ଞ, ସରିତା ଦାସ ମାଛ ଚାଷରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ଏବଂ ବାୟୋଫ୍ଲକ୍ ରେ ମାଛ ଚାଷ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନର ଶେଷ ଭାଗରେ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ, ଡ. ତପନ କୁମାର ପଲାଇ ଘୁଷୁରୀ ପାଳନ ଏବଂ ଗୋ ପାଳନ କ୍ଷେତ୍ରରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିଥିଲେ । କେନ୍ଦ୍ରର ରୋଗ ପୋକ ବୈଜ୍ଞାନିକ ଦେବାଶିଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ ଆଲୋଚନାଚକ୍ର ସଫଳତା ସହ ସମାପ୍ତ ହୋଇଥିଲା । କାର୍ଯ୍ୟକ୍ରମର ଶେଷରେ ଚାଷୀମାନେ କେନ୍ଦ୍ରରେ ଥିବା ବିଭିନ ପ୍ରଦର୍ଶନୀ କ୍ଷେତ୍ର, ଉଦ୍ଭିଦ ସ୍ୱାସ୍ଥ୍ୟ ଶିବିର, ମୃତ୍ତିକା ପରୀକ୍ଷାଗାର, ବିଭିନ୍ନ ପ୍ରୟୋଗଶାଳା ଆଦି ପରିଦର୍ଶନକରି ଜ୍ଞାନ ଆହରଣ କରିଥିଲେ ।



କୋରେଇ ନିର୍ବାଚନ ମଣ୍ଡଳୀର ଉନ୍ନୟନ କାର୍ଯ୍ୟ ସମୀକ୍ଷା

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି (ଏସିଡିସି) ବୈଠକ ବୁଧବାର ବ୍ୟାସନଗର ସ୍ଥିତ ବ୍ୟାସଦେବ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଦେବୀ ପ୍ରସାଦ ମହାନ୍ତି ଏବଂ ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବିଧାୟକ ଦାସନାୟକ ପ୍ରତ୍ୟେକ ବିଭାଗର କାର୍ଯ୍ୟାବଳୀର ବିସ୍ତୃତ ସମୀକ୍ଷା କରିବା ସହ ଅଞ୍ଚଳର ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ସିଡିଏମ୍‌ଓଙ୍କ ସହ ଆଲୋଚନା କରି ବିଧାୟକ ଦାସନାୟକ କର୍ମଚାରୀ ନିଯୁକ୍ତି, ନୂତନ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ୧୫ ଦିନ ମଧ୍ୟରେ ହସ୍ତାନ୍ତର କରିବା, ନୂଆ ଭେଷଜ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ ସୁରକ୍ଷା ଦୃଷ୍ଟିରୁ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ପାଚେରୀ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଜନସଂଖ୍ୟାକୁ ଆଖିଆଗରେ ରଖି ଅନୁପଯୁକ୍ତ ଆମ୍ବୁଲାନ୍ସଗୁଡ଼ିକୁ ବଦଳାଇ ନୂତନ ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଘାଟ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ଟେଣ୍ଡର ପ୍ରକ୍ରିୟା ଶେଷ ହେବା ମାତ୍ରେ ଠିକାଦାର ମାନଙ୍କୁ ଆସନ୍ତା ଜୁନ୍ ମାସ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନୋଟିସ୍ ଦେବା, ଜମି ଅଧିଗ୍ରହଣ ସମସ୍ୟାର ଶୀଘ୍ର ସମାଧାନ କରିବା ଓ ପିଚୁ ରାସ୍ତା କାମ ତୁରନ୍ତ ଆରମ୍ଭ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସରକାରୀ ସୌଧ ନିର୍ମାଣ କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ତ୍ୱରାନ୍ୱିତ କରିବା, ବ୍ୟାସନଗର ଷ୍ଟାଡିୟମ୍‌ର ପାଚେରୀ ନିର୍ମାଣ ଓ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ସ୍ୱିମିଙ୍ଗ ପୁଲ୍ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଥିଲେ।

ଗାଁରୁ ଜାତୀୟ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚିଲା ଓଡ଼ିଶାର ମୁଣ୍ଡା ଆଦିବାସୀଙ୍କ କଳା ଓ ସଂସ୍କୃତି

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଜାତୀୟ ଏକତା ଦିବସ ୨୦୨୬ ସମାରୋହରେ ମୁଣ୍ଡା ଅଦିବାସୀ ମାନଙ୍କର ପାରମ୍ପରିକ ନୃତ୍ୟକୁ ମିଳିଲା ସ୍ଥାନ । ଗର୍ବିତ ହେଲା ଓଡ଼ିଶାର ମୁଣ୍ଡା ସମାଜ। ଗୁଜରାଟର ନର୍ମଦା ଜିଲ୍ଲା ଅନ୍ତର୍ଗତ ଏକତା ନଗର (କେଭାଡ଼ିଆ) ଠାରେ ଗତ ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଜାତୀୟ ଏକତା ଦିବସ ସମାରୋହରେ ଓଡ଼ିଶାର ମୁଣ୍ଡା ଆଦିବାସୀ ନୃତ୍ୟଦଳ ଅଂଶଗ୍ରହଣ କରି ପ୍ରଶଂସା ସାଉଁଟିଛନ୍ତି। ଏହି ଅବସରରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ନାଟ୍ୟ ବିଦ୍ୟାଳୟ ପକ୍ଷରୁ ପରିବେଷିତ 'ନକ୍ସଲ ମୁକ୍ତ ଭାରତ' ନାଟକରେ ଓଡ଼ିଶାର ପାରମ୍ପରିକ ମୁଣ୍ଡା କରମ ନୃତ୍ୟକୁ ସାମିଲ କରାଯାଇଥିଲା। ଏଥିରେ ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର କଳାକାରମାନେ ଯୋଗଦେଇଥିଲେ।



ଅଧିକାଂଶ କଳାକାର 'ମୁଣ୍ଡାରୀ ସାସାଂକିର୍ ସାଓ୍ୱାଁର୍ ଗୁଟୁଗାମ୍, ମୟୂରଭଞ୍ଜ' ସଂଗଠନ ସହିତ ଜଡ଼ିତ ଓ ମୁଣ୍ଡା ମାନଙ୍କର ପାରମ୍ପରିକ କରମ/ଯାଦୁର ନୃତ୍ୟଦଳ ଜାତୀୟ ସ୍ତରରେ ନିଜର ପାରମ୍ପରିକ କଳା, ସଂସ୍କୃତି ଓ ନୃତ୍ୟକୁ ପରିଚିତ କରାଇବାରେ ସଫଳ ହୋଇଛନ୍ତି। ଏହି ଜାତୀୟ ସ୍ତର ସମାରୋହରେ ଦେଶର ୨୦ଟି ବିଭିନ୍ନ ଆଦିବାସୀ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥିଲେ। ଅନ୍ନପୂର୍ଣ୍ଣା ସିଂ, ସଭାପତି, ବାଲେଶ୍ୱର ମୁଣ୍ଡା ଯୁବ ଛାତ୍ର ସଂଗଠନ ଓ ଲକ୍ଷ୍ମୀରାମ ସିଂ, ସାଧାରଣ ସମ୍ପାଦକ, ମୁଣ୍ଡାରୀ ୟୁଟ୍ୟୁବର, ପ୍ରଦ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ୍ -ମାଏପାଙ୍କ ନେତୃତ୍ୱରେ ତଥା ସୁରେନ୍ଦ୍ରନାଥ ସିଂ, ଉପ ସଭାପତି, ମୁଣ୍ଡାରୀ ସାସାଂକିର୍ ସାଓ୍ୱାଁର୍ ଗୁଟୁଗାମ୍, ରଥ ସିଂ, ମ୍ୟାନେଜର, ମୁଣ୍ଡାରୀ ସାସାଂକିର୍ ସାଓ୍ୱାଁର୍ ଗୁଟୁଗାମ୍, ଲକ୍ଷ୍ମଣ ସିଂ, ଆଖାଳା ଗୁରୁ, ମୁଣ୍ଡାରୀ ସାସାଂକିର୍ ସାଓ୍ୱାଁର୍ ଗୁଟୁଗାମ୍ ଓ ମହେନ୍ଦ୍ର ସିଂ, ସକ୍ରିୟ ସଦସ୍ୟ, ମୁଣ୍ଡାରୀ ସାସାଂକିର୍ ସାଓ୍ୱାଁର୍ ଗୁଟୁଗାମ୍‌ଙ୍କ ପ୍ରୟାସରେ ୩୨ ଜଣିଆ ଏହି ନୃତ୍ୟଦଳ ଗତ ୧୯/୧୦/୨୦୨୬ ତାରିଖ ଦିନ ବାରିପଦାରୁ ଗୁଜରାଟ ଅଭିମୁଖେ ଯାତ୍ରା କରିଥିଲା। ଏକତା ନଗରରେ ପହଞ୍ଚିବା ପରେ ଅକ୍ଟୋବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ନାଟ୍ୟ ବିଦ୍ୟାଳୟର ନିର୍ଦ୍ଦେଶକ ଓ ପ୍ରଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭ୍ୟାସ ଶିବିରରେ କଳାକାରମାନେ ଯୋଗଦେଇଥିଲେ। ଦୀର୍ଘ ୯ ଦିନର କଠିନ ଅଭ୍ୟାସ ଓ ପ୍ରସ୍ତୁତି ପରେ ଅକ୍ଟୋବର ୩୧ ତାରିଖରେ ଜାତୀୟ ଏକତା ଦିବସର ମୁଖ୍ୟ କାର୍ଯ୍ୟକ୍ରମରେ 'ନକ୍ସଲ ମୁକ୍ତ ଭାରତ' ନାଟକ ପରିବେଷିତ ହୋଇଥିଲା। ଜାତୀୟ ସ୍ତରର ଏଭଳି ଏକ ବିଶାଳ ମଞ୍ଚରେ ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟକୁ ସ୍ଥାନ ମିଳିବା ମୁଣ୍ଡା ସମାଜ ତଥା ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ଗ୍ରାମାଞ୍ଚଳରେ ରହିଥିବା ଆଦିବାସୀ କଳା ଓ ସଂସ୍କୃତିର ସମୃଦ୍ଧ ପରମ୍ପରାକୁ ଜାତୀୟ ସ୍ତରରେ ପହଞ୍ଚାଇବା ସହ ଆଗାମୀ ପିଢ଼ିକୁ ନିଜର ଭାଷା, ପରମ୍ପରା ଓ ସଂସ୍କୃତିର ସୁରକ୍ଷା ତଥା ପ୍ରସାର ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।



ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଶସ୍ୟ କାଟ ପରୀକ୍ଷଣ

କେନ୍ଦୁଝର, ନ୍ୟୁଜ୍

ଚଳିତ କୃଷି ବର୍ଷ୨୦୨୬-୨୭ ନିମନ୍ତେ ଖରିଫ୍ ୨୦୨୬ରେ ଜିଲ୍ଲା ସ୍ତରୀୟ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ଶସ୍ୟ କାଟ ପରୀକ୍ଷଣ (ସିସିଇ)ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଦରବାର୍ ହଲରେ ଗତ ଦୁଇଦିନ ଧରି ଦୁଇଟି ବ୍ୟାଚ୍‌ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ପ୍ରଥମ ବ୍ୟାଚ୍ ତା.୦୩.୧୧.୨୦୨୬ରେ ଆନନ୍ଦପୁର, ଘଟିପୁରା, ହରିଚନ୍ଦନପୁର, ହାଟଡିହି, ପାଟଣା, ସାହରପଡା, ତେଲକୋଇ ବ୍ଲକର ୧୦୬ ଜଣ, ଦ୍ୱିତୀୟ ବ୍ୟାଚ୍ ତଥା ଶେଷ ଦିନ ତା. ୦୪.୧୧.୨୦୨୬ ରେ ବାଂସପାଳ, ଚମ୍ପୁଆ, ଘଟଗାଁ, ଝୁମ୍ପୁରା, ଯୋଡା, କେନ୍ଦୁଝର ସଦର ବ୍ଲକର ୯୫ ଜଣ, ଏହିପରି ସର୍ବମୋଟ୍ ୨୦୧ ଜଣଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ଏହି ତାଲିମ୍ କାର୍ଯ୍ୟରେ ଶସ୍ୟ କାଟ୍ ପରୀକ୍ଷା ନିମନ୍ତେ ନିୟୋଜିତ ହେଇଥିବା ଜିଲ୍ଲାର ସମସ୍ତ ତହସିଲର ସଂପୃକ୍ତ ୫୩ ଜଣ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସମସ୍ତ ବ୍ଲକର ସଂପୃକ୍ତ ୧୧୮ ଜଣ କୃଷି ଓଭରସିୟର, ଭିଏଡବ୍ଲୁ ଏବଂ ସମସ୍ତ ବ୍ଲକର ୩୦ ଜଣ ଗୋଷ୍ଠୀ ପରିସଂଖ୍ୟାନ ଅଧିକାରୀ, ପରିସଂଖ୍ୟାନ ପର୍ଯ୍ୟବେକ୍ଷକ ଓ ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯୋଗଦେଇଥିଲେ । ଚଳିତ ବର୍ଷ ହରିଚନ୍ଦନପୁର ବ୍ଲକର ଦଇତାରି ଓ ଯୋଡ଼ା ବ୍ଲକର ଜୁରୁଡ଼ି ପଞ୍ଚାୟତକୁ ଛାଡି ଜିଲ୍ଲାର ସମସ୍ତ ବ୍ଲକର ୨୯୫ ପଞ୍ଚାୟତ ଏବଂ ସମସ୍ତ ୫ଟି ମ୍ୟୁନିସିପାଲିଟି ଏବଂ ଏନ୍.ଏ.ସିରେ ଅନ୍‌ଲାଇନ୍‌ରେ ମୋବାଇଲ୍ ଆପ୍ ମାଧ୍ୟମରେ ଧାନ ଶସ୍ୟ କାଟ୍ ହୋଇ କେନ୍ଦୁଝର ଜିଲ୍ଲାରେ ଧାନ ଉତ୍ପାଦନ ସମ୍ବନ୍ଧିୟ ତଥ୍ୟ ଆକଳନ ପାଇଁ ସରକାରଙ୍କୁ ଫର୍ମ ୮ରେ ତଥ୍ୟ ପ୍ରଦାନ କରାଯିବ । ଏହି ତାଲିମ୍ କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ପରିସଂଖ୍ୟାନ ଅଧିକାରୀ କାଜଲ ବେହେରା, ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରୀ ମାଧୁରୀପ୍ରିୟା ହନାଗା, ପ୍ରଶାନ୍ତ ପ୍ରଧାନ, ଆଲୋକ କୁମାର ସାହୁ, ଦୋଳମଣି ହଂସ, ବିଷ୍ଣୁପ୍ରିୟା ଓଝା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ମଦ ବିରୋଧୀ ଆନ୍ଦୋଳନ ତୀବ୍ର, ପ୍ରଶାସନର କଠୋର ପଦକ୍ଷେପ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲାରେ ମଦ ବିରୋଧରେ ମହିଳାମାନଙ୍କ ଜନଆନ୍ଦୋଳନ ତୀବ୍ର ହେବାରେ ଲାଗିଥିବା ବେଳେ, ଜିଲ୍ଲା ପ୍ରଶାସନ ପକ୍ଷରୁ ବେଆଇନ୍ ଦେଶୀ ମଦ କାରବାର ଉପରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନର ମିଳିତ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି। ଏହି କ୍ରମରେ ଉମରକୋଟ ବ୍ଲକ ଅନ୍ତର୍ଗତ ଚଢେଇଗୁଡ଼ା ଗ୍ରାମରେ ଏକ ବଡ଼ ଧରଣର ମିଳିତ ଚଢଉ କରାଯାଇଛି। ଉମରକୋଟ ଅତିରିକ୍ତ ତହସିଲଦାର ଏହି ଚଢଉ ବେଳେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ସମଗ୍ର ଅପରେସନ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଚଢଉ ସମୟରେ ଜଙ୍ଗଲ ଓ ନଦୀ କୂଳ ନିକଟରେ ଚାଲିଥିବା ବେଆଇନ୍ ମଦ ଭାଟିଗୁଡ଼ିକୁ ଭାଙ୍ଗି ଦିଆଯିବା ସହ ପ୍ରାୟ ୫୦୦ କିଲୋଗ୍ରାମ ମହୁଲ ପୋଚ ଏବଂ ମଦ ତିଆରି ସାମଗ୍ରୀ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏହି ବେଆଇନ୍ କାରବାରରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧରେ ଅବକାରୀ ନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ବେଆଇନ୍ ମଦ କାରବାର ଯୋଗୁଁ ଘରୋଇ ହିଂସା ଓ ସାମାଜିକ ଅଶାନ୍ତି ବୃଦ୍ଧି ପାଉଥିବାରୁ, ଗତ କିଛି ଦିନ ହେବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ମହିଳାମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ମହିଳାଙ୍କ ଏହି ଆନ୍ଦୋଳନ ପରେ ପ୍ରଶାସନର ଏହି ତ୍ୱରିତ ଓ କଠୋର ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ଜୋରଦାର୍ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

କେନ୍ଦ୍ରାପଡ଼ା ଜିଲ୍ଲାରେ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଦିବସର ବିଷୟ ବସ୍ତୁ 'ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠି ଭିତ୍ତିକ ବିହନ ବ୍ୟବସ୍ଥା ଓ କୃଷି ଜୈବ ବିବିଧତା' 'ବିଷୟରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କେନ୍ଦ୍ରାପଡ଼ା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଦୟାନିଧି ବଳ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡା. ତାପସ ରଂଜନ ସାହୁ ଓ ଗାୟତ୍ରୀ ସାହୁ, ମାନସୀ ମଧୁବସିନି ପଶାୟତ କୃଷି ଜିଲ୍ଲା ଅଧିକାରୀ କେନ୍ଦ୍ରାପଡ଼ା, ଡ. ସନ୍ଧ୍ୟାରାଣୀ ଦାସ, କୃଷି ଜିଲ୍ଲା ଅଧିକାରୀ ପଟ୍ଟାମୁଣ୍ଡାଇ, ସମସ୍ତ



ବ୍ଲକର କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ସହକାରୀ କୃଷି ନିର୍ଦ୍ଦେଶକ ମୃତ୍ତିକା ରସାୟନବିତ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀ ଭିତ୍ତିକ ବିହନ ବ୍ୟବସ୍ଥା ଓ କୃଷି ଜୈବ ବିବିଧତାରେ ମହିଳାଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଉକ୍ତ ଅବସରରେ ମାଣ୍ଡିଆ ଓ ବିଭିନ୍ନ ଶସ୍ୟ, ପାରମ୍ପରିକ ଖାଦ୍ୟ ପଦାର୍ଥର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ଏବଂ ଅତିଥିମାନେ ଘୁରି ବୁଲି ଦେଖିଥିଲେ ଏବଂ ମିଲେଟ୍‌ରୁ ପ୍ରସ୍ତୁତ ଖାଦ୍ୟର ବହୁ ପ୍ରଶଂସା ମଧ୍ୟ କରିଥିଲେ। ସହକାରୀ କୃଷି ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ମାନସୀ ମଧୁ ବାସିନୀ ପଶାୟତ, କୃଷି ଜିଲ୍ଲା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲା ସଂଯୋଜକ, ମିଲେଟ୍ ମିଶନ ପ୍ରୀତମ ପ୍ରିୟବ୍ରତ ଚାନ୍ଦ, ମୋନାଲିସା ନାୟକ, ପ୍ରୀତି ରଞ୍ଜନ ପ୍ରଧାନ, ବ୍ଲକ୍ ସଂଯୋଜକ ଶାନ୍ତି ମୈତ୍ରୀ କେନ୍ଦ୍ରାପଡ଼ା, ଡେରାବିଶ, ନୂରଣୀ /ହଳଧର କୃଷକ ଉତ୍ପାଦକ ସଂଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମିଲେଟ୍ ଚାଷୀ ଭାବେ ୩ ଜଣ କେନ୍ଦ୍ରାପଡ଼ା ଓ ୩ ଜଣ ଡେରାବିଶ ବ୍ଲକ୍‌ରୁ ଲକ୍ଷ୍ମୀ ନାରାୟଣ ସ୍ୱୟଂସହାୟକ ଗୋଷ୍ଠୀ, ଡେରାବିଶ, ମା' ଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀ କେନ୍ଦ୍ରାପଡ଼ାର ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଡେରାବିଶ ବ୍ଲକ୍ ପୁରସ୍କୃତ ହୋଇଥିଲେ।

ଆଧୁନିକ ଆଲୋକରେ ଫିକା ପଡୁଛି ମାଟି ଦୀପର ଚାହିଦା

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଆଲୋକର ପର୍ବ ଦୀପାବଳି ପର୍ବକୁ ନେଇ ବଜାରରେ ଉତ୍ସାହ ଦେଖାଦେଇଥିବା ବେଳେ ଗ୍ରାମାଞ୍ଚଳର କୁମ୍ଭକାର ପରିବାର ଗୁଡ଼ିକରେ ଆରମ୍ଭ ହୋଇଛି ମାଟି ଦୀପ ପ୍ରସ୍ତୁତିର ଶେଷ ପର୍ଯ୍ୟାୟ। ଦିନରାତି ଏକ କରି ଦୀପ ଗଢ଼ିବାରେ ଲାଗିଛନ୍ତି କାରିଗର। ହେଲେ ସମୟ ବଦଳିବା ସହ ଦୀପାବଳିର ଆଲୋକସଜ୍ଜାରେ ମଧ୍ୟ ଆସିଛି ପରିବର୍ତ୍ତନ। ବିଭିନ୍ନ ଡିଜାଇନ୍‌ର ଆଲୋକମାଳା, ରଙ୍ଗିନ ଏଲ୍‌ଇଡି ଲାଇଟ୍ ଓ ବୈଦ୍ୟୁତିକ ଦୀପର ଆକର୍ଷଣ ଭିତରେ ମାଟି ଦୀପର ପୂର୍ବ ଚାହିଦା ଧୀରେ ଧୀରେ ହ୍ରାସ ପାଉଥିବା ଚିନ୍ତାର କାରଣ ପାଲଟିଛି। ବୌଦ୍ଧ ସହର ଉପକଣ୍ଠ ହରଭଙ୍ଗା ବ୍ଲକର ସରସରା ପଞ୍ଚାୟତ ଅନ୍ତର୍ଗତ ମାଉଳିସିଙ୍ଗା ଗ୍ରାମରେ ଅନେକ କୁମ୍ଭକାର ପରିବାରଙ୍କ ଜୀବନଜୀବିକା ମାଟି କାରିଗରି ଉପରେ ନିର୍ଭରଶୀଳ। ପିଢ଼ି ପରେ ପିଢ଼ି ଏହି ପରିବାରଗୁଡ଼ିକ ମାଟିରେ ବିଭିନ୍ନ ସାମଗ୍ରୀ ଗଢ଼ି ହାଟବଜାରରେ ବିକ୍ରି କରି ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଦୀପାବଳି ଏମାନଙ୍କ ପାଇଁ ବର୍ଷର ଅନ୍ୟତମ ପ୍ରମୁଖ ରୋଜଗାରର ସୁଯୋଗ। ଏହି ସମୟରେ ମାଟି ଦୀପର ଚାହିଦା ବଢୁଥିବାରୁ ଦୁଇ ମାସ ପୂର୍ବରୁ ହିଁ ସେମାନେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି। ଛୋଟ ଦୀପ ଠାରୁ ବଡ଼



ଦୀପ, କଳସ ଦୀପ ଓ ରୁଖା ଆଦି ବିଭିନ୍ନ ପ୍ରକାରର ସାମଗ୍ରୀ ତିଆରି କରିଥାନ୍ତି କାରିଗର। ସାଧାରଣ ମଧ୍ୟମ ଆକାରର ଗୋଟିଏ ଦୀପର ମୂଲ୍ୟ ପ୍ରାୟ ଏକ ଟଙ୍କା ରହିଥିବା ବେଳେ ଆକାର ଓ ଡିଜାଇନ୍ ଅନୁଯାୟୀ ଅନ୍ୟ ଦୀପର ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। ତେବେ ଦୀପ ତିଆରି କରିବା ଯେତିକି ସହଜ ଦେଖାଯାଏ, ଏହା ପଛରେ ରହିଛି ସେତିକି ପରିଶ୍ରମ। ପ୍ରଥମେ ମାଟି ସଂଗ୍ରହ କରି ତାହାକୁ ପାଗ କରାଯାଏ। ପରେ ଚକରେ ଦୀପ ଗଢ଼ି ଖରାରେ ଶୁଖାଇବାକୁ ଦୁଇ ଦିନ ସମୟ ଲାଗେ। ଶୁଖିବା ପରେ କାଠ ଭାଟିରେ ପୋଡ଼ିବାକୁ ଆଉ ଗୋଟିଏ ଦିନ ଆବଶ୍ୟକ ହୁଏ। ଏହିପରି ଗୋଟିଏ ପର୍ଯ୍ୟାୟର ଦୀପ ପ୍ରସ୍ତୁତି ପାଇଁ ପ୍ରାୟ ୫ ଦିନ ସମୟ ଲାଗିଥାଏ। ଏକଦା ଦୀପାବଳି ଆସିଲେ ଘରର ପ୍ରତ୍ୟେକ କୋଣ, ତୁଳସୀ ଚଉରା ଓ ଦେବାଦେବୀଙ୍କ ମନ୍ଦିର ମାଟି ଦୀପର ଆଲୋକରେ ଝଲସି ଉଠୁଥିଲା। ହେଲେ ଆଜିର ଆଧୁନିକ ଯୁଗରେ ଆଲୋକସଜ୍ଜାର ନୂଆନୂଆ ଶୈଳୀ ଲୋକଙ୍କୁ ଆକୃଷ୍ଟ କରୁଛି। ବଜାରରେ ଶସ୍ତା ଓ ଆକର୍ଷଣୀୟ ବୈଦ୍ୟୁତିକ ଆଲୋକମାଳା ସହ ବିଭିନ୍ନ ଡିଜାଇନ୍‌ର ଦୀପ ଉପଲବ୍ଧ ହେଉଥିବାରୁ ଅନେକ ଲୋକ ଏହାକୁ ପ୍ରାଥମିକତା ଦେଉଛନ୍ତି। ଫଳରେ ପୂର୍ବବର୍ଷ ଗୁଡ଼ିକ ତୁଳନାରେ ମାଟି ଦୀପର ବିକ୍ରି ଓ ଚାହିଦା କମୁଥିବା କାରିଗରଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ତଥାପି ମାଟି ଦୀପର ମହତ୍ତ୍ୱ କେବଳ ଆଲୋକ ପ୍ରଦାନରେ ସୀମିତ ନୁହେଁ। ଏହା ସହ ଜଡ଼ିତ ରହିଛି ଆମ ପରମ୍ପରା ଓ ଧାର୍ମିକ ବିଶ୍ୱାସ। ମାଟିର ସୁଗନ୍ଧ ଓ ତେଲବତୀର ଶାନ୍ତ ଆଲୋକରେ ରହିଛି ଏକ ଭିନ୍ନ ଆତ୍ମୀୟତା। ଆଧୁନିକ ଆଲୋକସଜ୍ଜା ଘରକୁ ଝଲସାଇ ପାରେ, କିନ୍ତୁ ପାରମ୍ପରିକ ମାଟି ଦୀପର ସାଂସ୍କୃତିକ ପରିଚୟକୁ ପୂରଣ କରିପାରିବ ନାହିଁ। ତେଣୁ ଏହି ପାରମ୍ପରିକ କଳା ଓ କୁମ୍ଭକାରଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଦୀପାବଳିରେ ମାଟି ଦୀପ ବ୍ୟବହାର ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ଜରୁରୀ।



ରାଜସ୍ୱ ମାମଲାର ତୁରନ୍ତ ସମାଧାନ ଓ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲ୍ଲାପାଳ ଅରୁଣକୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ବିଚାରାଧୀନ ଥିବା ରାଜସ୍ୱ ମାମଲାକୁ ତୁରନ୍ତ ସମାଧାନ କରି ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା, ରାଜସ୍ୱ ଆଦାୟ, ଜିଲ୍ଲାରେ ସରକାରୀ ଜମିଗୁଡିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଦଖଲରେ ରଖିଥିବାରୁ ଜନସାଧାରଣଙ୍କ ସମସ୍ୟା ଉପୁଜୁଛି। ଏଗୁଡିକୁ ସେମାନଙ୍କ କବଳରୁ ମୁକ୍ତ କରିବା, ଜିଲ୍ଲାରେ ବେଆଇନ୍ ଭାବେ ବିକ୍ରି ହେଉଥିବା ଚୋରା ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଚଢଉ କରି ଧରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲ୍ଲାରେ ବେଆଇନ୍ ଭାବେ ନେଉଥିବା ବାଲି ଗାଡିଗୁଡିକୁ ଜବତ କରି ଜରିମାନା ଆଦାୟ କରିବା, ସରକାରୀ ଜମିରୁ ବେଆଇନ୍ ଭାବେ ମାଟି ଉଠାଉଥିବା ଟ୍ରାକ୍ଟରଗୁଡିକୁ ଜବତ କରିବା ପାଇଁ ଏହି ସମୀକ୍ଷା ବୈଠକରେ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆୟ ପ୍ରମାଣ ପତ୍ର, ବାସସ୍ଥାନ, ସ୍କୁଲ ଛାତ୍ରଛାତ୍ରୀଙ୍କର ବିଭିନ୍ନ ପ୍ରମାଣପତ୍ର ଗୁଡିକ ତୁରନ୍ତ ପ୍ରଦାନ ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛି। ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ଅଧିକାରୀଙ୍କ ସମେତ ଅବକାରୀ ଅଧିକ୍ଷକ, ଜିଲ୍ଲାଖଣି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଦହନଶୀଳ ସାମଗ୍ରୀ ପରିବହନ ଏଡାଇବାକୁ ରାୟଗଡ଼ା ରେଳ ମଣ୍ଡଳର ସୁରକ୍ଷା ଅଭିଯାନ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ଟ୍ରେନ୍‌ରେ ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନ୍ ଆଦି ଦହନଶୀଳ ଓ ବିସ୍ଫୋରକ ସାମଗ୍ରୀ ବହନ କରିବା ରେଳ ଆଇନ୍ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ଅପରାଧୀଙ୍କୁ କାରାଦଣ୍ଡ ହୋଇପାରେ। ଯାତ୍ରୀମାନଙ୍କ ରେଳଯାତ୍ରାକୁ ଅଧିକ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ଯାତ୍ରୀମାନଙ୍କୁ ଟ୍ରେନ୍‌ରେ ଏଭଳି ଦହନଶୀଳ ଓ ବିସ୍ଫୋରକ ସାମଗ୍ରୀ ନିଜେ ବହନ ନକରିବା ସହ ଅନ୍ୟ ଯାତ୍ରୀଙ୍କୁ ମଧ୍ୟ ଏହା ବହନ କରିବାକୁ ବାରଣ କରିବା ପାଇଁ ଅନୁରୋଧ କରାଯାଇଛି। ଆଗାମୀ ଦୀପାବଳି ପର୍ବକୁ ଦୃଷ୍ଟିରେ ରଖି ଟ୍ରେନ୍‌ରେ ବାଣ ପରିବହନ ଏଡାଇବା ପାଇଁ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି। ଟ୍ରେନ୍‌ରେ ଦହନଶୀଳ ସାମଗ୍ରୀ ବହନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। ଦୀପାବଳି ଉତ୍ସବ ସମୟରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଲାଗି ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂହଲ ସମ୍ପୃକ୍ତ ଅଧିକାରୀମାନଙ୍କୁ ଟ୍ରେନ୍ ଓ ଷ୍ଟେସନ୍‌ଗୁଡ଼ିକରେ କଡ଼ା ନଜର ରଖିବା ସହ ସ୍ୱତନ୍ତ୍ର ସୁରକ୍ଷା ଯାଞ୍ଚ ଅଭିଯାନ ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଯାତ୍ରୀଙ୍କୁ ଟ୍ରେନ୍‌ରେ ଦହନଶୀଳ କିମ୍ବା ବିସ୍ଫୋରକ ସାମଗ୍ରୀ ବହନ କରୁଥିବା ଦେଖାଯାଏ, ତେବେ ସହଯାତ୍ରୀମାନେ ତୁରନ୍ତ ରେଳ ସୁରକ୍ଷା ବଳ (RPF), ସରକାରୀ ରେଳବାଇ ପୋଲିସ (GRP), ଟିଟିଇ, କୋଚ୍ ଆଟେଣ୍ଡାଣ୍ଟ, ଟ୍ରେନ୍ ଗାର୍ଡ କିମ୍ବା ଷ୍ଟେସନ୍ ମ୍ୟାନେଜରଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଟ୍ରେନ୍‌ରେ ଯାତ୍ରା କରୁଥିବା ଅନ୍ୟ ଯାତ୍ରୀମାନଙ୍କୁ ସମ୍ଭାବ୍ୟ ବିପଦରୁ ରକ୍ଷା କରାଯାଇପାରିବ। ଟ୍ରେନ୍‌ରେ ବାଣ କିମ୍ବା ଅନ୍ୟାନ୍ୟ ନିଷିଦ୍ଧ ଦହନଶୀଳ ସାମଗ୍ରୀ ପରିବହନ ସମ୍ପର୍କିତ ଯେକୌଣସି ଘଟଣା ଜଣାଇବା ପାଇଁ ଯାତ୍ରୀମାନେ ରେଳବାଇ ହେଲ୍ପଲାଇନ୍ ନମ୍ବର ୧୩୯ରେ ଯୋଗାଯୋଗ କରିପାରିବେ। ଏଥିସହ ରାୟଗଡ଼ା ଡିଭିଜନର ସୁରକ୍ଷା ବିଭାଗ ପକ୍ଷରୁ ଯାତ୍ରୀ ଓ ରେଳ ବ୍ୟବହାରକାରୀଙ୍କୁ ବାଣ ଏବଂ ବିସ୍ଫୋରକ ସାମଗ୍ରୀ ଟ୍ରେନ୍‌ରେ ବହନ କରିବାର ବିପଦ ସମ୍ପର୍କରେ ସଚେତନ କରାଯାଉଛି। ସନ୍ଦେହଜନକ ପରିସ୍ଥିତିରେ ଟ୍ରେନ୍‌ଗୁଡ଼ିକରେ ଆକସ୍ମିକ ଓ ଅଚାନକ୍ ଯାଞ୍ଚ ମଧ୍ୟ କରାଯାଉଛି। ଏହା ବ୍ୟତୀତ ଷ୍ଟେସନ୍ ଗୁଡ଼ିକରେ ଘୋଷଣା ମାଧ୍ୟମରେ ଯାତ୍ରୀମାନଙ୍କୁ ଏ ସମ୍ପର୍କରେ ସଚେତନ କରାଯାଉଛି। RPF ଓ GRP ସହ ସମନ୍ୱୟ ରକ୍ଷା କରି ରେଳ କର୍ମଚାରୀମାନଙ୍କ ଦ୍ୱାରା ଷ୍ଟେସନ୍ ଓ ଟ୍ରେନ୍‌ରେ ନିୟମିତ ଏବଂ ଆକସ୍ମିକ ଯାଞ୍ଚ କରାଯିବ। ପାର୍ସଲ୍ ଭ୍ୟାନ୍‌ରେ ଲୋଡ୍ ହେଉଥିବା ପାର୍ସଲ୍ ଓ ଲଗେଜ୍‌ର ଯାଞ୍ଚ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ଟ୍ରେନ୍ ଏସ୍କର୍ଟିଂ ଟିମ୍ ଏବଂ 'ମେରି ସହେଲୀ' ଟିମ୍‌କୁ ମଧ୍ୟ ଟ୍ରେନ୍ ଓ ଷ୍ଟେସନ୍‌ଗୁଡ଼ିକରେ ଦହନଶୀଳ ସାମଗ୍ରୀର ଅବୈଧ ପରିବହନ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ରାୟଗଡ଼ା ଡିଭିଜନ୍ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଓ ନିରାପଦ ଦୀପାବଳି ପାଳନ କରିବା ସହ ରେଳଯାତ୍ରା ସମୟରେ ବାଣ ଓ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀ ବହନ ନକରିବାକୁ ଅନୁରୋଧ କରୁଛି। ଆପଣଙ୍କ ସତର୍କତା ହିଁ ସମସ୍ତଙ୍କ ସୁରକ୍ଷା।



ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ରୋଡ ପୋଲିସ ଗୁରୁବାର ସକାଳେ ବିଶେଷ ସୂତ୍ରରୁ ଖବରପାଇ ସୋବାର ଗଳିପୋଲ ନିକଟରେ ଚଢ଼ଉ କରି ଜଣେ ବ୍ୟକ୍ତି ଠାରୁ ୧୦.୨୩ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ବ୍ରାଉନ୍ ସୁଗାର ଆନୁମାନିକ ମୂଲ୍ୟ ୪୦ ହଜାରୁ ଉର୍ଦ୍ଧ୍ୱ ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜିଲ୍ଲା ଟମକା ଥାନା ବାଙ୍ଗରକୋଟା ଡାହାଣୀ ଗାଡ଼ିଆ ଗ୍ରାମର ବିଜୟ କୁମାର ରାଉତ (୩୫) ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଅଭିଯୁକ୍ତ ଜଣକ ବାଇକ୍‌ରେ ବ୍ରାଉନ୍ ସୁଗାର ଆଣି ଉକ୍ତ ଫାୟାର୍ ଷ୍ଟେସନ୍ ମିଲେଟାରି ବାଇପାସ୍ ରାସ୍ତାର ସୋବାର ଗଳିପୋଲ ତଳେ ଗ୍ରାହକ ଅପେକ୍ଷାରେ ଥିଲା। ପୋଲିସ ଅଭିଯୁକ୍ତ ନିକଟରୁ ବାଇକ୍ ସହ ୨ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରିଛି। ପୋଲିସ ଥାନା କେସ୍ ନଂ ୬୨୮/ ୨୬ରେ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟକୁ ଚାଲାଣ କରାଯାଇଥିଲା । ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ରଗଡି ଉପକାରାଗାରକୁ ପଠାଇ ଦିଆଯାଇଥିବା ତଦନ୍ତ ଅଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଏସଆଇ ମାନସ ସାହୁ ଓ ଏଏସଆଇ କେଶବ ସାହୁ ସାମିଲ ଥିଲେ।

ଗଣତନ୍ତ୍ର ସୁରକ୍ଷା କ୍ଷେତ୍ରରେ ଲକ୍ଷ୍ମଣ ମଲ୍ଲିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ:ସୌମ୍ୟରଞ୍ଜନ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ



ସାରା ବିଶ୍ୱରେ ଗଣତନ୍ତ୍ରର ବିଶ୍ୱସନୀୟତା ଏବେ ସଙ୍କଟରେ। ଇସ୍ରାଏଲ୍ ନିର୍ବାଚନ ପରେ କୁହାଯାଉଛି ଗଣତନ୍ତ୍ରର ବିଜୟ ହୋଇଛି। ସେପଟେ ଆମେରିକାରେ ମଧ୍ୟବର୍ତ୍ତୀକାଳିନ ନିର୍ବାଚନ ପରେ ମଧ୍ୟ କୁହାଯାଉଛି ଗଣତନ୍ତ୍ରର ବିଜୟ ହୋଇଛି। ଆମ ଦେଶରେ ଉଭୟ ବିରୋଧୀ ଓ ଶାସକ କହୁଛନ୍ତି ଆମେ ଗଣତନ୍ତ୍ରକୁ ସୁରକ୍ଷା ଦେଉଛୁ। ଏଭଳି ସ୍ଥିତିରେ ଗଣତନ୍ତ୍ରର ମୂଲ୍ୟବୋଧକୁ ବର୍ଷୀୟାନ ନେତା ଲକ୍ଷ୍ମଣ ମଲ୍ଲିକ ପ୍ରତିନିଧିତ୍ୱ କରୁଥିଲେ ବୋଲି କହିଛନ୍ତି 'ସମ୍ବାଦ' ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ। ସ୍ଥାନୀୟ ଶାରଦା ମଣ୍ଡପ ଠାରେ ପୂର୍ବତନ ମନ୍ତ୍ରୀ, ସାଂସଦ, ବିଧାୟକ ଲକ୍ଷ୍ମଣ ମଲ୍ଲିକଙ୍କ ୧୨ତମ ଶ୍ରାଦ୍ଧ ଦିବସ ଓ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଲେ, ଗଣତନ୍ତ୍ରର ମୂଲ୍ୟବୋଧକୁ ବିଶ୍ୱାସ କରୁଥିବା ବ୍ୟକ୍ତି ଥିଲେ ଲକ୍ଷ୍ମଣ ମଲ୍ଲିକ। କାରଣ ସେହି ନେତାଙ୍କ ପାଖରେ ନୀତି, ନୈତିକତା ଦେଖିବାକୁ ମିଳୁଥିଲା। ଯାହା ଆଜିକାଲି ରାଜନୀତିରେ ଦେଖିବାକୁ ମିଳୁନି। ଲକ୍ଷ୍ମଣ ମଲ୍ଲିକଙ୍କ ଭଳି ନେତା ଓ ଭଲ ମଣିଷ ତିଆରି ହୋଇପାରିଲେ ଗଣତନ୍ତ୍ରର ସୁରକ୍ଷା ହୋଇପାରିବ। ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ 'ସମ୍ବୋଧନ' କରି କହିଲେ ଆମ ଭିତରୁ ହିଁ ତିଆରି ହେବାକୁ ପଡ଼ିବ। ୬୦ ବର୍ଷ ପରେ ନୂଆ ଜୀବନ ଆରମ୍ଭ ହୁଏ ବୋଲି ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିବା ସହ ବରିଷ୍ଠ ନାଗରିକଙ୍କୁ ନିଜର ଅଭିଜ୍ଞତାକୁ ବ୍ୟବହାର କରି ସମାଜରେ ପରିବର୍ତ୍ତନ କରିହେବ ବୋଲି କହିଥିଲେ। ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ସଭାପତି ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, ଶିକ୍ଷାବିତ ଉମାକାନ୍ତ ନାୟକ, ସ୍ମୃତି କମିଟିର ଉପଦେଷ୍ଟା ନଟବର ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ ତଥା ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମାଜସେବୀ ତଥା ଆଇନଜୀବୀ ଭାଗ୍ୟଧର ଜେନା, ସମାଜସେବୀ ରମାକାନ୍ତ ସାହୁ, ଯୁବନେତା ନଳିନୀ ସ୍ୱାଇଁ, ଯୁବନେତା ନିରଞ୍ଜନ ନାୟକଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃତୀ ଛାତ୍ରୀ ଅମ୍ରିତା ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତି କମିଟର ଉପସଭାପତି ମାନସ କୁମାର ରଥ ସ୍ୱଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ମୃତି କମିଟି ସମ୍ପାଦିକା ତଥା ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଝିଅ ପ୍ରତିମା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଗଣେଶ ମନ୍ଦିର ନିକଟରେ ତିଳତର୍ପଣ କରାଯାଇଥିଲା ଓ ପୌରପରିଷଦ କାର୍ଯ୍ୟାଳୟରେ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

୧୫୦୦ରୁ ଉର୍ଦ୍ଧ୍ୱ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବାଣ୍ଟିଲା ନୀଳକଣ୍ଠେଶ୍ୱର ମନ୍ଦିର ସେବା ପ୍ରତିଷ୍ଠାନ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ



ବିପଦରେ ବନ୍ଧୁ ହୋଇ ଛିଡ଼ା ହେବା ହିଁ ପ୍ରକୃତ ମାନବିକତାର ପରିଚୟ। ଗଞ୍ଜାମ ଜିଲ୍ଲାର ବନ୍ୟାବିପନ୍ନ ତଥା ଦୁର୍ଗମ ଅଞ୍ଚଳରେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଥିବା ବେଳେ ଅସହାୟ ଲୋକଙ୍କ ସହାୟତା ପାଇଁ ମାନବିକତାର ହାତ ବଢ଼ାଇଛି ବ୍ରହ୍ମପୁର ସହରର ନୀଳକଣ୍ଠେଶ୍ୱର ମନ୍ଦିର ସେବା ପ୍ରତିଷ୍ଠାନ କମିଟି। କମିଟି ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇ ମାନବିକତା ଓ ସାମାଜିକ ସେବାର ଏକ ଉଦାହରଣ ସୃଷ୍ଟି କରାଯାଇଛି। ବନ୍ୟାର ଦୀର୍ଘ ସାତ ଦିନ ପରେ ମଧ୍ୟ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଲୋକଙ୍କ ନିକଟରେ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ପହଞ୍ଚିବାରେ ଅସୁବିଧା ଦେଖାଦେଇଥିଲା। ଏଭଳି ସଙ୍କଟମୟ ପରିସ୍ଥିତିରେ ବନ୍ୟା ପୀଡ଼ିତଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ନୀଳକଣ୍ଠେଶ୍ୱର ମନ୍ଦିର କମିଟି ପକ୍ଷରୁ ନୂଆଗଡ଼, ବ୍ରାହ୍ମଣୀଦେଇ ଓ ଆସିକା ଲକ୍ଷ୍ମୀବଜାର ଆଦି ଅଞ୍ଚଳରେ ରିଲିଫ୍ ବଣ୍ଟନ କାର୍ଯ୍ୟ କମିଟି ପକ୍ଷରୁ ହାତକୁ ନିଆଯାଇଥିଲା। ଚାଉଳ, ଆଳୁ, ସୋୟାବିନ୍, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ସହ ପଲାଉ, ଖୁରୁମା ଭଳି ରନ୍ଧନ ଖାଦ୍ୟ ଏବଂ ପ୍ୟାଣ୍ଟ, ସାର୍ଟ, ଲୁଙ୍ଗି, ଶାଢ଼ୀ, ଚାଦର ଭଳି ବସ୍ତ୍ର ସହ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ମହତ କାର୍ଯ୍ୟରେ ବ୍ରହ୍ମପୁର ସହରର ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ସେବା ପ୍ରତିଷ୍ଠାନ କମିଟିର ସଭାପତି କାଳୀକିଙ୍କର ପାତ୍ର, ଜଗଦୀଶ ପାଣିଗ୍ରାହୀ, ଅଜୟ କୁମାର ଦଳେଇ, ବି ପ୍ରଶାନ୍ତ ପାତ୍ର, କେଦାର ପାଣିଗ୍ରାହୀ, ଡି ବୀରଭଦ୍ର ରାଓ, ଜଗନ୍ନାଥ ପଣ୍ଡା, ଆକାଶ ମୂଳି, ସିଏଚ୍ ଶ୍ରୀନିବାସ ରାଓ, ମନୋଜ ପଣ୍ଡା, ମୋହନ ସ୍ୱାଇଁ, ରଞ୍ଜନ ଗୌଡ଼, ସୁକାନ୍ତ ପଣ୍ଡା, କୁମାର ବେହେରା, ଶମ୍ଭୁ କୁମାର ଦଳେଇ, ସୁନିଲ କୁମାର ସାହୁ, ଅଶ୍ୱିନୀ ପଟ୍ଟନାୟକ, ଶିବ ପ୍ରସାଦ ପଣ୍ଡା, ମୁକେଶ ରାଉଳ, ଶଙ୍କର ରାଉଳ ପ୍ରମୁଖ ଯୋଗଦେଇ ରିଲିଫ୍ ବଣ୍ଟନରେ ସକ୍ରିୟ ସହଯୋଗ କରିଥିଲେ। ଏହି ସେବା କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଥିଲେ ସାପ୍ତାହିକ ଖବରକାଗଜ 'ଓଁକାର ଦର୍ପଣ'ର ସମ୍ପାଦକ ଅନନ୍ତ ରାମ ପ୍ରଧାନ ଓ ଜିଲ୍ଲା ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ବେହେରା ମଧ୍ୟ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ। ଏଥିସହ ଋଷିକୁଲ୍ୟା ଡିଗ୍ରୀ କଲେଜ, ସୋରଡ଼ାର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର ପ୍ରୋଗ୍ରାମ ଅଫିସର ହୃଷୀକେଶ ମିଶ୍ରଙ୍କ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ରିଲିଫ୍ ବଣ୍ଟନରେ ସାମିଲ୍ ହୋଇ ସହଯୋଗ କରିଥିଲେ। ବନ୍ୟାବିପନ୍ନଙ୍କ ଦୁଃଖ ସମୟରେ ଏହି ସାମୂହିକ ସେବା କାର୍ଯ୍ୟ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିଛି। ଜାତି, ଧର୍ମ ଓ ବର୍ଗର ଉର୍ଦ୍ଧ୍ୱରେ ରହି ମାନବିକତାର ସେବା କରିବା ହିଁ ଏହି ଉଦ୍ୟମର ମୂଳ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ ପାଇଛି। ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଥିବା ସମସ୍ତ କମିଟି ସଦସ୍ୟ, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଓ ସହଯୋଗୀଙ୍କୁ କମିଟିର ସଭାପତି ଶ୍ରୀ ପାତ୍ର ଧନ୍ୟବାଦ ଜଣାଇଥିଲେ।



ପାଟଣାଗଡ଼ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପ ଖଣ୍ଡିୟ ସ୍ତରୀୟ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ସଂଘର ସଭାପତି ପ୍ରହଲ୍ଲାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚିତାଡୁଙ୍ଗୁରି ସ୍ଥିତ ଅଦ୍ୱୈତ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ବୈଠକ ପୂର୍ବରୁ ସଂଘର ଦୁଇଜଣ ସଦସ୍ୟ ପରଲୋକ ଘଟିଥିବାରୁ ତାଙ୍କର ଆତ୍ମା ଶାନ୍ତିରେ ରହୁ ବୋଲି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଭିନ୍ନ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷକରି ସଂଘରେ ନୂତନ ସଭ୍ୟ ନିଆଯିବା ସହ ସଂଘର ସ୍ଥାୟୀ ଗୃହ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକଙ୍କୁ ସାକ୍ଷାତ କରି ଆଲୋଚନା କରାଯିବା ପାଇଁ ପ୍ରସ୍ତାବ ନିଆଯାଇଥିଲା ଏବଂ ସମସ୍ତ ସଦସ୍ୟମାନଙ୍କୁ ଅନ୍ୟ ଜିଲ୍ଲାକୁ ପରିଭ୍ରମଣ ନେବା ପାଇଁ ଆଲୋଚନା କରାଯାଇଥିଲା । ସଂଘର ବୈଠକ ପର୍ଯ୍ୟାୟକ୍ରମେ ତିନୋଟି ବ୍ଲକ୍‌ରେ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକରୁ ଅଭୟ ତ୍ରିପାଠୀ, ନରେନ୍ଦ୍ର ଭୋଇ, ଜ୍ୟୋତିରଞ୍ଜନ ପଣ୍ଡା, ଉମାକାନ୍ତ ପ୍ରଧାନ, ତାପସ ରଞ୍ଜନ ବେହେରା, ଭୁବନେଶ୍ୱର ବାରିକ, କପିଳ ସୁନା ବେଲପଡ଼ା ବ୍ଲକ୍‌ରୁ ମନୋଜ ମିଶ୍ର, ମେଘ ସାହୁ, ଗଣେଶ ଦାସ ପାଟଣାଗଡ ବ୍ଲକରୁ ସଚିନାନନ୍ଦ ମହାକୁଡ଼, ଲଳିତ ମିଶ୍ର, ରାଜେଶ ଚାନ୍ଦ ପାଟଣାଗଡ ଏନ୍ଏସିରୁ ଲକ୍ଷ୍ମୀକାନ୍ତ ମିଶ୍ର , ପ୍ରବୀଣ କୁମାର ପୁରୋହିତ, ରଞ୍ଜନ ମେହେର, ସୁନିଲ ଚୋପଦାର, ଦିଲୀପ ଭୋଇ ସଂଘର କୋଷାଧ୍ୟକ୍ଷ ବଂଶୀଧର ସେଠ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସଂଘର ଆସନ୍ତା ବୈଠକ ବେଲପଡ଼ାରେ ହେବ ବୋଲି ନିଷ୍ପତି ନିଆଯାଇଥିଲା । ପରିଶେଷରେ ସଂଘର ସମ୍ପାଦକ ସଦାଶିବ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟାଳୟରେ ନାବାଳିକା ଛାତ୍ରୀଙ୍କ ସନ୍ତାନ ପ୍ରସବ ଘଟଣାର ନ୍ୟାୟିକ ତଦନ୍ତ ଦାବି କଲା ବିଜେଡ଼ି

ବାରିପଦା, ନ୍ୟୁଜ୍ ବ୍ୟୁରୋ



ମୟୂରଭଞ୍ଜ ଜିଲ୍ଲାର ଏକ ଆବାସିକ ବିଦ୍ୟାଳୟରେ ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଏବଂ ପରବର୍ତ୍ତୀ ସମୟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେବା ଭଳି ଅତ୍ୟନ୍ତ ମର୍ମାହତ ଓ ଉଦ୍‌ବେଗଜନକ ଘଟଣାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି। ଏହି ଘଟଣାର ଗମ୍ଭୀରତାକୁ ନିନ୍ଦା କରିବା ପାଇଁ ଯେତେ କଠୋର ଶବ୍ଦ ପ୍ରୟୋଗ କଲେ ମଧ୍ୟ ତାହା ଯଥେଷ୍ଟ ହେବନାହିଁ ବୋଲି ଦଳ କହିଛି। ଏହି ଘଟଣା ଆବାସିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରୀମାନଙ୍କ ସୁରକ୍ଷା, ନିରାପତ୍ତା ଓ କଲ୍ୟାଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ରାଜ୍ୟ ସରକାରଙ୍କ ବହୁ ପ୍ରଚାରିତ 'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନ୍‌ର ବାସ୍ତବତାକୁ ନେଇ ବିଜେଡ଼ି ପ୍ରଶ୍ନ ଉଠାଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବାରମ୍ବାର ହିଂସା, ନିର୍ଯାତନା ଓ ଚରମ ଅବହେଳାର ଘଟଣା ସାମ୍ନାକୁ ଆସୁଥିବା ବେଳେ ଏହି ସ୍ଲୋଗାନ୍‌ର ମୂଲ୍ୟବୋଧ ଅର୍ଥହୀନ ହୋଇପଡ଼ିଛି ବୋଲି ଦଳ ମତବ୍ୟକ୍ତ କରିଛି। ଜଣେ ନାବାଳିକା ଛାତ୍ରୀ ପ୍ରାୟ ୭ ମାସ ଧରି ଗର୍ଭବତୀ ଥିବା ସତ୍ତ୍ୱେ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଏହା ଜାଣିପାରିଲେନାହିଁ, ତାହାକୁ ନେଇ ବିଜେଡ଼ି ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏହା ଆନୁଷ୍ଠାନିକ ତଦାରଖ, ନିରୀକ୍ଷଣ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଥିବାର ପ୍ରମାଣ ଦେଉଛି। ନବଜାତ ଶିଶୁଟିକୁ ଉପଯୁକ୍ତ ଯତ୍ନ, ଚିକିତ୍ସା ସେବା ଓ ଆବଶ୍ୟକ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ କରାଯାଇଥିବା ନେଇ ଆସିଥିବା ଖବରକୁ ନେଇ ମଧ୍ୟ ଦଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ନାବାଳିକା ଛାତ୍ରୀ ଜଣକ କେଉଁ ପରିସ୍ଥିତିରେ ଗର୍ଭବତୀ ହେଲେ ଏବଂ ଶିଶୁର ଅଧିକାର ଓ ମର୍ଯ୍ୟାଦାର ଏହି ଗୁରୁତର ଉଲ୍ଲଂଘନ ପାଇଁ କେଉଁମାନେ ଦାୟୀ, ତାହା ନିର୍ଦ୍ଧାରଣ କରିବାକୁ ବିଜେଡ଼ି ସମଗ୍ର ଘଟଣାର ତୁରନ୍ତ ନ୍ୟାୟିକ ତଦନ୍ତ ଦାବି କରିଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା, ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନାବାଳିକା ଛାତ୍ରୀ ଓ ତାଙ୍କ ନବଜାତ ଶିଶୁଙ୍କୁ ପର୍ଯ୍ୟାପ୍ତ ଚିକିତ୍ସା ସେବା, ସୁରକ୍ଷା, ପରାମର୍ଶ ଓ ଥଇଥାନ ବ୍ୟବସ୍ଥା ଯୋଗାଇଦେବାକୁ ବିଜେଡ଼ି ଦାବି କରିଛି। ଠିକ୍ ସମୟରେ ଛାତ୍ରୀଙ୍କ ଗର୍ଭଧାରଣ ସମ୍ପର୍କରେ ଜାଣିବା ଓ ତାଙ୍କ ସୁରକ୍ଷା ତଥା ସୁସ୍ଥତା ନିଶ୍ଚିତ କରିବାରେ ବିଫଳ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବାକୁ ଦଳ ଦାବି କରିଛି। ଉକ୍ତ ପ୍ରତିନିଧି ଦଳରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବେତନଟି ବ୍ଲକ ସଭାପତି ରାଜୀବ ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ ଓ ଧାନି କିସ୍କୁ, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ଜ୍ୟୋତି ସାମଲ, ସନ୍ତୋଷ ଜେନା, ସୁଶାନ୍ତ କୁମାର ବଳା, ଚିତେଶ୍ୱର ବେହେରା, ମନୀଷ ଗିରି, ଦୀପକ ସାହୁ ଓ ଅନିଲ ସିଂ ପ୍ରମୁଖ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଥିଲା। ସରକାରଙ୍କ ପକ୍ଷରୁ ଠୋସ୍ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାନଗଲେ ବିଜେଡ଼ି ସରକାରଙ୍କ ବିରୋଧରେ ଗଣତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବ ବୋଲି ଚେତାବନୀ ଦେଇଛି। ହଷ୍ଟେଲ୍‌ରେ ଜଣେ ଗର୍ଭବତୀ ଛାତ୍ରୀଟି ଥିବାବେଳେ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ଯାହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବରୁ ଜାଣିପାରିଲେନାହିଁ। କେଜିବିଭି ବିଦ୍ୟାଳୟରେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକିୟା ହେଉଥିବା ବେଳେ ଛାତ୍ରୀର ସ୍ୱାସ୍ଥ୍ୟ ଯାଞ୍ଚ ସମୟରେ ଉକ୍ତ ଘଟଣା କିପରି ଜଣାପଡିଲାନାହିଁ। ତାହାକୁ ନେଇ ପ୍ରତିନିଧି ଦଳ ପ୍ରଶ୍ନ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି କାର୍ଯ୍ୟ ପାଇଁ ଆଜି ନିନ୍ଦନୀୟ ଘଟଣା ଘଟିଯାଇଛି। ଉକ୍ତ ଘଟଣାରେ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି।

ରାଜ୍ୟରେ ଆଇନଜୀବୀ ସମାଜ ପାଇଁ କଲ୍ୟାଣକାରୀ ପଦକ୍ଷେପ

ମୃତ ଆଇନଜୀବୀଙ୍କ ପରିବାରକୁ ମିଳିବ ଦୁଇଗୁଣା ଆର୍ଥିକ ସହାୟତା

କଟକ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଆଇନଜୀବୀ ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ପଦକ୍ଷେପ ସ୍ୱରୂପ ମୃତ ଆଇନଜୀବୀଙ୍କ ଆଶ୍ରିତ ପରିବାରକୁ ମିଳୁଥିବା ଆର୍ଥିକ ସହାୟତାକୁ ଦୁଇଗୁଣା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ମୃତ ଆଇନଜୀବୀଙ୍କ ପରିବାରବର୍ଗ ପୂର୍ବାପେକ୍ଷା ଅଧିକ ଆର୍ଥିକ ସହାୟତା ପାଇପାରିବେ। ଏନେଇ ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ଓଡ଼ିଶା ଆଡଭୋକେଟ୍ସ ୱେଲ୍‌ଫେୟାର୍ ଫଣ୍ଡ ଆଇନ୍, ୧୯୮୭ର ଅନୁସୂଚୀରେ ସଂଶୋଧନ କରାଯାଇ ଔପଚାରିକ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇନ୍‌ର ଧାରା ୯ ଓ ୧୬ ସହିତ ଧାରା ୧୬-ବି ଅନୁଯାୟୀ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି ଏହି ପରିବର୍ତ୍ତନ କରାଯାଇଛି। ଆଡଭୋକେଟ୍ସ ୱେଲ୍‌ଫେୟାର୍ ଫଣ୍ଡ ଟ୍ରଷ୍ଟରେ ଉପଲବ୍ଧ ଆର୍ଥିକ ସମ୍ବଳକୁ ବିଚାରକୁ ନେଇ ଏହି ନିଷ୍ପତ୍ତି ହୋଇଛି। ଓଡ଼ିଶା ଆଡଭୋକେଟ୍ସ ୱେଲ୍‌ଫେୟାର୍ ଫଣ୍ଡ ଟ୍ରଷ୍ଟ କମିଟି ପକ୍ଷରୁ ଆଇନଜୀବୀଙ୍କ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଆର୍ଥିକ ସହାୟତା ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ବିଚାର କରି ସରକାର ସହାୟତା ରାଶି ବୃଦ୍ଧି ଉପରେ ମୋହର ଲଗାଇଛନ୍ତି। ନୂତନ ବ୍ୟବସ୍ଥା ଅନୁଯାୟୀ, ଜଣେ ମୃତ ଆଇନଜୀବୀଙ୍କ ପରିବାରକୁ ମିଳିବାକୁ ଥିବା ସହାୟତା ରାଶି ତାଙ୍କର ମୋଟ୍ ବୃତ୍ତିଗତ ଅଭିଜ୍ଞତା ଓ ଆଇନଜୀବୀ ଭାବେ କାର୍ଯ୍ୟ କରିଥିବା ବର୍ଷ ସଂଖ୍ୟା ଆଧାରରେ ନିର୍ଦ୍ଧାରିତ ହେବ। ଏଥିସହ ପାଞ୍ଚ ବର୍ଷରୁ କମ୍ ସମୟ ଧରି ଓକିଲାତି କରୁଥିବା ଅବସ୍ଥାରେ ମୃତ୍ୟୁବରଣ କରୁଥିବା ଆଇନଜୀବୀଙ୍କ ପରିବାର ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ରଖାଯାଇଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଆଇନଜୀବୀଙ୍କ ମୃତ୍ୟୁ ପରେ ଅସହାୟ ହୋଇପଡୁଥିବା ପରିବାରଗୁଡ଼ିକୁ ଆର୍ଥିକ ଆଶ୍ୱସ୍ତି ମିଳିବା ସହ ରାଜ୍ୟର ଆଇନଜୀବୀ ସମାଜ ପାଇଁ ସାମାଜିକ ସୁରକ୍ଷା ବଳୟ ଅଧିକ ମଜବୁତ ହେବ ବୋଲି ଆଶା କରାଯାଉଛି।

ସମବାୟ କେନ୍ଦ୍ର ବ୍ୟାଙ୍କର ସଫଳତା ଓ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ


ସ୍ଥାନୀୟ ଟାଉନ୍ ହଲ୍ ଠାରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ନିଜସ୍ୱ ବ୍ୟାଙ୍କ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କର ୭୧ ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମବାୟ ବ୍ୟାଙ୍କର ସଭାପତି ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ବୈଠକରେ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଶେଷ କୁମାର ମେହେର, ଡିଆର୍‌ସିଏସ୍ ମଙ୍ଗଳ ସୋରେନ୍, ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ନାଥ କାଳୁନ୍ଦିଆ, ବ୍ୟାଙ୍କ ଉପସଭାପତି ଲିନା ମହାପାତ୍ର ପ୍ରମୁଖ ଯୋଗଦେଇ ବ୍ୟାଙ୍କର ସଫଳତା ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ବୌଦ୍ଧ ଜିଲ୍ଲାରେ ସମୁଦାୟ ୪୬ଟି ପ୍ୟାକ୍ସ ଓ କନ୍ଧମାଳ ଜିଲ୍ଲାରେ ୭୬ଟି ଲ୍ୟାମ୍ପସ୍ କାର୍ଯ୍ୟକ୍ଷମ ହେଉଥିବା ବେଳେ ଏଗୁଡ଼ିକର ସୁପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତାବ ନେଇ ଆଲୋଚନା ହୋଇଥିଲା । ଏଥିରେ ସରକାରଙ୍କ ବିଭିନ୍ନ ସହାୟତା ଚାଷୀମାନଙ୍କୁ ବ୍ୟାଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ବାର୍ଷିକ ବୈଠକରେ ଉଭୟ ବୌଦ୍ଧ କନ୍ଧମାଳ ଜିଲ୍ଲାର ସମସ୍ତ କର୍ମଚାରୀ ଓ ବ୍ୟାଙ୍କ କର୍ମଚାରୀମାନେ ଯୋଗ ଦେଇଥିଲେ ।

ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୭।୧୧।୨୦୨୬, କାର୍ତ୍ତିକ ଦ୨୨ନ, ଶନିବାର

ସୂର୍ଯ୍ୟୋଦୟ- ଘ ୫।୫୧।୪୨ ଚନ୍ଦ୍ରୋଦୟ- ନିଘ୪।୫୦।୨୨


ତ୍ରୟୋଦଶୀ ଦିଘ ୧୦।୫୦ ପର୍ଯ୍ୟନ୍ତ। ଚିତ୍ରା ନିଘ ୫।୫୩ ପର୍ଯ୍ୟନ୍ତ, କନ୍ୟା ଚନ୍ଦ୍ର ସଂଘ ୫।୧୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। ସଂଘ ୫।୧୭ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। ସଂଘ ୫।୧୭ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୧୦।୫୦ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୨୫ ଗତେ ଦିଘ ୮।୪୫ ମଧ୍ୟେ ଦିଘ ୧୧।୫୪ ଗତେ ଦିଘ ୧୨।୫୬ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ଧନ୍ୱନ୍ତରୀ ତ୍ରୟୋଦଶୀ।




ମେଷ: ବେଶ୍ ପ୍ରଶଂସା ଲାଭ କରିବେ। ମନରେ ଅଦମ୍ୟ ଉତ୍ସାହ ଆସିବ। ଦୁଃସାହସିକ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଗୃହେ ଆନନ୍ଦ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।



ବୃଷ: ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ରୋଜଗାର ମଧ୍ୟମ ଧରଣର ହେବ। ସୁସମ୍ବାଦ ଲାଭ କରିବେ। ପରିବାରରେ ବାଦ ବିବାଦର ଆଶଙ୍କା। ଯାହା କିଛି କରିବେ ଆଗରୁ ଚିନ୍ତା କଲେ ଭଲ।



ମିଥୁନ: ରୋଜଗାରରେ ବାଧା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତିର ସୂତ୍ରପାତ କରାଇବ। ଅଶାନ୍ତି ବୋଧ ହେବ। ଏଣୁ କଳି ତକରାଳ ସୃଷ୍ଟିର ସମ୍ଭାବନା । ନୂତନ ବନ୍ଧୁ ଜୁଟିବାର ସମ୍ଭାବନା।



କର୍କଟ: ମନରେ ଶତ ସିଂହର ବଳ ନେଇ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। ଉଚ୍ଚ ଆଶା ଫଳବତୀ ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ପ୍ରାଧାନ୍ୟ ବୃଦ୍ଧି । ମାନସିକ ଶାନ୍ତି ଲାଭ ହେବ।




ସିଂହ: କର୍ମହାନୀ, ମନରେ ଦୁର୍ବଳତା ଆସିବ। ନା ନା ଦୁର୍ଭାବନା ମନକୁ ଅଚଳ କରିବ। ଆଳସ୍ୟତା ଆସିବ। ରୋଜଗାର ମଧ୍ୟମ ହେବ। ଦୂରଯାତ୍ରା ସ୍ଥଗିତ ରହିପାରେ। ପାରିବାରିକ ଶାନ୍ତି ବଜାୟ ରହିବ।



କନ୍ୟା: ଆଜି ଦିନଟି ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ କଟିବ। ବାକିଥିବା କାର୍ଯ୍ୟ ନିର୍ବାହ ହେବ। ରୋଜଗାରରେ ସମସ୍ୟା ଦେଖାଦେବ। ଭୋଜନେ ତୃପ୍ତି ଲାଭ। ପାରିବାରିକ ଆଦର ବୃଦ୍ଧି। କର୍ମକ୍ଷେତ୍ରରେ ଉଜ୍ଜ୍ୱଳମୟ ହେବ।



ତୁଳା: ବିଭିନ୍ନ ଦିଗରୁ ସହକର୍ମୀ ମାନଙ୍କ ଅସହଯୋଗ ବଢ଼ିବ। କର୍ମହାନୀର ସୂଚନା। ପଥରୋଧର ଆଶଙ୍କା। ଆୟରେ ବାଧା ଜାତ ହେବ। ପରିବାରରେ ବାଦ ବିବାଦ ଦେଖାଦେବ। ଶତ୍ରୁ ପ୍ରତି ସତର୍କ ରହିବେ।



ବିଛା: କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଅଗ୍ରଗତି କରିଚାଲିବେ। ଅଳ୍ପ ଆୟରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଦୟାଳୁ ହେବେ। ଆର୍ଥିକ ଆଶା ନିରର୍ଥକ ହେବ। ଦେହ ଓ ମନ ଭଲ ରହିବାର ସୂଚନା।



ଧନୁ: ଆଜି ଦିନଟି ବେଶ୍ ଭଲରେ ବିତିବ। ଦୂରଯାତ୍ରା କରି ଆନନ୍ଦିତ ହେବେ। କାର୍ଯ୍ୟ ସିଦ୍ଧି ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁ ସହଯୋଗ ପାଇବେ। ପାରିବାରିକ ସହଯୋଗ ଲାଭ କରିବେ ।



ମକର: କର୍ମଚ୍ୟୁତିର ଆଶଙ୍କା । ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସହଯୋଗ ମିଳିବ ନାହିଁ। ରୋଜଗାରରେ ବାଧା ଦେଖାଦେଇପାରେ। ଅଳସୁଆ ହେବେ। ପରିବାରରେ ଅଶାନ୍ତି ଦେଖାଦେବ। ମହିଳାମାନେ ଗର୍ବୀ ହେବେ।



କୁମ୍ଭ: କର୍ମ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ନିଜକୁ ଏକୁଟିଆ ଭାବିବେ। ଶାରୀରିକ ଅସୁସ୍ଥତା ପାଇଁ ଅର୍ଥରେ ବାଧା ସୃଷ୍ଟି ହେବ। ପରିବାରରେ ସହଯୋଗ ପାଇବେ। ଶୁଭ ଖବର ପାଇବାର ସୂଚନା ।



ମୀନ: ଦୂରଯାତ୍ରା ସାଫଲ୍ୟ ମଣ୍ଡିତ ହେବ। ବନ୍ଧୁ ମିଳନର ସୁଯୋଗ ଆସିବ। ସାହାଯ୍ୟ ସହଯୋଗ ପାଇପାରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପରିବାରରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୮।୧୧।୨୦୨୬, କାର୍ତ୍ତିକ ଦ୨୩ନ, ରବିବାର

ସୂର୍ଯ୍ୟୋଦୟ- ଘ ୫।୫୩।୧୨ ଚନ୍ଦ୍ରୋଦୟ- ନିଘ୫।୪୫।୩୬

ଚତୁର୍ଦ୍ଦଶୀ ଦିଘ ୧୧।୩୦ ପର୍ଯ୍ୟନ୍ତ। ସ୍ୱାତୀ ନକ୍ଷତ୍ର ଅହୋରାତ୍ର । ତୁଳା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୩୦ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୪୦ ଗତେ ଦିଘ ୮।୫୫ ମଧ୍ୟେ ଦିଘ ୧୨।୫୬ ଗତେ ଦିଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ଦୀପାବଳୀ ଅମାବାସ୍ୟା, ପୟା ଶ୍ରାଦ୍ଧ, କାଳୀ ପୂଜା, ନଷ୍ଟ ଚନ୍ଦ୍ରୋପବାସ ଓ ନିଶା ପାଳନ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

୫ ଦେଶରେ ଛଟେଇ କରିବ ଗୁଗଲ : ୨୨% କର୍ମଚାରୀ ବିଦା କରିବ କାନଭା

ମାଇକ୍ରୋସଫ୍ଟ ପରେ ଏବେ ଟେକ୍ ଜାଏଣ୍ଟ ଗୁଗଲ ବି ବଡ଼ଧରଣର ଛଟେଇ କରିବାକୁ ଯାଉଛି। କମ୍ପାନୀ ୫ଟି ଦେଶରେ ଛଟେଇ କରିବ। କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଜାପାନ ଓ ସ୍ୱିଜରଲାଣ୍ଡରେ କମ୍ପାନୀ ଛଟେଇ ପାଇଁ ବାୟଆଉଟ ଘୋଷଣା କରିଛି। କର୍ମଚାରୀ ଟଙ୍କା ନେଇ ନିଜ ଇଚ୍ଛା ଅନୁସାରେ ଇସ୍ତଫା ଦେବାକୁ କମ୍ପାନୀ ଏଗଜିଟ ପ୍ୟାକେଜର ଅଫର ଦେଇଛି। ପ୍ରକୃତରେ ଗୁଗଲର ପ୍ୟାରେଣ୍ଟ କମ୍ପାନୀ ଆଲ୍ଫାବେଟ୍ ଏଆଇ ଉପରେ ବିପୁଳ ନିବେଶ କରିଛି। ତେଣୁ ଏଆଇ ଷ୍ଟ୍ରାଟେଜୀ ଉପରେ ଫୋକସ କରିବା ସହ ଗୁରୁତ୍ୱ ଅନୁସାରେ ସମ୍ବଳର ପରିବର୍ତ୍ତନ କରିବାକୁ ଚାହୁଁଛି କମ୍ପାନୀ। ଏନେଇ ଗୁଗୁଲ ମୁଖପାତ୍ର ରଏଟର୍ସକୁ କହିଛନ୍ତି ଯେ କମ୍ପାନୀ ଜୁନ୍ ମାସରୁ କାନାଡା, ଫ୍ରାନ୍ସ, ଜର୍ମାନୀ, ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡର କିଛି କର୍ମଚାରୀଙ୍କ ପାଇଁ ଏକ 'ଭଲ୍ୟୁଣ୍ଟାରି ଏଗଜିଟ ପ୍ରୋଗ୍ରାମ' ଆରମ୍ଭ କରିଛି। ତେବେ ଏଥିରେ ଭାରତୀୟ କର୍ମଚାରୀଙ୍କୁ ସାମିଲ କରାଯାଇ ନାହିଁ। ଏଆଇର ବ୍ୟବହାର ଯୋଗୁ ଗୁଗଲ ଗତ ବର୍ଷଠାରୁ ଆମେରିକା ଏବଂ ୟୁକେର କିଛି ବିଭାଗରେ ଏଭଳି ଏଗଜିଟ କାର୍ଯ୍ୟକ୍ରମ ଚଳାଇ ଆସୁଛି ଓ କର୍ମଚାରୀଙ୍କୁ ଛଟେଇ କରୁଛି। ଯେଉଁ କର୍ମଚାରୀମାନେ କମ୍ପାନୀର ନବସୃଜନଧାରା ସହିତ ଖାପଖୁଆଇ ପାରୁ ନାହାନ୍ତି, ସେମାନଙ୍କୁ ଛଟେଇ କରାଯାଉଛି ବୋଲି ଗୁଗଲ କହିଛି। ସୂଚନା ଅନୁସାରେ କମ୍ପାନୀର ପୂରା ଫୋକସ ବର୍ତ୍ତମାନ ଏଆଇ ଓ କ୍ଲାଉଡ କମ୍ପ୍ୟୁଟିଂ ଉପରେ ରହିଛି। ତେଣୁ କମ୍ପାନୀର ରିକ୍ରୁଟମେଣ୍ଟ ପ୍ରାୟୋରିଟିରେ ମଧ୍ୟ ଏହି ସେକ୍ଟର ସବୁଠାରୁ ଆଗରେ ରହିଛି। କେବଳ ଗୁଗଲ ନୁହେଁ ଅନଲାଇନ ଡିଜାଇନ ଓ ପବ୍ଲିସିଂ ପ୍ଲାଟଫର୍ମ କାନଭା ମଧ୍ୟ ଛଟେଇ ଆରମ୍ଭ କରିଛି। କମ୍ପାନୀ ନିଜ ଶ୍ରମବଳର ୨୨% କର୍ମଚାରୀଙ୍କୁ ଛଟେଇ କରିବାକୁ ଘୋଷଣା କରିଛି। କମ୍ପାନୀର ଏହି ନିଷ୍ପତ୍ତିରେ ପାଖାପାଖି ୧୨୭୧ କର୍ମଚାରୀଙ୍କ ଚାକିରି ଯିବ। ନହେଲେ ସେମାନଙ୍କର ଦାୟିତ୍ୱରେ ପରିବର୍ତ୍ତନ କରାଯିବ, କିମ୍ବା ସେମାନଙ୍କୁ ସେଣ୍ଟ୍ରାଲ ହବ୍ସକୁ ପଠାଇ ଦିଆଯାଇପାରେ। ତେବେ ଏହି ଛଟେଇ ପଛରେ କାରଣ ହେଉଛି ଏଆଇ। ଆନ୍ଥ୍ରୋପିକର 'କ୍ଲାଉଡ୍' ଭଳି ନୂଆ ଏଆଇ ଟୁଲ୍ସ ମାଧ୍ୟମରେ ଲୋକେ ଡିଜାଇନ ଆଦି କାମ କରିପାରୁଛନ୍ତି। ତେଣୁ ତାଙ୍କୁ କୌଣସି ସ୍ୱତନ୍ତ୍ର ଡିଜାଇନ ଆପର ଆବଶ୍ୟକ ପଡୁ ନାହିଁ। ଫଳରେ କାନଭାର ବ୍ୟବସାୟ ମାନ୍ଦା ହେବାର ଆଶଙ୍କା ଦେଖା ଦେଇଛି। ନିବେଶକମାନେ ମଧ୍ୟ କମ୍ପାନୀରେ ନିବେଶ କରିବାକୁ ଡରୁଛନ୍ତି। ତେଣୁ କାନାଭ ଶ୍ରମବଳ ହ୍ରାସ କରି ଛୋଟ ଛୋଟ ବ୍ୟବସାୟ ସହ ମିଶି କାମ କରିବାକୁ ଗୁରୁତ୍ୱ ଦେଇଛି। ଛଟେଇ ନେଇ କର୍ମଚାରୀଙ୍କୁ ନୋଟିସ କରିଥିବା କାନଭା ସିଇଓ ମେଲାନି ପାର୍କିନ୍ସ କହିଛନ୍ତି ଯେ ନୂଆ ଟେକ୍ନୋଲୋଜି ଲୋକଙ୍କର କ୍ରିଏଟ କରିବାର ଶୈଳୀ ଓ ସେମାନଙ୍କର ଆଶାକୁ ବଢ଼ାଇ ଦେଉଛି। ତେଣୁ ୧୩ ବର୍ଷ ପରେ କମ୍ପାନୀ ଏଭଳି ଏକ ମାନ୍ଦା ସ୍ଥିତିର ସାମ୍ନା କରୁଛି। ତେଣୁ କମ୍ପାନୀର ଛୋଟ ପରିବର୍ତ୍ତନ ବି ଯଥେଷ୍ଟ ହେବ ନାହିଁ ବୋଲି ସିଇଓ କହିଛନ୍ତି।

ପ୍ରଦୀପ ପ୍ରଜ୍ୱଳନ : ବିଧିବିଧାନ

ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ
ଲିଙ୍ଗାପଡ଼ା, ଧବଳେଶ୍ୱର,
କଟକ, ଦୂରଭାଷ : ୯୭୭୮୪୪୯୧୧୯
E-mail : suvray132kv@gmail.com



ଆମ ନିତିଦିନିଆ ଜୀବନରେ ଆମେ ପ୍ରତିଦିନ ଠାକୁରଙ୍କ ପାଖରେ, ଦେବାଳୟରେ ପ୍ରଦୀପ ପ୍ରଜ୍ୱଳନ କରିଥାଉ। ଏହା ବ୍ୟତୀତ ଯେକୌଣସି ପର୍ବପର୍ବାଣୀ ଓ ପାରିବାରିକ, ଆଧ୍ୟାତ୍ମିକ, ସାମାଜିକ କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନର ରୀତିନୀତି ରହିଛି। ତେବେ ଏହି ପ୍ରଦୀପ ପ୍ରଜ୍ୱଳନ ପଛରେ ଅନେକ ଲୋକକଥା, ବିଶ୍ୱାସ ଆବହମାନ ସମୟରୁ ରହିଆସିଛି। ଜଳିଲା ବେଳେ ଦୀପ ଶିଖା ଖୁବ ରମଣୀୟ ଦିଶେ। ଦୀପ ଜଳୁଥିବା ସ୍ଥାନ ଦୈବୀ ଆଶୀର୍ବାଦ ପ୍ରାପ୍ତି ହେବାପରି ପ୍ରତୀୟମାନ ହୁଏ। ଜ୍ୱଳନ୍ତ ଦୀପଶିଖା ସ୍ମରଣ କରାଇ ଦିଏ ଯେ ଈଶ୍ୱର ହିଁ ଏକମାତ୍ର ସତ୍ୟ। ଶାସ୍ତ୍ରରେ ଉଲ୍ଲେଖ ଅଛି ଦୀପ ଜଳିଲେ ଯେଉଁ ଶକ୍ତି ଉତ୍ପନ୍ନ ହୋଇଥାଏ ତାହା ଦୈବୀଶକ୍ତି ଓ ମାନବ ଆତ୍ମା ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥାଏ। ହିନ୍ଦୁଙ୍କ ବ୍ୟତୀତ ଅନ୍ୟ ଧର୍ମାବଲମ୍ବୀମାନେ ସେମାନଙ୍କର ଉତ୍ସବ ଓ ମାଙ୍ଗଳିକ ଅନୁଷ୍ଠାନ କାର୍ଯ୍ୟକ୍ରମରେ ଦୀପ ଜାଳନ୍ତି। ସଂସ୍କୃତ ଭାଷାରେ ଦୀପକୁ ଦୀପଂ ବୋଲି କୁହାଯାଏ।

ଦୀପଟିଏ ଅନ୍ଧାର ବିନାଶୀ ଜଳିଥାଏ। ଏହା ଅନେକ ମଙ୍ଗଳ କାମନା ପାଇଁ ଉତ୍ସର୍ଗୀକୃତ ଥାଏ। ତେବେ ପ୍ରଦୀପ ପ୍ରଜ୍ୱଳନ ପଛରେ ଅନେକ ନୀତି ନିୟମ ରହିଛି। ପୂଜା କାର୍ଯ୍ୟକ୍ରମ ସମୟରେ ଗୋଟିଏ କିମ୍ବା ଦୁଇଟି ପ୍ରଦୀପ ପ୍ରଜ୍ୱଳନର ବିଧି ରହିଛି। କେତେକ ସ୍ଥାନରେ ଗୋଟିଏ ଦୀପରେ ଦୁଇଟି ବଳିତା ରହିଥାଏ। ଦୀପକୁ ସିଧା ସଳଖ ଭୂଇଁରେ ନରଖି ପିଲି ସଜ ଉପରେ ରଖିବା ଉଚିତ। ପୋଡ଼ାମାଟିର ଦୀପ ସବୁଠାରୁ ଭଲ। କେହି କେହି ଗୁଆ ଘିଅର ଦୀପ, ରାଶିତେଲ, ସୋରିଷ ତେଲ, ନଡ଼ିଆ ତେଲ ଓ ପଞ୍ଚଦୀପ ତେଲ ବ୍ୟବହାର କରିଥାନ୍ତି। ପ୍ରଦୀପ ପ୍ରଜ୍ୱଳନ କଲେ ଏହା ଶାରୀରିକ ମାନସିକ ଓ ଆଧ୍ୟାତ୍ମିକ ଭାରସାମ୍ୟକୁ ସମତୁଳ କରିଥାଏ। ଅଗ୍ନି ପୁରାଣରେ ଉଲ୍ଲେଖ ରହିଛି ଘିଅ ଦୀପ ଶରୀରର ଶକ୍ତି କେନ୍ଦ୍ର କୁହାଯାଉଥିବା ଚକ୍ର ଓ ନାଡିକୁ ଶୋଧନ କରିଥାଏ।

ପ୍ରଦୀପ ପ୍ରଜ୍ୱଳନ ସମୟରେ ଗୋଟିଏ କଥା ଭଲ ଭାବେ ମନେ ରଖିବା ଉଚିତ ଯେ ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ଲଗାଇବା ଠିକ ନୁହଁ। ଜଳୁଥିବା ଦୀପକୁ ପାଟିରେ ଫୁଙ୍କିବା ଅନୁଚିତ। ଘିଅ ଦୀପ ଭିତରେ କୌଣସି ଏକ ଦ୍ରବ୍ୟ ବା କାଠିର ଲମ୍ବ ଗୋଟିଏ ଇଞ୍ଚ ହେବା ଆବଶ୍ୟକ। ଦୀପ ଯେଉଁଠାରେ ରଖୁଛନ୍ତି ସେ ସ୍ଥାନକୁ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ କରନ୍ତୁ। ଦୀପ ପ୍ରଜ୍ୱଳନ ସମୟରେ ଘର ବା ପ୍ରତିଷ୍ଠାନର ମୁଖ୍ୟ ଦ୍ୱାର ଖୋଲା ରଖନ୍ତୁ କିନ୍ତୁ ଟଏଲେଟ ବା ଶୌଚାଳୟର କବାଟ ବନ୍ଦ କରନ୍ତୁ। ପ୍ରଦୀପ ପ୍ରଜ୍ୱଳନ ସମୟରେ ଶଙ୍ଖ, ଘଣ୍ଟ, ଝାଞ୍ଜ ଶୁଭ ଧ୍ୱନୀ ସ୍ୱରୂପ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଦୀପ ପ୍ରଜ୍ୱଳନ ସମୟରେ କୌଣସି ଅଶୁଭ କର୍ମ ଓ କଳହ ଅତ୍ୟନ୍ତ କ୍ଷତିକାରକ। ଏହି ସମୟରେ ପିଲାମାନଙ୍କର କାନ୍ଦିବା ଓ ଗୃହ ପାଳିତ ପଶୁପକ୍ଷୀଙ୍କ ବିକଟାଳ ଶବ୍ଦ ଶୁଭ କାରକ ହୋଇନଥାଏ। ପ୍ରଦୀପ ପ୍ରଜ୍ୱଳନ କରି ଘରର କୌଣସି ସଦସ୍ୟ ବାହାରକୁ ଯିବା ଅନୁଚିତ। ବାସ୍ତୁଶାସ୍ତ୍ର ଅନୁଯାୟୀ ଅଗ୍ନି ତତ୍ତ୍ୱ ଥିବାରୁ ପ୍ରଦୀପ ପାଇଁ ସବୁଠାରୁ ଭଲ ଦିଗ ହେଉଛି ପୂର୍ବ, ଉତ୍ତର କିମ୍ବା ଉତ୍ତର-ପୂର୍ବକୋଣ। ଦୀପ ପୂର୍ବମୁଖ ହୋଇ ପ୍ରଜ୍ୱଳିତ ହେଲେ ସ୍ୱାସ୍ଥ୍ୟ ଭଲ ରହେ। ଘରେ ଶାନ୍ତି ବିରାଜିତ ହୁଏ। ପରିବାରର ସମସ୍ତଙ୍କ ଆୟୁଷ ବଢ଼ିଥାଏ। ଏହା ବ୍ୟତୀତ ସମସ୍ତ ଦୁଃଖ, କଷ୍ଟ, ବାଧା, ବିଘ୍ନ ଦୂରୀଭୂତ ହୁଏ। ଦୀପ ପଶ୍ଚିମ ଦିଗକୁ ରଖି ଜାଳିଲେ ସମ୍ପଦ, ସୌଭାଗ୍ୟ ଓ ସର୍ବାଙ୍ଗୀନ ଉନ୍ନତି ହୋଇଥାଏ। ପୂର୍ବ-ପଶ୍ଚିମ କୋଣ ମୁହାଁ ଦୀପ ସବୁ ଅନିଷ୍ଟ ଦୂରୀଭୂତ କରି ସମସ୍ତଙ୍କର ସମୃଦ୍ଧି ବଢ଼ାଇଥାଏ। ତେବେ ଶାସ୍ତ୍ରରେ ଉଲ୍ଲେଖ ରହିଛି ଦକ୍ଷିଣ ଦିଗକୁ ମୁଖ କରି କୌଣସି ଦୀପ ଜାଳନ୍ତୁ ନାହିଁ କାରଣ ଦକ୍ଷିଣ ଦିଗ ମୃତ୍ୟୁ ଦେବତା ଯମଙ୍କର। ପବିତ୍ର ଦୀପାବଳି ସମସ୍ତଙ୍କ ପାଇଁ ଆନନ୍ଦମୟ ହେଉ, ଭଗବାନଙ୍କ ନିକଟରେ ଏହା ହିଁ ପ୍ରାର୍ଥନା।

ଆଲୋକର ପର୍ବରେ ପରମ୍ପରା, ପିତୃଭକ୍ତି ଓ ମହାପ୍ରଭୁଙ୍କ ମହିମାର ଅପୂର୍ବ ସମନ୍ୱୟ



ସୁବ୍ରତ କୁମାର ଦାସ
ରାଜେନ୍ଦ୍ରପୁର,
ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

ଆମ ଓଡ଼ିଆ ସଂସ୍କୃତି ହେଉଛି ପରମ୍ପରା, ଆସ୍ଥା, ଭକ୍ତି ଓ ଭାଇଚାରାର ଏକ ସୁନ୍ଦର ସମନ୍ୱୟ। ରଜ, ରଥଯାତ୍ରା, ମକର ସଂକ୍ରାନ୍ତି, କୁମାର ପୂର୍ଣ୍ଣିମା, ମାଣବସା ଗୁରୁବାର, ପ୍ରଥମାଷ୍ଟମୀ ଓ ଦୀପାବଳି ଭଳି ପର୍ବପର୍ବାଣି ଆମ ଜୀବନଧାରା ସହ ଗଭୀର ଭାବେ ଜଡ଼ିତ। ପ୍ରତ୍ୟେକ ପର୍ବ ପଛରେ ରହିଛି ଏକ ସାମାଜିକ, ଧାର୍ମିକ ଓ ନୈତିକ ବାର୍ତ୍ତା। ରଜ ପର୍ବ ମାଟି ଓ ପ୍ରକୃତି ପ୍ରତି ସମ୍ମାନ ଶିଖାଏ, ରଥଯାତ୍ରା ସମାନତା ଓ ସାମୂହିକ ଭକ୍ତିର ବାର୍ତ୍ତା ଦିଏ, ମାଣବସା ଗୁରୁବାର ପରିଛନ୍ନତା, ଶୃଙ୍ଖଳା ଓ ଗୃହଲକ୍ଷ୍ମୀଙ୍କ ମହତ୍ତ୍ୱକୁ ପ୍ରତିପାଦିତ କରେ। ସେହିପରି ଦୀପାବଳି ଆଲୋକର ବିଜୟ, ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ। ବିଶେଷକରି ଓଡ଼ିଆ ଦୀପାବଳିର ବଡ଼ବଡୁଆ ଡାକ ଆମ ସଂସ୍କୃତିର ଏକ ଅନନ୍ୟ ପରିଚୟ। କାର୍ତ୍ତିକ ଅମାବାସ୍ୟା ସନ୍ଧ୍ୟାରେ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ସ୍ମରଣ କରିବାର ପରମ୍ପରା ଆମ ମନରେ ପୂର୍ବଜଙ୍କ ପ୍ରତି ଶ୍ରଦ୍ଧା, କୃତଜ୍ଞତା ଓ ପାରିବାରିକ ଉତ୍ତରାଧିକାରର ଭାବନା ଜାଗ୍ରତ କରେ। ଏହା କେବଳ ଏକ ଧାର୍ମିକ ବିଧି ନୁହେଁ, ବରଂ ଆମର ଅତୀତକୁ ସ୍ମରଣ କରିବା ଓ ଆଗାମୀ ପିଢ଼ିକୁ ନିଜ ସାଂସ୍କୃତିକ ମୂଳ ସହ ଯୋଡ଼ି ରଖିବାର ଏକ ମହାନ ମାଧ୍ୟମ। ସମୟ ବଦଳିବା ସହିତ ଜୀବନଶୈଳୀ, ଚିନ୍ତାଧାରା ଓ ପର୍ବପର୍ବାଣି ପାଳନର ପଦ୍ଧତିରେ ମଧ୍ୟ ପରିବର୍ତ୍ତନ ଆସୁଛି। ଆଧୁନିକତାକୁ ଗ୍ରହଣ କରିବା ନିଶ୍ଚିତ ଭାବେ ଆବଶ୍ୟକ, କିନ୍ତୁ ଆଧୁନିକତାର ନାମରେ ନିଜର ମୌଳିକ ପରମ୍ପରା ଓ ସଂସ୍କାରକୁ ଭୁଲିଯିବା ଉଚିତ ନୁହେଁ। ଆଜି ଅନେକ ସମୟରେ ପର୍ବପର୍ବାଣିର ଆଧ୍ୟାତ୍ମିକ ଓ ସାମାଜିକ ମହତ୍ତ୍ୱ ଅପେକ୍ଷା ବାହ୍ୟ ଆଡ଼ମ୍ବର, ଦେଖାଣିଆ ଓ ଅଯଥା ବ୍ୟୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ପର୍ବର ପ୍ରକୃତ ଉଦ୍ଦେଶ୍ୟ ଯଦି ଆନନ୍ଦ, ଶାନ୍ତି ଓ ସଦ୍‌ଭାବନା ସୃଷ୍ଟି କରିବା, ତେବେ ଏହା ପ୍ରଦୂଷଣ, ଅପବ୍ୟୟ, ଅସ୍ୱସ୍ଥ ପ୍ରତିଯୋଗିତା ଓ ସାମାଜିକ ବିଭେଦର କାରଣ ହେବା ଉଚିତ ନୁହେଁ।

ପ୍ରକୃତ ସଂସ୍କୃତିର ପରିଚୟ କେବଳ ପରମ୍ପରାକୁ ଅନୁସରଣ କରିବାରେ ନୁହେଁ, ବରଂ ତାହାର ମୂଳ ମୂଲ୍ୟବୋଧକୁ ଜୀବନରେ ଆପଣାଇବାରେ ନିହିତ ଥାଏ। ପର୍ବପର୍ବାଣି ଅବସରରେ ଅସହାୟଙ୍କୁ ସାହାଯ୍ୟ କରିବା, ଗରିବଙ୍କ ମୁହଁରେ ହସ ଫୁଟାଇବା, ବୃଦ୍ଧବୃଦ୍ଧାଙ୍କୁ ସମ୍ମାନ ଦେବା, ଶିଶୁମାନଙ୍କୁ ଆମ ପରମ୍ପରା ବିଷୟରେ ଅବଗତ କରାଇବା ଓ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବା ଆମ ସାଂସ୍କୃତିକ ଚେତନାର ପ୍ରକୃତ ପ୍ରତିଫଳନ। ମାଟିଦୀପ ଜାଳିବା, ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହନ ଦେବା, ପାରମ୍ପରିକ ଖାଦ୍ୟ ଓ ଲୋକକଳାକୁ ସମ୍ମାନ ଦେବା ମାଧ୍ୟମରେ ଆମେ ନିଜ ସଂସ୍କୃତିକୁ ଆହୁରି ସମୃଦ୍ଧ କରିପାରିବା ଆମର ଆଗାମୀ ପିଢ଼ି ଯଦି ନିଜ ପର୍ବପର୍ବାଣିର ମହତ୍ତ୍ୱ, ଲୋକପରମ୍ପରାର ଇତିହାସ ଓ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ଅବଗତ ହେବେ, ତେବେ ଆମର ଐତିହ୍ୟ ସୁରକ୍ଷିତ ରହିବ। ଏଥିପାଇଁ ପରିବାର, ଶିକ୍ଷାନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାମାନଙ୍କୁ କେବଳ ପର୍ବ ପାଳନ କରିବା ନୁହେଁ, ଏହାର ମହିମା ଓ ମର୍ମ ବୁଝାଇବା ଆବଶ୍ୟକ। କାରଣ ଯେଉଁ ପିଢ଼ି ନିଜ ସଂସ୍କୃତିକୁ ଜାଣେ, ସେହି ପିଢ଼ି ନିଜ ପରିଚୟକୁ ଗର୍ବର ସହ ବହନ କରିପାରେ। ଦୀପାବଳି କେବଳ ଆଲୋକର ଉତ୍ସବ ନୁହେଁ, ଏହା ଆମ ଜୀବନରେ ଅନ୍ଧକାରରୁ ଆଲୋକ, ଅଜ୍ଞାନରୁ ଜ୍ଞାନ ଏବଂ ଅସତ୍ୟରୁ ସତ୍ୟ ଆଡ଼କୁ ଅଗ୍ରସର ହେବାର ଏକ ଆଧ୍ୟାତ୍ମିକ ପ୍ରେରଣା ଦେଇଥାଏ। ଭାରତୀୟ ସଂସ୍କୃତିରେ ଏହି ପର୍ବର ମହତ୍ତ୍ୱ ଯେତିକି ଗଭୀର, ଓଡ଼ିଆ ଜାତିର ଧାର୍ମିକ ଜୀବନ ଓ ଜଗନ୍ନାଥ ସଂସ୍କୃତିରେ ଏହାର ସ୍ଥାନ ସେତିକି ସ୍ୱତନ୍ତ୍ର। ବିଶେଷକରି ଶ୍ରୀକ୍ଷେତ୍ର ପୁରୀର ପବିତ୍ର ମାଟିରେ ଦୀପାବଳି ପାଳନର ରୀତି, ବଡ଼ବଡୁଆ ଡାକ ଓ କାଉଁରିଆ କାଠି ଜାଳିବାର ପରମ୍ପରା ଏହି ପର୍ବକୁ ଏକ ଅନନ୍ୟ ଆଧ୍ୟାତ୍ମିକ ପରିଚୟ ପ୍ରଦାନ କରିଛି।

ଶ୍ରୀକ୍ଷେତ୍ର କେବଳ ଏକ ତୀର୍ଥସ୍ଥାନ ନୁହେଁ, ଏହା ଓଡ଼ିଆ ଜାତିର ଆତ୍ମା, ଆସ୍ଥା ଓ ଆଧ୍ୟାତ୍ମିକ ଚେତନାର ମହାନ କେନ୍ଦ୍ର। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଜଗତର ନାଥ ଭାବରେ ବିରାଜମାନ। ତାଙ୍କର ସଂସ୍କୃତି, ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ସୀମା ଅତିକ୍ରମ କରି ସମଗ୍ର ମାନବ ସମାଜକୁ ଏକତା, ସମନ୍ୱୟ, ସମାନତା ଓ ମାନବିକତାର ବାର୍ତ୍ତା ଦେଇଥାଏ। ଏହି ମହାନ ଚେତନାର ପରିବେଶରେ ଦୀପାବଳି ପର୍ବ ଆହୁରି ଅର୍ଥପୂର୍ଣ୍ଣ ହୋଇଉଠେ।

କାର୍ତ୍ତିକ ଅମାବାସ୍ୟାର ଘନ ଅନ୍ଧକାର ରାତିରେ ଦୀପ ଜାଳିବା ସହିତ ଓଡ଼ିଆ ଘରେ ଘରେ ପିତୃପୁରୁଷଙ୍କୁ ସ୍ମରଣ କରିବାର ଏକ ପବିତ୍ର ପରମ୍ପରା ରହିଛି। ଏହା ହେଉଛି 'ବଡ଼ବଡୁଆ ଡାକ'। ଘରର ଦାଣ୍ଡ, ତୁଳସୀ ଚଉରା ଓ ଦେବସ୍ଥାନ ନିକଟରେ ଦୀପ ଜାଳି, କାଉଁରିଆ କାଠି ପ୍ରଜ୍ୱଳନ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଆଲୋକ ଅର୍ପଣ କରାଯାଏ। ଏହି ସମୟରେ ଭକ୍ତି ଓ ଶ୍ରଦ୍ଧାର ସହ ଉଚ୍ଚାରିତ ହୁଏ— 'ବଡ଼ବଡୁଆ ହୋ, ଅନ୍ଧାରେ ଆସ, ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, ପୁରୁଷୋତ୍ତମ କ୍ଷେତ୍ର ଯାଅ। ମୋ ପିଣ୍ଡ ନେଇ ତୁମେ ଯାଅ।" ଏହି ଲୋକାଚାରରେ ରହିଛି ପିତୃପୁରୁଷଙ୍କ ପ୍ରତି ଗଭୀର କୃତଜ୍ଞତା, ପାରିବାରିକ ଶ୍ରଦ୍ଧା ଓ ଆଧ୍ୟାତ୍ମିକ ବିଶ୍ୱାସ। ଏହା ଆମକୁ ସ୍ମରଣ କରାଏ ଯେ, ଆମର ଅସ୍ତିତ୍ୱ କେବଳ ବର୍ତ୍ତମାନରେ ସୀମିତ ନୁହେଁ; ଆମ ପୂର୍ବପୁରୁଷଙ୍କ ତ୍ୟାଗ, ସଂସ୍କାର ଓ ଆଶୀର୍ବାଦ ଆମ ଜୀବନର ଭିତ୍ତି। ଏହି ପରମ୍ପରାରେ ଶ୍ରୀକ୍ଷେତ୍ର ଓ ପୁରୁଷୋତ୍ତମ ଧାମର ସ୍ମରଣ ଓଡ଼ିଆ ମାନସରେ ଥିବା ଜଗନ୍ନାଥ ଭକ୍ତିର ଗଭୀରତାକୁ ପ୍ରକାଶ କରେ।

ଜଗନ୍ନାଥ ସଂସ୍କୃତିର ମୂଳ ଆଧାର ହେଉଛି ଭକ୍ତି, ସେବା, ସମର୍ପଣ ଓ ସମନ୍ୱୟ। ମହାପ୍ରଭୁଙ୍କ ମହାପ୍ରସାଦ ଯେପରି ସାମାଜିକ ଭେଦଭାବକୁ ଭୁଲାଇ ସମସ୍ତଙ୍କୁ ଏକାଠି କରେ, ସେହିପରି ଦୀପାବଳିର ଆଲୋକ ମଧ୍ୟ ମନୁଷ୍ୟ ମନରୁ ହିଂସା, ଈର୍ଷା, ଅହଂକାର ଓ ବିଦ୍ୱେଷର ଅନ୍ଧକାର ଦୂର କରିବାର ସନ୍ଦେଶ ଦିଏ। ଶ୍ରୀଜଗନ୍ନାଥଙ୍କ ସାର୍ବଜନୀନ ଚେତନା ଆମକୁ ଶିଖାଏ ଯେ, ପ୍ରକୃତ ଧର୍ମ ହେଉଛି ମାନବ ସେବା, ପରୋପକାର ଓ ସମସ୍ତଙ୍କ ପ୍ରତି ସମାନ ମନୋଭାବ। ଦୀପାବଳି ଅବସରରେ ମା' ଲକ୍ଷ୍ମୀଙ୍କ ଆରାଧନା, ଘରଦ୍ୱାର ପରିଷ୍କାର, ଝୋଟି-ଚିତା, ଦୀପ ପ୍ରଜ୍ୱଳନ ଓ ପରିବାର ସହ ଆନନ୍ଦ ବାଣ୍ଟିବାର ପରମ୍ପରା ଆମ ସାଂସ୍କୃତିକ ଜୀବନକୁ ସମୃଦ୍ଧ କରେ। ଏହା ସହିତ ଆମେ ମନେ ରଖିବା ଉଚିତ ଯେ, ଦୀପାବଳିର ପ୍ରକୃତ ଆଲୋକ କେବଳ ଘରକୁ ଆଲୋକିତ କରିବାରେ ନୁହେଁ, ବରଂ ହୃଦୟରେ ଦୟା, କ୍ଷମା, ସହାନୁଭୂତି ଓ ସଦ୍‌ଭାବନାର ଦୀପ ଜାଳିବାରେ ନିହିତ। ଆଡ଼ମ୍ବର ଓ ଅପବ୍ୟୟ ପରିବର୍ତ୍ତେ ପରିବେଶ ଅନୁକୂଳ ଉପାୟରେ ପର୍ବ ପାଳନ କରିବା ମଧ୍ୟ ଆମ ସାମାଜିକ ଦାୟିତ୍ୱ। ଆଜିର ଆଧୁନିକ ଜୀବନଶୈଳୀରେ ଅନେକ ପୁରାତନ ପରମ୍ପରା ଧୀରେ ଧୀରେ ଅବହେଳିତ ହେଉଛି। ତେଣୁ ଆମ ପରବର୍ତ୍ତୀ ପିଢ଼ିକୁ ବଡ଼ବଡୁଆ ଡାକ, କାଉଁରିଆ କାଠି ଜାଳିବା ଓ ଜଗନ୍ନାଥ ସଂସ୍କୃତିର ମହିମା ସମ୍ପର୍କରେ ଅବଗତ କରାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ପରମ୍ପରାକୁ କେବଳ ଅନୁସରଣ କରିବା ନୁହେଁ, ତାହାର ଅନ୍ତର୍ନିହିତ ମୂଲ୍ୟବୋଧକୁ ବୁଝି ଜୀବନରେ ପ୍ରୟୋଗ କରିବା ହିଁ ପ୍ରକୃତ ସଂସ୍କୃତିର ପରିଚୟ।

ଦୀପାବଳି ଆମକୁ ଆଲୋକର ମହତ୍ତ୍ୱ ବୁଝାଏ, ଶ୍ରୀକ୍ଷେତ୍ର ଆମକୁ ଭକ୍ତି ଓ ସମନ୍ୱୟର ପଥ ଦେଖାଏ ଏବଂ ଜଗନ୍ନାଥ ସଂସ୍କୃତି ଆମକୁ ବିଶ୍ୱମାନବିକତାର ମହାନ ଆଦର୍ଶ ଶିଖାଏ। ଏହି ତିନୋଟି ଚେତନାର ସମନ୍ୱୟରେ ଦୀପାବଳି ଓଡ଼ିଆ ଜାତିର ଜୀବନରେ ଏକ ଅନନ୍ୟ ଆଧ୍ୟାତ୍ମିକ ଅନୁଭବ ହୋଇ ରହିଛି। ସୁତରାଂ, ଏହି ପବିତ୍ର ଦୀପାବଳିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରିବା। ପିତୃପୁରୁଷଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ସହ ଆମ ହୃଦୟରେ ମାନବିକତାର ଦୀପ ପ୍ରଜ୍ୱଳିତ କରିବା। କାରଣ, ଯେଉଁଠି ଭକ୍ତିର ଆଲୋକ, ପରମ୍ପରାର ମହକ ଓ ମାନବିକତାର ମହିମା ଏକାଠି ହୁଏ, ସେଇଠି ଦୀପାବଳିର ପ୍ରକୃତ ସାର୍ଥକତା ପ୍ରତିଫଳିତ ହୁଏ। ପରମ୍ପରାର ମହିମାକୁ ଅକ୍ଷୁଣ୍ଣ ରଖି ପର୍ବ ପାଳନ କରିବା ହିଁ ପ୍ରକୃତ ସଂସ୍କୃତିର ପରିଚୟ, ସଂସ୍କାର, ସାମାଜିକ ମୂଲ୍ୟବୋଧ ଓ ଆମ ସାଂସ୍କୃତିକ ଐତିହ୍ୟର ସୁରକ୍ଷା

ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ, ପରମ୍ପରା ହେଉଛି ତାହାର ଆତ୍ମା ଏବଂ ପର୍ବପର୍ବାଣି ହେଉଛି ସେହି ସଂସ୍କୃତିର ଜୀବନ୍ତ ପ୍ରତିଛବି। ଯେଉଁ ଜାତି ନିଜର ମୂଳ, ଐତିହ୍ୟ ଓ ପରମ୍ପରାକୁ ସମ୍ମାନ ଦିଏ, ସେହି ଜାତିର ସାଂସ୍କୃତିକ ଅସ୍ମିତା ଯୁଗଯୁଗ ଧରି ଉଜ୍ଜୀବିତ ରହେ। ଆମ ଭାରତୀୟ ସଂସ୍କୃତିରେ ପର୍ବପର୍ବାଣି କେବଳ ଆନନ୍ଦ ଓ ଉଲ୍ଲାସର ଅବସର ନୁହେଁ; ବରଂ ଏହା ଆମର ଧାର୍ମିକ ବିଶ୍ୱାସ, ଆଧ୍ୟାତ୍ମିକ ଚେତନା, ସାମାଜିକ ସଦ୍‌ଭାବନା ଓ ପାରିବାରିକ ମୂଲ୍ୟବୋଧର ଏକ ଅନନ୍ୟ ପ୍ରକାଶ। ତେଣୁ ପରମ୍ପରାର ମହିମାକୁ ଅକ୍ଷୁଣ୍ଣ ରଖି, ତାହାର ଅନ୍ତର୍ନିହିତ ଭାବନା ଓ ଉଦ୍ଦେଶ୍ୟକୁ ବୁଝି ପର୍ବ ପାଳନ କରିବା ହିଁ ପ୍ରକୃତ ସଂସ୍କୃତିର ପରିଚୟ।

ସଂସ୍କୃତି କେବଳ ଅତୀତର ଏକ ସ୍ମୃତି ନୁହେଁ, ଏହା ଆମର ବର୍ତ୍ତମାନର ଚେତନା ଓ ଭବିଷ୍ୟତର ପଥପ୍ରଦର୍ଶକ। ପରମ୍ପରା ଆମକୁ ମୂଳ ସହ ଯୋଡ଼ି ରଖେ, ଆଧୁନିକତା ଆମକୁ ଆଗକୁ ବଢ଼ିବାର ପ୍ରେରଣା ଦିଏ। ତେଣୁ ଉଭୟର ସୁନ୍ଦର ସମନ୍ୱୟ ହିଁ ଏକ ସମୃଦ୍ଧ ସମାଜ ଗଠନର ଆଧାର।

ତେଣୁ, ପର୍ବପର୍ବାଣିକୁ କେବଳ ଆଡ଼ମ୍ବର ଓ ଉତ୍ସବରେ ସୀମିତ ନରଖି, ଏହାର ଅନ୍ତର୍ନିହିତ ମହତ୍ତ୍ୱ, ମାନବିକତା ଓ ସାଂସ୍କୃତିକ ମୂଲ୍ୟବୋଧକୁ ଆମ ଜୀବନରେ ପ୍ରତିଫଳିତ କରିବା ଉଚିତ୍। ଆମ ପରମ୍ପରାର ଦୀପ କେବେ ନିର୍ବାପିତ ନହେଉ, ଆମ ସଂସ୍କୃତିର ମହକ ପିଢ଼ି ପରେ ପିଢ଼ି ମହକି ଚାଲୁ। କାରଣ ନିଜ ସଂସ୍କୃତିକୁ ସମ୍ମାନ ଦେବା ଓ ପରମ୍ପରାର ମହିମାକୁ ଅକ୍ଷୁଣ୍ଣ ରଖିବା ହିଁ ଆମର ପ୍ରକୃତ ସାଂସ୍କୃତିକ ପରିଚୟ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଗୁପ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଛୋଟ କଥା କିନ୍ତୁ ବଡ ପରଦା । ଏହାର ଅର୍ଥ ହେଉଛି ଗୁପ୍ତକୁ ଯେ ପରିପ୍ରକାଶ କରେ ସେ କିଏ ? ଗୁଣକୁ ଯେ ଧାରଣ କରି ଗୁଣବନ୍ତ କରାଏ ସେ କିଏ ? ଗୋଟିଏ ଛୋଟ କଥା କହୁଛି ଶୁଣ-କଥାରେ ଅଛି ନାରୀକୁ ବା ସ୍ତ୍ରୀକୁ ଗୁମର କଥା କହିବ ନାହିଁ କି ପେଟର କଥା କହିବ ନାହିଁ । ଏହାର ଅର୍ଥ ସମସ୍ତେ ଜାଣନ୍ତି ଏବଂ କୁହନ୍ତି । ଆରେ ମା ମାଇପ ଏ ହେଲେ ମାଟି ମାଟିରେ ଯେଉଁ ମଞ୍ଜି ବୁଣିବ ସେ ଗଛ ଉଠିବ ହିଁ ଉଠିବ । ସେ ହିଁ ତାର ପରିପ୍ରକାଶ କରିବ ହିଁ କରିବ । ତାର ଗୁଣକୁ ସେ ଗୁଣବନ୍ତ କରିବ ହିଁ କରିବ । କାରଣ ସେ ତାର ଧର୍ମକୁ ପାଳନ କରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । କିନ୍ତୁ ସମସ୍ତେ କୁହନ୍ତି ସ୍ତ୍ରୀ ଲୋକଗୁଡାକ ଖରାପ । ତାଙ୍କର ସଂଯମତା ନାହିଁ । ଆରେ ପ୍ରଥମ ମୂଳ କଥା ହେଲା ତୁମର ତ ସଂଯମତା ନାହିଁ । ତୁମେ ତୁମର ବାକ୍ୟର ମଞ୍ଜିକୁ ତାଙ୍କଠାରେ ବୁଣିଲେ ସେ ତ ତାର ଧର୍ମ ପାଳନ କଲା, ସେ ମଞ୍ଜିରୁ ଗଛତ ଉଠିବ ହିଁ ଉଠିବ କାରଣ ସେ ତ ମାଟି । ସେ କେଭେ କାହାର ଧାରୁଆ ହେବ ନାହିଁ । ତୁମେ ତୁଳସୀ ମଞ୍ଜି ବୁଣ କି ବିଛୁଆତି ମଞ୍ଜି ବୁଣ ସେ ତାର ପ୍ରକାଶ କରିବା କଥା କରିବ ତାର ଗୁଣକୁ ଜଗତରେ ଗୁଣବନ୍ତ କରି ଲୋକଲୋଚନକୁ ଆଣିବ ହିଁ ଆଣିବ । ଏଥିରେ ତାର ଦୋଷ କେଉଁଠି ରହିଲା । ତେଣୁ ତୁମେ ଦୋଷ କରି ମା ମୁଣ୍ଡରେ ଲଦି ଦେଉଛ କାହିଁକି ? ମାକୁ ଘୃଣା କରୁଛ କାହିଁକି ? ଏହା କଣ ମାନବ ଜାତିର ସଭ୍ୟତା । ତେଣୁ ହେ ମାନବ ଦୋଷକୁ ସ୍ୱୀକାର କର । ମୁକ୍ତି ପାଇଯିବ । ନଚେତ୍ ତୁମକୁ ହିଁ ସେହି ଫଳ ଭୋଗିବାକୁ ପଡିବ ସାବଧାନ । ହରି ଓଁ ।

ଜୀବନଠାରୁ ବଡ ନୁହେଁ ଡିଜେର ଶବ୍ଦ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଉତ୍ସବ ହେଉ, ଆନନ୍ଦ ହେଉ, ବିଜୟ ଉତ୍ସବ ହେଉ କି ବିବାହ ଶୋଭାଯାତ୍ରା –ମଣିଷ ଖୁସି ପାଳନ କରିବ, ଏହା ସ୍ୱାଭାବିକ, କିନ୍ତୁ କାହାର ଖୁସି ଯଦି ଅନ୍ୟ ଜଣଙ୍କ ଜୀବନରେ ଯନ୍ତ୍ରଣା, ରୋଗ, ନିଦ୍ରାହୀନତା, ଭୟ କିମ୍ବା ମୃତ୍ୟୁର କାରଣ ହୁଏ, ତେବେ ସେହି ଖୁସିକୁ ଉତ୍ସବ କୁହାଯାଇପାରିବ କି ? ଆଜି ଓଡ଼ିଶାର ଅନେକ ସ୍ଥାନରେ ଉଚ୍ଚଶବ୍ଦରେ ଡିଜେ ବଜାଇବା ଏକ ଏପରି ସାମାଜିକ ସମସ୍ୟାର ରୂପ ନେଇଛି, ଯାହାକୁ କେବଳ ମନୋରଞ୍ଜନର ପ୍ରଶ୍ନ ଭାବେ ଦେଖିଲେ ଚଳିବ ନାହିଁ। ଏହା ମଣିଷର ଶାନ୍ତି, ସ୍ୱାସ୍ଥ୍ୟ, ନିରାପତ୍ତା ଓ ଜୀବନର ଅଧିକାର ସହ ଜଡିତ ପ୍ରଶ୍ନ। ଭାରତୀୟ ସମ୍ବିଧାନ ପ୍ରତ୍ୟେକ ମଣିଷକୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଛି। ଏହି ଜୀବନ କେବଳ ଶ୍ୱାସ ନେବାର ନାମ ନୁହେଁ, ମର୍ଯ୍ୟାଦା, ଶାନ୍ତି ଓ ସୁସ୍ଥ ପରିବେଶରେ ବଂଚିବା ମଧ୍ୟ ଏହାର ଅଂଶ। ତେଣୁ କାହାର ଉତ୍ସବର ଶବ୍ଦ ଯଦି ଅନ୍ୟ ଜଣଙ୍କ ଘରର ଶିଶୁର ନିଦ୍ରା ଛଡାଇଦିଏ, ବୃଦ୍ଧଙ୍କ ରାତିକୁ ଯନ୍ତ୍ରଣାମୟ କରେ, ଅସୁସ୍ଥ ବ୍ୟକ୍ତିଙ୍କ କଷ୍ଟ ବଢାଏ ଛାତ୍ରଛାତ୍ରୀଙ୍କ ପଢାଶୁଣା ନଷ୍ଟ କିମ୍ବା ରାସ୍ତାରେ ଯାତାୟତକୁ ବିପଦପୂର୍ଣ୍ଣ କରେ, ତେବେ ସେହି ଶବ୍ଦ ବିରୋଧରେ ପ୍ରଶ୍ନ ଉଠିବା ଦରକାର। ଆଜି ସବୁଠାରୁ ବଡ ପ୍ରଶ୍ନ ହେଉଛି – ଆମେ କାହିଁକି ଆନନ୍ଦ ପାଇଁ ଅନ୍ୟର ଅଧିକାରକୁ ଦଳିଦେବା ? ଧର୍ମୀୟ କାର୍ଯ୍ୟକ୍ରମ ହେଉ, ବିବାହ ହେଉ, ପୂଜା ହେଉ, ବିଜୟ ଉତ୍ସବ ହେଉ କି ଅନ୍ୟ କୌଣସି ସାମାଜିକ ଆୟୋଜନ–କୌଣସି ଉତ୍ସବ ମଣିଷର ଜୀବନଠାରୁ ବଡ ହୋଇପାରେ ନାହିଁ। ଡିଜେର ଅତ୍ୟଧିକ ଶବ୍ଦକୁ ନେଇ ଅଭିଯୋଗ ନୂଆ ନୁହେଁ। କିନ୍ତୁ ସମସ୍ୟା ତେବେ ଗୁରୁତର ହୁଏ, ଯେତେବେଳେ ଅଭିଯୋଗ ପରେ ମଧ୍ୟ ଶବ୍ଦ କମେ ନାହିଁ, ନିୟମ ଭାଙ୍ଗିବା ବନ୍ଦ ହୁଏ ଏବଂ ଦାୟିତ୍ୱଶୀଳ ସଂସ୍ଥାମାନଙ୍କ ଉପସ୍ଥିତି ଥିଲେ ମଧ୍ୟ ନିୟମର ପ୍ରଭାବୀ ପ୍ରୟୋଗ ଦେଖାଯାଏ ନାହିଁ। ଆଇନ ଯଦି କାଗଜରେ ରହିଯାଏ ଏବଂ ରାସ୍ତାରେ ତାହାର ପ୍ରଭାବ ଦେଖାଯାଏ ନାହିଁ, ତେବେ ଆଇନ ପ୍ରତି ଲୋକଙ୍କ ବିଶ୍ୱାସ କିପରି ରହିବ? ଏଠାରେ କେବଳ ଡିଜେ ଚାଳକଙ୍କ ଦାୟିତ୍ୱ ନୁହେଁ, ଆୟୋଜକ, ଶୋଭାଯାତ୍ରାର ଦାୟିତ୍ୱରେ ଥିବା ବ୍ୟକ୍ତି, ସ୍ଥାନୀୟ ପ୍ରଶାସନ, ପୁଲିସ ଏବଂ ସମାଜ–ସମସ୍ତଙ୍କର ଦାୟିତ୍ୱ ରହିଛି। ଶବ୍ଦର ସୀମା ଅଛି, ସମୟର ସୀମା ଅଛି, ସ୍ଥାନର ସୀମା ଅଛି। ଏହି ସୀମାକୁ ଅଣଦେଖା କରି ରାତି ଗଭୀର ପର୍ଯ୍ୟନ୍ତ ଉଚ୍ଚଶବ୍ଦରେ ବାଦ୍ୟ ବଜାଇବାକୁ ଯଦି ସାଧାରଣ ଘଟଣା ବୋଲି ମାନିନିଆଯାଏ ତେବେ ଆମେ ଧୀରେ ଧୀରେ ଏପରି ସମାଜ ଗଢୁଛୁ, ଯେଉଁଠାରେ ଅନ୍ୟର ଅସୁବିଧା ପ୍ରତି ଆମର ସମ୍ବେଦନା ଶେଷ ହୋଇଯାଉଛି। ଏହାଠାରୁ ବଡ ବିପଦ ଆଉ କ'ଣ ହୋଇପାରେ? ଜଣେ ମାଆ ନିଜ ଅସୁସ୍ଥ ଶିଶୁକୁ ନେଇ ରାତିରେ ଶାନ୍ତି ଖୋଜୁଥିବା ବେଳେ ବାହାରେ ଅବିରତ ଗର୍ଜନ କରୁଥିବା ଶବ୍ଦ ଶୁଣିବାକୁ ବାଧ୍ୟ ହେଲେ, ତାଙ୍କ କଷ୍ଟକୁ ଆମେ କେଉଁ ଉତ୍ସବର ନାମ ଦେବୁ ? ଜଣେ ବୃଦ୍ଧ ରାତିରେ ନିଦ୍ରା ପାଇପାରୁନଥିଲେ, ଜଣେ ଛାତ୍ର ପରୀକ୍ଷା ପାଇଁ ପଢିପାରୁନଥିଲେ, ଜଣେ ରୋଗୀ ଚିକିତ୍ସା ପରେ ବିଶ୍ରାମ ପାଇପାରୁନଥିଲେ–ଏମାନଙ୍କ ଅଧିକାର କ'ଣ କମ୍ ନୁହେଁ। ଆନନ୍ଦର ଅଧିକାର ଯେପରି ଅଛି, ଶାନ୍ତିରେ ବଂଚିବାର ଅଧିକାର ମଧ୍ୟ ସେପରି ଅଛି। ତେଣୁ ଉତ୍ସବ ଓ ଅଧିକାର ମଧ୍ୟରେ ସନ୍ତୁଳନ ରଖିବା ସଭ୍ୟ ସମାଜର ପରିଚୟ। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, ଅନେକ ସମୟରେ ଅତ୍ୟଧିକ ଶବ୍ଦ ସହ ଯାନବାହନର ଅନିୟନ୍ତ୍ରିତ ଚଳାଚଳ, ରାସ୍ତା ଅବରୋଧ ଓ ଅସୁରକ୍ଷିତ ଭିଡ ଯୋଡିଯାଏ। ତାହାର ପରିଣାମ ଦୁର୍ଘଟଣାର ଆଶଙ୍କା ବଢାଏ। ଏକ ମୁହୂର୍ତ୍ତର ଅସାବଧାନତା ଜଣେ ପରିବାରର ସମଗ୍ର ଜୀବନକୁ ଅନ୍ଧକାର କରିପାରେ। ଆମେ ଘଟଣା ଘଟିବା ପରେ ଶୋକ ପ୍ରକାଶ କରୁ, ପରିବାରକୁ ସାନ୍ତ୍ୱନା ଦେଉ, କିଛିଦିନ ଚର୍ଚ୍ଚା କରୁ ଏବଂ ପରେ ସବୁ ଭୁଲିଯାଉ। ଏହି ଚକ୍ର କେବେ ଭାଙ୍ଗିବ? ଜୀବନ ହରାଇବାପରେ କାର୍ଯ୍ୟାନୁଷ୍ଠାନ ନେବାଠାରୁ ଜୀବନ ହରାଇବା ପୂର୍ବରୁ ନିୟମ ପାଳନ କରାଇବା ଅଧିକ ଜରୁରୀ। ପ୍ରଶାସନକୁ ମଧ୍ୟ ଏଠାରେ କଠୋର ହେବାକୁ ପଡିବ। ଅନୁମତି ଯେଉଁଠାରେ ଆବଶ୍ୟକ, ସେଠାରେ ଅନୁମତି ବିନା ଉଚ୍ଚଶବ୍ଦରେ ବାଦ୍ୟ ବଜାଇବା ବନ୍ଦ ଦରକାର। ନିୟମ ଭାଙ୍ଗିଲେ ଆଇନ ଅନୁଯାୟୀ ଦଣ୍ଡ ହେବା ଦରକାର। ଏହି କଠୋରତା କୌଣସି ଉତ୍ସବ ବିରୋଧୀ ମନୋଭାବ ନୁହେଁ, ବରଂ ଜୀବନ ସୁରକ୍ଷା ପାଇଁ ଆବଶ୍ୟକ ଶୃଙ୍ଖଳା। ସମାଜକୁ ମଧ୍ୟ ବୁଝିବାକୁ ହେବ ଯେ ଶବ୍ଦ ଯେତେ ଅଧିକ, ଉତ୍ସବ ସେତେ ବଡ–ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ଉତ୍ସବର ମାନ ଶବ୍ଦରେ ନୁହେଁ, ଆନନ୍ଦରେ, ଆନନ୍ଦର ମାନ ଅନ୍ୟକୁ କଷ୍ଟ ଦେବାରେ ନୁହେଁ, ସମସ୍ତଙ୍କୁ ସାମିଲ କରିବାରେ ଯେଉଁ ଉତ୍ସବରୁ ଜଣେ ରୋଗୀ କାନ୍ଦନ୍ତି, ଜଣେ ଶିଶୁ ଭୟଭୀତ ହୁଏ, ଜଣେ ବୃଦ୍ଧ ରାତିସାରା ଜାଗନ୍ତି କିମ୍ବା କାହାର ଜୀବନ ବିପଦରେ ପଡେ, ସେଠାରେ ଆମକୁ ନିଜକୁ ପଚାରିବାକୁ ହେବ – ଏହା କି ସତରେ ଉତ୍ସବ? ଆଜି ଆବଶ୍ୟକ ଏକ ସ୍ପଷ୍ଟ ସାମାଜିକ ସନ୍ଦେଶ–ଜୀବନ ପ୍ରଥମ, ଉତ୍ସବ ପରେ। ମଣିଷ ପ୍ରଥମ, ଶବ୍ଦ ପରେ। ଅଧିକାର ପ୍ରଥମ, ଅସାବଧାନ ମନୋରଞ୍ଜନ ପରେ। ଏହି ସରଳ ସତ୍ୟକୁ ଯଦି ଆମେ ଗ୍ରହଣ କରିପାରୁନାହୁଁ, ତେବେ ଆମର ବିକାଶ, ଆମର ଶିକ୍ଷା ଓ ଆମର ସଭ୍ୟତା ଉପରେ ପ୍ରଶ୍ନ ଉଠିବ। ଡିଜେ ଯନ୍ତ୍ର ନିଜେ ଅପରାଧୀ ନୁହେଁ, ତାହାର ଅନିୟନ୍ତ୍ରିତ ଓ ନିୟମବିରୋଧୀ ବ୍ୟବହାର ହିଁ ସମସ୍ୟା। ତେଣୁ ନିଷେଧର ନାମରେ ସମସ୍ତ ଆନନ୍ଦକୁ ବନ୍ଦ କରିବା ନୁହେଁ, ନିୟମର ସୀମାରେ ଆନନ୍ଦକୁ ରଖିବା ହିଁ ସାବଧାନ। ଅଭିଭାବକମାନେ ନିଜ ସନ୍ତାନକୁ ବୁଝାନ୍ତୁ, ଆୟୋଜକମାନେ ନିଜ ଦାୟିତ୍ୱ ବୁଝନ୍ତୁ ଯୁବମାନେ ଉତ୍ସାହ ସହିତ ଦାୟିତ୍ୱ ଦେଖାନ୍ତୁ ଏବଂ ପ୍ରଶାସନ ନିୟମକୁ ନିର୍ବିକାର ଭାବରେ ପ୍ରୟୋଗ କରୁ। କୌଣସି ଦଳ, ସଂଗଠନ, ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ଆୟୋଜକ ପାଇଁ ନିୟମ ଅଲଗା ହେବା ଉଚିତ ନୁହେଁ। ଆଇନ ସମସ୍ତଙ୍କ ପାଇଁ ସମାନ–ଏହି ବିଶ୍ୱାସ ହିଁ ଶୃଙ୍ଖଳିତ ସମାଜର ମୂଳ ଆଧାର। ଶବ୍ଦ ପ୍ରଦୂଷଣକୁ ନେଇ ଅଭିଯୋଗ କରୁଥିବା ଲୋକଙ୍କୁ ମଧ୍ୟ ଅନାବଶ୍ୟକ ଭାବେ ଉତ୍ସବବିରୋଧୀ ବୋଲି ଚିହ୍ନିତ କରିବା ଠିକ୍ ନୁହେଁ। ସେମାନେ ନିଜ ଘର, ନିଜ ଶରୀର, ନିଜ ଶିଶୁ ଓ ନିଜ ଶାନ୍ତି ପାଇଁ କହୁଛନ୍ତି। ତାଙ୍କ ଅଭିଯୋଗ ଶୁଣିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ଯେଉଁଠାରେ ନିୟମ ଉଲ୍ଲଂଘନ ହେଉଛି, ସେଠାରେ ତ୍ୱରିତ ଯାଂଚ, ଆବଶ୍ୟକ ମାପ, ଦାୟୀ ବ୍ୟକ୍ତିଙ୍କ ଚିହ୍ନଟ ଓ ଆଇନସମ୍ମତ ପଦକ୍ଷେପ ହେବା ଦରକାର। ଏହା ସହିତ ସ୍ଥାନୀୟ ସ୍ତରରେ ସଚେତନତା ଅଭିଯାନ ମଧ୍ୟ ଚାଲିବା ଦରକାର। କାରଣ କେବଳ ଦଣ୍ଡ ଦେଇ ସମାଜ ବଦଳେ ନାହିଁ, ଦାୟିତ୍ୱବୋଧ ଜାଗ୍ରତ କରିବା ମଧ୍ୟ ଆବଶ୍ୟକ। ଆମେ ଭୁଲିଯିବା ଉଚିତ ନୁହେଁ–ଏକ ଜୀବନ ଫେରାଇ ଆଣିହେବ ନାହିଁ। ଏକ ପରିବାରରେ ହସ ଥରେ ନିଭିଗଲେ କୌଣସି ଉତ୍ସବର ଶବ୍ଦ ତାହାକୁ ଫେରାଇପାରିବ ନାହିଁ। ତେଣୁ ଆଜି ଆମକୁ ନିଜ ମନରେ ଏକ ପ୍ରତିଜ୍ଞା କରିବାକୁ ହେବ– ଆମର ଆନନ୍ଦ କାହାର ଅଶ୍ରୁର କାରଣ ହେବ ନାହିଁ, ଆମର ଉତ୍ସବ କାହାର ଜୀବନକୁ ବିପଦରେ ପକାଇବ ନାହିଁ, ଆମର ଶବ୍ଦ କାହାର ଅଧିକାରକୁ ଦଳିଦେବ ନାହିଁ। ଓଡ଼ିଶାର ମାଟି ଉତ୍ସବର ମାଟି, କିନ୍ତୁ ଏହା ମାନବିକତାର ମାଟି ମଧ୍ୟ। ଏଠାରେ ଆନନ୍ଦ ରହୁ, ଢୋଲ ବାଜୁ, ସଙ୍ଗୀତ ହେଉ, ଉତ୍ସବ ହେଉ, କିନ୍ତୁ ସେହି ଆନନ୍ଦର ସୀମା ଯେଉଁଠାରେ ଅନ୍ୟର ଜୀବନ ଓ ଶାନ୍ତି ଆରମ୍ଭ ହୁଏ, ସେଠାରେ ଆମକୁ ଅଟକିବାକୁ ହେବ। କାରଣ ଜୀବନ ଥିଲେ ହିଁ ଉତ୍ସବ ଅଛି, ମଣିଷ ଥିଲେ ହିଁ ଆନନ୍ଦ ଅଛି, ପରିବାର ହସିଲେ ହିଁ ପର୍ବର ଅର୍ଥ ଅଛି। ତେଣୁ ଡିଜେର ଶବ୍ଦ ଯେତେ ଉଚ୍ଚ ହେଉନା କାହିଁକି, ତାହାଠାରୁ ଉଚ୍ଚ ହେବା ଦରକାର ମଣିଷର ଜୀବନ ପ୍ରତି ସମ୍ମାନ। ଆଜି ନିୟମ ମାନିବା, ଆସନ୍ତାକାଲି ଜୀବନ ବଂଚାଇବା। ଏହି ସନ୍ଦେଶ ଘରେ ଘରେ ପହଂଚୁ–ଜୀବନ ମୌଳିକ ଅଧିକାର, ଜୀବନଠାରୁ ବଡ କୌଣସି ଉତ୍ସବ ନୁହେଁ।

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ସୁବ୍ରତ କୁମାର ଦାସ

ଅଭାବରୁ ଆଶୀର୍ବାଦ



ଅରୁଣର ଜନ୍ମ ଗାଁର ଏକ ଅଭାବୀ ଗରିବ ପରିବାରରେ ହୋଇଥିଲା । ପିଲାଦିନରୁ ଅଭାବ ତାର ଜୀବନକୁ ଘେରି ରହିଥିଲା। ଭୋକ ସହିନପାରି ସେ ଗାଁ ଗାଁ ବୁଲି ଖାଇବା ପାଇଁ ମାଗୁଥିଲା। ଅନେକେ ତାକୁ ଅପମାନ କରୁଥିଲେ। ବହୁତ ଲୋକ ତାକୁ ଅଣଦେଖା କରୁଥିଲେ। ତଥାପି ସେ ମନରେ କେବେ ରାଗ ରଖୁନଥିଲା। କିଛିଦିନ ପରେ ସେ ସହରକୁ ଯାଇ ଗୋଟିଏ ଛୋଟ ହୋଟେଲରେ ପ୍ଲେଟ୍ ଧୋଇବା କାମ କଲା। ଦିନରାତି ପରିଶ୍ରମ କରି ସେ ହୋଟେଲ ବ୍ୟବସାୟର ସବୁ କାମ ଶିଖିଗଲା। ଭୋକ, କଷ୍ଟ ଓ ଅପମାନ ସହି ସେ କେବଳ ଭଗବାନଙ୍କୁ କହୁଥିଲା, ହେ ଈଶ୍ୱର, ଆଜି ଯେତକ ମିଳିଛି ସେଥିପାଇଁ ଧନ୍ୟବାଦ। ସମୟ ବଦଳିଲା। ଅରୁଣ ନିଜ ଅର୍ଜିତ ଧନ ରାଶିକୁ ସଞ୍ଚୟ କରି ଗୋଟିଏ ଛୋଟ ହୋଟେଲ ଆରମ୍ଭ କଲା। ତାର ସତ୍ୟବାଦୀତା, ପରିଶ୍ରମ ଓ ଉତ୍ତମ ବ୍ୟବହାର ଲୋକଙ୍କ ହୃଦୟ ଜିତିନେଲା। ଦେଖୁ ଦେଖୁ ଅଳ୍ପ ଦିନ ଭିତରେ ଗୋଟିଏ ହୋଟେଲରୁ ଆଉ ଗୋଟିଏ ହୋଟେଲ ଗଢ଼ିଉଠିଲା। କିଛି ବର୍ଷ ପରେ ସେ ସହରର ଜଣେ ବଡ଼ ବ୍ୟବସାୟୀ ହୋଇଗଲା। ଥରେ ସେ ନିଜ ଗାଁକୁ ଆସିଲା। ଯେଉଁମାନେ ଦିନେ ତାକୁ ଅବହେଳା, ଅଣଦେଖା କରୁଥିଲେ, ସେମାନେ ଆଜି ତାକୁ ସାମ୍ନାରେ ଦେଖି ବିଶ୍ୱାସ କରି ପାରିଲେନି। ବଡ଼ ବ୍ୟବସାୟୀ ଓ ବେଶଭୂଷା ଦେଖି ସମ୍ମାନର ସହ ତାକୁ ସଲାମ କରୁଥିଲେ। ଅଭାବ, ଅପମାନ ଓ ସଂଘର୍ଷ ମଧ୍ୟରେ ଜଣେ ଗରିବ ପିଲାର ପରିଶ୍ରମ, ଧୈର୍ଯ୍ୟ ଓ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ତାକୁ ଆଜି ସଫଳତା ଆଣି ଦେଇଛି। ମାତ୍ର ଅରୁଣର ମନରେ ଅଭିମାନ ନଥିଲା। ସେ ପ୍ରଥମେ ଗାଁ ମନ୍ଦିରକୁ ଯାଇ ମୁଣ୍ଡ ନୁଆଁଇ କହିଲା, ଧନ୍ୟବାଦ ଈଶ୍ୱର... ଅଭାବରୁ ମୋତେ ଏଠାକୁ ଆଣିଥିବା ପାଇଁ।

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୩୧୯୦୩

ଦୀପ ହେବାକୁ କିଏ ଚାହେଁ ଯେ

ସ୍ନିଗ୍ଧା ପଣ୍ଡା



ଆଲୁଅ ଲୋଡା ସଭିଙ୍କର
ଦୀପ ହେବାକୁ କିଏ ଚାହେଁ ଯେ ?
ସବୁ ଅନ୍ଧାରକୁ ଲୁଚେଇବାକୁ ହେବ ନିଜ ଛାଇ ତଳେ
ଜଳୁଥିବା ସଳିତାକୁ ରଖିବାକୁ ହେବ ଗର୍ଭରେ

ତତଲା ତେଲ ଭିତରେ
ତରଳେଇବାକୁ ହେବ କଳିଜା
ପୋଡିଯିବାକୁ ହେଉଥିବ ପ୍ରତି କ୍ଷଣ
ନିଜ ପୋଡା ଗନ୍ଧକୁ
ଭରି ନେବାକୁ ହେବ ନିଜ ଭିତରେ ।।

ନିଃଶ୍ୱାସ ରୋକି ଲଢିବାକୁ ହେବ ପବନର ଝାଙ୍କ ସହିତ
ଧୂଆଁ ସାଙ୍ଗେ ଉଡେଇଦବାକୁ ହବ ଇଚ୍ଛାମାନଙ୍କୁ

ତେଲ ଚିକିଟାକୁ ମଡେଇଦବ
ବହଳ କରି ପିଠିଯାକ
ପିଠିତଳେ ଥିବ ଦର ଜଳା ହାଡ କେଇଖଣ୍ଡ ।।

ଦୀପର ଆଉ ରୂପ କ'ଣ ରଙ୍ଗ କ'ଣ ପରିଚୟ କ'ଣ
ଦୀପ ତ ଦୀପ
ଖାଲି ଜଳେ, ଆଲୁଅ ଦିଏ
ଜଳିସାରିଲେ ଛାଡିଯାଏ ପୋଡା ମୁହଁଟିଏ
ଛାଡିଯାଏ ବି ଗୋଟେ ପୋଡା ମାଟିର ଶବ ।।

ଦୀପ ଜଳିଲେ ଆଲୁଅ
ହେଲେ ଦୀପ ହେବାକୁ କିଏ ଚାହେଁ ଯେ ??

ଲହଣ୍ଡା, ବରଗଡ

ଦୀପ

ଡ. ଚନ୍ଦ୍ରକଳା ନାୟକ

ସାକ୍ଷୀ ସେ ଅନେକ କଥାର
ଆଙ୍କିଦିଏ କେତେ ଅନୁଭବ
ବାଣ୍ଟିଦିଏ ଶତ ଅନୁରାଗ
ରକ୍ତ ରାଗେ ସୃଷ୍ଟି କରେ କେତେ ବିଭାବ।
ମୁଦି ଗଲେ ଅନ୍ଧକାରେ ବାହି ଆଣେ
କେତେ କେତେ ସ୍ମୃତି
ହଜିଲା, ଗତ ହୋଇଥିବା ଅତୀତର
କେତେ ରୋମାଞ୍ଚକର
ଅବ୍ୟକ୍ତ ମନ ତଳର ଇତିହାସକୁ।
ଦୀପ ତୁ ଏକ ପୁସ୍ତିକାର ସୂଚୀପତ୍ର
କେତେ ଇଙ୍ଗିତରେ ରଚୁ ମାୟାଜାଲ
ଲାଭାବି ଉଦ୍‌ଗିରଣ କରୁ
କେବେ ପୁଣି ଶୀତଳତା ଭରୁ।
ତୁ ପୁଣି ଆଶ୍ଳେଷର ସ୍ନେହର ଜୁରେ
ଝଙ୍କାର ତୋଳୁ
ଈର୍ଷାଠୁ ଦୂରେ ଥାଇ ବାଢି ଦେଉ
ଲଢିବାର ଅନୁଜ ରାଗିଣୀ।
ଦୀପ ତୁ ଅନ୍ତରଙ୍ଗ ଆଳାପରେ
ନିରୋଳା ଓ ସ୍ୱଚ୍ଛରେ
ଭରିଦେଉ ଜୀବନ ଜୁଆର।
ପଢି ପାରନ୍ତି ରାମମାନେ ତାକୁ
ରାବଣକୁ ବିନାସିବା ପାଇଁ
ପଳ ପଳ ହୋଇ ସଦା ଜଳୁ
ଜଗତକୁ ଶାନ୍ତିର ଆଲୋକ ଦେବାକୁ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭



ରଜତ ଆଲୋକମାଳେ

ନଗେନ୍ଦ୍ରନାଥ ପଟ୍ଟନାୟକ

ଶୁଭ ପ୍ରଦୀପର ଉଜ୍ଜ୍ୱଳ ଆଲୋକ
ଅନ୍ଧକାର ଦିଏ ଚିରି
ଯେସନେ ଆସନ୍ତି ତାରା-ଫୁଲମାନେ
ଧାରା ପରେ ଅବତରି ।୦।
ଘର ଅଗଣା ତ ଝଲସି ଉଠଇ
ରଜତ ଆଲୋକମାଳେ
ଦୁଆର ମୁହଁଟି ସଜେଇ ହୋଇକି
ନବବଧୂ ପ୍ରାୟେ ଝଳେ
ଦିପାଳି ପରବେ ବାହ୍ୟ ପରିବେଶ
ଉଲ୍ଲାସରେ ଯାଏ ଭରି ।୧।
ଅଜ୍ଞତା ଗରବ ଈର୍ଷା ନୈରାଶ୍ୟ
କ୍ରୋଧ ଭୟ ଅହଙ୍କାର
ସଂଚରି ଦିଅନ୍ତି ମଣିଷର ହୃଦେ
ତିମିରି ତ ଅନ୍ଧକାର
ଆତ୍ମବୋଧ କ୍ଷମା ବିବେକ କରୁଣା
ଆଲୋକରେ ଥାଏ ଭରି ।୨।
ଲଦି ହୋଇଯାଏ ମଣିଷ ଅନ୍ତରେ
ଅଭିଯୋଗ ତିକ୍ତ ସ୍ମୃତି
ଦୁଃଖ ବିଷାଦର ପୁରୁଣା ବୋଝରେ
ଅନ୍ତରଟା ଯାଏ ଫାଟି
ଅଧୁରା କାମନା ବାସନାର ବାରି
ବହିଯାଏ ହୃଦ ଘେରି ।୩।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮

ପବିତ୍ର ପ୍ରକାଶ ପର୍ବ

ରାମଚନ୍ଦ୍ର ବେହେରା

ପୂଣ୍ୟ କାର୍ତ୍ତିକର ଅମାବାସ୍ୟା ତିଥି
ଆସିଛି ମରତ ଧାମେ
ସାରା ଦେଶ ଆଜି ଉତ୍ସବ ମୁଖର
ପଦ୍ମଜାଙ୍କ ଆଗମନେ
ଭିନ୍ନ ବର୍ଣ୍ଣ ଆଲୋକରେ
ଗାଆଁଠୁ ସହର ଦିଶେ ଶୋଭାବନ
ଦେଖିଲେ ଆଖି ନଫେରେ।
ବନବାସ ସାରି ପ୍ରଭୁ ରାମଚନ୍ଦ୍ର
ଫେରିଥିଲେ ଏହି ଦିନ
ଅଯୋଧ୍ୟା ନିବାସୀ ଦୀପ ଆଲୋକରେ
କରିଥିଲେ ସ୍ୱାଗତମ
ସେହିଦିନଟିକୁ ଜନେ
ଦୀପାବଳି ବୋଲି ପାଳି ଆସୁଛନ୍ତି
ଭରି ସ୍ନେହ ଶ୍ରଦ୍ଧା ମନେ।
କୃଷ୍ଣ ମାରିଥିଲେ ନରକାସୁରକୁ
ତା'ର ଘୃଣ୍ୟ କର୍ମ ପାଇଁ
ହିରଣ୍ୟକଶିପୁ କରିଥିଲେ ବଧ
ନରସିଂହ ରୂପ ନେଇ
ପୂଣ୍ୟ ଦୀପାବଳି ଦିନ
ସାଗର ମନ୍ଥନେ ମାତା ଲକ୍ଷ୍ମୀଙ୍କର
ହୋଇଥିଲା ଆଗମନ।
ଦ୍ୱାପର ଯୁଗରେ ଅଜ୍ଞାତ ବାସ୍‌ଠୁ
ଫେରିଥିଲେ ପଣ୍ଡୁ ଭ୍ରାତା
ମାତା ଦୁର୍ଗାଙ୍କର ଅଗ୍ର ମସ୍ତିଷ୍କରୁ
ଜନ୍ମିଥିଲେ କାଳୀ ମାତା
ସେଥିପାଇଁ ସର୍ବ ଜନେ
ସଂକଟ ହାରିଣୀ ମା'ଶ୍ୟାମାକାଳୀଙ୍କୁ
ପୂଜନ୍ତି ହରଷ ମନେ।
ପିତୃ ପୁରୁଷଙ୍କ ପୂଜା ବିଧି ହୁଏ
ଶୁଭେ ହୁଳହୁଳି ଧ୍ୱନି
କାଉଁରିଆ ଜାଳି ବଡବଡୁଆଙ୍କୁ
ଦିଅନ୍ତି ସର୍ବେ ମେଲାଣି
ପବିତ୍ର ପ୍ରକାଶ ପର୍ବ
ଆସ ସର୍ବେ ମିଳି ଶ୍ରଦ୍ଧାରେ ପାଳିବା
ସେ ଆସ ଗର୍ବ ଗୌରବ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ପୁନଶ୍ଚ ଦୀପାଳି

ଦେବାଶିଷ ଚକ୍ରବର୍ତ୍ତୀ

ଆଲୁଅ
ଆଲୁଅରେ ଘର ଉଜଜ୍ୱଳି ଉଠିଲେ
ସତେ କେଉଁ ଲାଭ ମିଳିବ ଆଉ
ସଂସାର ତରୁର ପ୍ରତିଟି ଡାଳରେ
ଦୋଳି ଖେଳେ ଯେବେ ଗୋବିନ୍ଦ ସାହୁ।

ପିମ୍ପେଇ
ବଡବଡୁଆ କି ସତରେ ଆସିବେ
ଡାକିଲେ ତାହାଙ୍କୁ ପିମ୍ପେଇ ଜାଳି
ମନ ଯେବେ ଆମ ପାଲଟି ଯାଇଛି
ସ୍ୱାର୍ଥପରତାର ଅନ୍ଧ ଗଳି ।

ଦୀପ
ଜୀବନରେ କେହି ସତେକି ପାରିଛି
ଅନ୍ଧାର ସହିତ ଲଢ଼େଇ କରି
ତେବେ ଆମେ କିଆଁ ଦୀପଟିଏ ସାଜି
ଦେବାନି ସୋରାଏ ଆଲୁଅ ଢାଳି।

ଶିଖା
ବାତୁଳ ପବନ ଫୁଙ୍କି ଦେଲେ ସିନା
ଯାଇଥାଏ ଦୀପଶିଖା ଝାଉଁଳି
ବିବେକ ଶିଖାକୁ ଲିଭେଇ ପାରେ କି
ଅଭାବର ଝଡ ଆସିଲେ ମାଡ଼ି ।

ବାଲୁଙ୍ଗା
ବାଲୁଙ୍ଗାର ମଧ କଦର ବଢ଼ଇ
କେବଳ ପିମ୍ପେଇ ଜାଳିବା ପାଇଁ
ଭୋଟ୍ ସରିଗଲେ ଭୋଟର ବାପୁଡ଼ା
କେବେହେଲେ ଲୋଡ଼ା ହୋଇଛି କାହିଁ।

ମଣ୍ଡୁଆ, କେନ୍ଦୁଝର ଗଡ
ମୋ-୯୪୩୭୭୫୨୩୯୫

ମୁଠାଏ ପୃଥିବୀ

ବଂଶୀଧର ମାଝୀ



ସମୟର ଅସଫଳ ରାସ୍ତାରେ
ଥକିପଡ଼ିଥିବା ଗୋଡ଼ ଦୁଇଟାକୁ
ପୁଣି ଥରେ ଆଗକୁ ବଢ଼ାଇବାକୁ ହେବ
ନିଜ ଭିତରର ସୁପ୍ତ ଆଗ୍ନେୟଗିରିକୁ
ଆଉ ଥରେ ଜାଗ୍ରତ କରିବାକୁ ହେବ ।

କୋଠରୀର ଚାରି କାନ୍ଥ ଭିତରେ
ଆବଦ୍ଧ ନୁହେଁ ଆମ ଆକାଶ
ଆମ ହାତର ରେଖାରେ ଲେଖା ଅଛି
ଦିଗବଳୟକୁ ଟପିବାର ବିଶ୍ୱାସ ।

ହୁଏତ ପାଦ ତଳେ ଜଳୁଛି ନିଆଁ
ହୁଏତ ମୁଣ୍ଡ ଉପରେ କଳା ମେଘର ଛାୟା
ହେଲେ ଆମ ଆଖିରେ ଅଛି ନୂଆ ପ୍ରଭାତର ସ୍ୱପ୍ନ
ଆଉ ଛାତିରେ ଅସୀମ ସାହସର ମାୟା ।

ପାହାଡ଼କୁ ଭାଙ୍ଗି ବାଟ କାଢ଼ିବାକୁ ହେବ
ସମୁଦ୍ରର ଢେଉ ସହ ଲଢ଼ିବାକୁ ହେବ
ହାରିଯିବା ଆମର ପରିଚୟ ନୁହେଁ ।

ନିଜ ଭାବନାରେ ଡେଣା ବାନ୍ଧି
ଆମେ ଉଡ଼ିଯିବା ଶୂନ୍ୟରୁ ଅନନ୍ତକୁ
ଆଉ ଆମ ସଙ୍କଳ୍ପର ଶକ୍ତିରେ
ଆମ ମୁଠା ଭିତରେ ସାଉଁଟି ଆଣିବା
ମୁଠାଏ ପୃଥିବୀ ।

ଫଟାମୁଣ୍ଡା, ଘଣ୍ଟାପଡା, ବୌଦ୍ଧ-୭୬୨୦୧୮
ମୋ-୯୧୭୮୮୦୩୩୮୮

ରଖିବି ସାଇତି

ଦୀପକ କୁମାର ନାୟକ

ମନ ରାଇଜରେ ବୁଲୁଛି ଆଜି ମୁଁ
କେତେ କଣ ସ୍ୱପ୍ନ ନେଇ
କାହାକୁ ମୁଁ ଦେବି ଏ ମନକୁ କୁହ
ସାଥି ମୋର କେହି ନାହିଁ ॥
କେବେ କିଏ ନବ ଏ ମନକୁ ମୋର
ସାଜି ହୃଦୟର ରାଣୀ
ସାଇତି ରଖିବି ଏଇ ହୃଦୟରେ
କରି ମୋର ପାଟରାଣୀ ॥
ସ୍ନେହ ଶ୍ରଦ୍ଧା ଆଉ ଭଲ ପାଇବାରେ
କରିବିନି କେବେ ଊଣା
ଯିଏ ମୋତେ ମନ ଦେବ ତାକୁ ପରେ
ପଡ଼ିଯିବ ସବୁ ଜଣା ॥
ପବନ ପରିକା ତାର ଚାରିପାଖେ
ଘୁରି ବୁଲୁଥିବି ନିତି
ଧରିଥିବି ଜମା ଛାଡିବିନି ଆସୁ
ଯେତେବଡ଼ ପରିସ୍ଥିତି ॥
କାହିଁ କେତେ ଦିନୁ ଚାହିଁଛି ତା ବାଟ
କେବେ ଆସିବ ସେ ସାଥି
ଚିରଦିନ ପାଇଁ ତାକୁ ହୃଦୟରେ
ରଖିଦେବି ମୁଁ ସାଇତି ॥

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ-୮୬୩୭୨୬୧୮୨୮


ଆମ ଛୋଟ ପାର୍କଟିଏ

ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ

ସବୁଜ ଘାସର କୋମଳ ବିଛଣା,
ଫୁଟିଛି ଫୁଲର ରଙ୍ଗୀନ ଆଲ୍ପନା ।
ସକାଳର ଖରା ସୁନା ଭଳି ହସେ,
ଶୀତଳ ପବନ ଗାଲକୁ ସ୍ପର୍ଶେ ।
ପକ୍ଷୀଙ୍କ କଳରବେ ମନ ବିଭୋର,
ଭାଙ୍ଗିଦିଏ ସିଏ ଯେ ନିଦ୍ରା ସମସ୍ତଙ୍କର।
ସମ୍ପର୍କର ବଜାର ବସେ ସକାଳ ସନ୍ଧ୍ୟାରେ,
ଶାନ୍ତି ଭରିଦିଏ ପ୍ରତ୍ୟେକ ହୃଦୟରେ ।
ବୁଢ଼ା ବୁଢ଼ୀ ଏଠି ଯୌବନ ଖୋଜନ୍ତି
ଛୋଟ ପିଲେ ଦୋଳିରେ ଝୁଲନ୍ତି ।
ବୟସ୍କଙ୍କ ଗପସପ
ଜମେ ସନ୍ଧ୍ୟା ଆରତୀ ସାଥେ,
ଦିନ କଟିଯାଏ ସୁଖ ଦୁଃଖର ପଥେ ।
ପ୍ରକୃତିର କୋଳେ କୋଳାହଳ ମଧ୍ୟେ
ହସଟିଏ ବି ଫୁଟେନି,
କାହିଁକି କେଜାଣି
କିଛି ମାର୍ବଲ ହୃଦୟରେ ?
କୋଳାହଳ-ମୟ ସହରର କୋଣେ
ଏହି ସ୍ଥାନ,
ମନକୁ ଦିଏ ଯେ
ବନ୍ଧୁତ୍ୱ, ସାଥି ସହୋଦର,
ପ୍ରଶାନ୍ତି ଓ ମନୁଷ୍ୟ ହୋଇ
ବଞ୍ଚିବାର ଜ୍ଞାନ !!
ଏ କଥା ଟିକକ ମନେ ରହିଗଲେ
ଭୁଲିଯାନ୍ତା ମଣିଷ
ଅହଂକାର, ଉନ୍ମାଦନା ଓ ମିଥ୍ୟା ଜଗତର
ଶୂନ୍ୟ ଆଉ ଶୂନ୍ୟ ।।
ପ୍ରକୃତିର କୋଳେ
କି ସୁନ୍ଦର ସୃଷ୍ଟି,
ବୁଝି-ବୁଝାଇ ପାରିଲେ
ହୁଅନ୍ତା ପ୍ରେମ,
ବନ୍ଧୁତ୍ୱ ଓ ଆନ୍ତରିକତାର ବୃଷ୍ଟି।।

ମୁଁ ଏକ ପରଝଡ଼ା ଚଢ଼େଇ

ସୁରମା ମିଶ୍ର



ମୁଁ ଏକ ପରଝଡ଼ା ଚଢ଼େଇ
ପଡ଼ି ଅଛି ଅସମର୍ଥ ହୋଇ
ରଚିଥିଲି କି ସୁନ୍ଦର ନୀଡ଼
ଆସିଗଲା ଅଦିନିଆଁ ଝଡ଼ ॥

ତା ପ୍ରକୋପ ସହି ପାରିଲିନି
ବସା ମୋର ହେଲା ଖିନି ଭିନି
ଚାଲି ଗଲା ମୋ ପ୍ରିୟ ଶାବକ
ଆଖି ଆଗେ ନାଚେ ତାର ମୁଖ ॥

ଗଢ଼ି ଥିଲି ସୁଖର ସଂସାର
ନିମିଷକେ ହେଲା ଛାରଖାର
ପର ମୋର ପଡ଼ିଗଲା ଝଡି
ମନ ଇଚ୍ଛା ପାରୁନାହିଁ ଉଡ଼ି ॥

ଗୋଡ ମୋର ହୋଇଲା ଅଚଳ
ଚାଲିବାକୁ ପାଉ ନାହିଁ ବଳ
ପଙ୍ଗୁ ଓ ଅଥର୍ବ ହୋଇଲି
ମୁହଁଟାକୁ ଲୁଚାଇ ରଖିଲି ॥

ପିଲାମାନେ ପଥର ଫିଙ୍ଗନ୍ତି
ହସି ହସି ତାଳି ମାରୁଥାନ୍ତି
ବାଧେ ମୋତେ ଲାଗେ ଅସହାୟ
ପ୍ରଭୁ କାହିଁ ହୋଇଲ ନିର୍ଦ୍ଦୟ ॥

ଖାଇବାକୁ ଦାନା ଗଣ୍ଡେ ନାହିଁ
ଭୋକରେ ଆତୁର ହୁଏ ମୁହିଁ
ଚଉବାହା ଶୁଣ ମୋ ଗୁହାରି
ଏ ଭବ ସାଗରୁ କରହେ ପାରି ॥

ବିଏଲ୍-୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

ଅପେକ୍ଷାରେ

ଅଖିଳ କୁମାର ମିଶ୍ର



ମୁଁ ଅନାଦି କାଳରୁ ଅପେକ୍ଷା କରିଛି/ବୋଧହୁଏ,
ତୁମେ ହିଁ ଭାଗ୍ୟ ମୁଁ ଦୌଡ଼ୁଛି ଯେ ଦଉଡ଼ୁଚି,
ସବୁବେଳେ ସେହି କିଛି ଆଶା ଲାଗି, ଯାହା ମୁଁ ଠିକ୍ ଭାବେ
ଜାଣିବାକୁ ଚେଷ୍ଟା କରିପାରି ନାହିଁ।

ଏବେ କି ମୁଁ ତୁମକୁ ପାଇଲି ବୋଲି
ମୋର ଖୋଜ ସମ୍ପୂର୍ଣ୍ଣ ହେଲା,
ତୁମର ଆଲିଂଗନରେ ମୋର ମୁକ୍ତି,
ତୁମର ଉପସ୍ଥିତିରେ ମୋର ଉଭାସ ସଂସାର,
ଲୁହ ମୋର ଦୂର ହୋଇଯାଏ, ବର୍ଷ ମାନ ସମାପ୍ତ ହୁଏ ।

ତୁମର ଖୁସି ପାଇଁ, ମୋର ସମସ୍ତ ମୂର୍ଖତା ଓ ଭୁଲ୍,
ମୁଁ ଏବେ ଏକ ସମ୍ପୂର୍ଣ୍ଣ ଅଚିହ୍ନା ଦୁନିଆରେ ହଜିଯାଇଛି,
କୌଣସି ଚିହ୍ନ ନାହିଁ ଏ ସ୍ଥାନରେ,
ମୁଁ ପ୍ରାୟତଃ ଏଠାରେ ସ୍ୱପ୍ନ ଦେଖିଛି,
ଏକ ଇଙ୍ଗିତପୂର୍ଣ୍ଣ ସଂଭାବନା ଉପରେ ଚିନ୍ତା କରୁଛି,
ମୋର କିଛି ବାର୍ତ୍ତା ମନେ ଅଛି, ବହୁ ଦିନର କଥା ଏ,
ମନେ ପକାଉଛି ସେହି ଲୁହକୁ,
ଯାହା ଯୁଗ ଯୁଗର ଭୟ ପାଇଁ ଝରିଛି।

କିନ୍ତୁ ଏହା ଭିନ୍ନ, ଏବେ ଆଉ ଅଗ୍ରହଣ ନୁହେଁ,
ପ୍ରେମକୁ/ ଖୋଲାଖୋଲି ଘୋଷଣା କରିବା ପାଇଁ,
ପୁଣି ଥରେ ପ୍ରତିପାଦନ ସହିବୁ ନାହିଁ,
ଯଦିଓ ସଂଭବ ନୁହେଁ ଭୁଲକୁ ସମ୍ପୂର୍ଣ୍ଣ ଧୋଇବା ପାଇଁ।

ବହୁତ ଚିନ୍ତା ଆସି ଯାଉଚି, ମତେ ବିଶ୍ୱାସ କର,
ଏହା ହେଉଛି ଉପଯୁକ୍ତ ସମୟ
ଯେଉଁଠାରେ ଆମେ ଏକାଠି ପାଦ ମିଳାଇ ଚାଲିପାରିବା।

ଅତୀତ କେବଳ ଅତୀତ, ବାଲି ଗରଡା,
ଭବିଷ୍ୟତ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ,
ଯବନିକା ପଡିନି ଦେହର ଅନ୍ତରର ପ୍ରତିବନ୍ଧକର,
ମୁକ୍ତ କରିବାକୁ ହେବ ଡୋରୀ ମାନଙ୍କୁ,
ଏକ ନୂତନ ଯାତ୍ରା ଆରମ୍ଭ ହେଉ,
ହୃଦୟର ସ୍ପନ୍ଦନକୁ ଅନୁଭବ ଆସି ଯାଉ।

ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ର ସୂଚନା ବ୍ୟୁରୋ
ଭାରତ ସରକାର, ଭୁବନେଶ୍ୱର

ପ୍ରଜ୍ଞା ପୁରୁଷ ଅଟଳ

ସତ୍ୟବ୍ରତ ମହାଳିକ (ଦେବୀ ଦାସ)

ଅଟଳ ସ୍ଥିର ମସ୍ତିଷ୍କ ସଂଚାର,
ଦେଶ ପ୍ରେମ ମାତୃଭୂମି ବସ୍ତଳ,
ପେଣ୍ଡା ପେଣ୍ଡା ଧାନ ଦୁବ ଅର୍ପଣ,
ମୁହିଁ ଅରକ୍ଷିତ ଗଲି ତୁମ୍ଭ ପାଦେ ସରଣ ॥

ଗରିବ ମଲିମୁଣ୍ଡିଆ ସବୁ ସମାନ,
ତାଙ୍କ ପାଶେ ଯାଇ ସବୁ ଜଣାଣ,
ଦେଶର ପୁଅ ସେ ଭାରି ପ୍ରବୀଣ,
ପଶାଖେଳ, ରାଜନୀତି, ସାହିତ୍ୟ
ଚର୍ଚ୍ଚାରେ ପୁଣି ସେ ଅଟନ୍ତି ଟାଣ ॥

ପ୍ରଜ୍ଞା ପୁରୁଷ ସେ
ଭାରତ ମାଆର ଜୀବନ ଧନ,
କେତେ ବର୍ଷ ପରେ ଆଜି ବି ଝୁରୁଛି,
ତାଙ୍କୁ ଏଇ ଦେବୀଦାସ ଜୀବନ ॥

ଦେଶ ପ୍ରେମ, ରାଜନୀତିର
କଳା ଛୁଙ୍କ ବାଦଲ ପାରିନି ଢାଙ୍କି,
ହଁ ସେ ପଙ୍କଜ ଫୁଟିଛନ୍ତି ଅନେକ ବାର
ହେଇ ଗରିବଙ୍କର ପ୍ରିୟ ସାଥୀ ॥

ହେ, ଅଟଳ ତୁମ୍ଭେ ଶାନ୍ତ ସରଳ
ସତ୍ୟ ଅହିଂସାର ପ୍ରତୀକ,
ଭାରତ ମାଆର ଅଟଳ ତୁମ୍ଭେ
ସଚ୍ଚା ସେବକ ॥

ଦୁର୍ଭାଗ୍ୟ ଭାଗ୍ୟ ନେଇ ଯେବେ ଉହ୍ଲାଏ
ଗୋଟାଏ ଦୁଷ୍ଟ ନକ୍ଷତ୍ର,
ତୁମ୍ଭେ ଉଜ୍ଜ୍ୱଳ ତାରକା କରିଛ ତାକୁ ଶତ ଖଣ୍ଡିତ,
ମୁହିଁ ଅରକ୍ଷିତ ବାଳୁତ ପାମର,
କିଅବା ଜାଣିଛି ତୁମ୍ଭରି ମହିମା,
ପୁଣି ଗୁଣ କୀର୍ତ୍ତୀ ଅଜସ୍ର ଗାରିମା,
ଆଉ ନାହିଁ ମୋର ଜୀବନ ପ୍ରାଣ,
କେମିତି ବଖାଣିବି ଆହେ ପ୍ରଜ୍ଞା ପୁରୁଷ
ତୁମ୍ଭେ ବାକି ଆଉ ସବୁ ଜାଣ ॥

ପ୍ରତିଷ୍ଠାତା/ ସଭାପତି ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ
ସୋର, ବେଲେଶ୍ୱର
ମୋ-୯୬୯୨୧୯୪୩୯୭



ନିକଟରେ ଆମ ସମସ୍ତଙ୍କ ପ୍ରିୟ ବ୍ୟକ୍ତିତ୍ୱ, ଜଣେ ଦକ୍ଷ ନ୍ୟୁରୋସର୍ଜନ ତଥା ମାନବବାଦୀ ସାହିତ୍ୟପ୍ରେମୀ ବ୍ୟକ୍ତିଙ୍କୁ ଆମେ ହରାଇଛୁ। ଆଜି ବି ଓଡ଼ିଶାବାସୀଙ୍କ ଆଖିରୁ ଲୁହ ଶୁଖୁନି। ସେ ଆଉ କେହି ନୁହଁନ୍ତି ଆମ ସମସ୍ତଙ୍କର ପ୍ରିୟ **ଡାକ୍ତର ଅଶୋକ ମହାପାତ୍ର**। ଡାକ୍ତର ତ ନୁହନ୍ତି ସେ ଥିଲେ ରୋଗୀ, ଦୁଃଖୀ, ଅସହାୟଙ୍କ ପାଇଁ ଭଗବାନ ସଦୃଶ। ପ୍ରତି ମୁହୂର୍ତ୍ତରେ ଅନ୍ୟମାନଙ୍କ ପ୍ରତି ସହଯୋଗ ମନୋବୃତ୍ତି ରଖୁଥିବା ଡାକ୍ତର ମହାପାତ୍ର ଗତ କିଛିଦିନ ହେଲା ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିଲେ। ଯେଉଁଠାରେ ସେ କିଛି ବର୍ଷ ପୂର୍ବରୁ ନିର୍ଦ୍ଦେଶକ ଥିଲେ ସେଠାରେ ଅନ୍ୟାନ୍ୟ ଡାକ୍ତର ଏବଂ ଡାକ୍ତରୀ ଛାତ୍ରଙ୍କ ଗହଣରେ ଶେଷ ନିଶ୍ୱାସ ଗଣୁଥିବାବେଳେ ତାଙ୍କ ଝିଅଙ୍କ ଲିଖିତ ଏହି ହୃଦୟ ସ୍ପର୍ଶୀ ଚିଠି ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ମନେ କରୁଛୁ...

ତାଙ୍କ ଝିଅଙ୍କ ବାର୍ତ୍ତା: ହୃଦୟ ସ୍ପର୍ଶୀ-

ବାପାଙ୍କ ସ୍ୱାସ୍ଥ୍ୟ ବିଷୟରେ କିଛି କହି ଆପଣମାନଙ୍କ ମୂଲ୍ୟବାନ ସମୟ ନେଉଥିବାରୁ ମୁଁ ପୂର୍ବରୁ କ୍ଷମା ପ୍ରାର୍ଥନା କରୁଛି।

ମୋ ବାପା, ଯିଏ ନିଜେ ଜଣେ ନ୍ୟୁରୋସର୍ଜନ ଥିଲେ, ଏବେ ତାଙ୍କର ଏକ ଅତ୍ୟନ୍ତ ଆକ୍ରମଣାତ୍ମକ ମସ୍ତିଷ୍କ କର୍କଟ ରୋଗ ଚିହ୍ନଟ ହୋଇଛି।

ଗୋଟିଏ ବର୍ଷ ପୂର୍ବେ ତାଙ୍କର ସ୍ନାୟୁଗତ ଲକ୍ଷଣ ଏବଂ ମସ୍ତିଷ୍କ ଫୁଲିବା ରୋଗ ଦେଖାଦେଇଥିଲା ଏବଂ ତାଙ୍କର ସ୍କାନ ରିପୋର୍ଟ ଅନେକ ସହକର୍ମୀଙ୍କ ସହ ସେୟାର କରାଯାଇଥିଲା। ଯଦିଓ ସେ କିଛି ପରିମାଣରେ ସୁସ୍ଥ ହୋଇଥିଲେ, ତାଙ୍କର କଥାବାର୍ତ୍ତା, ସ୍ମୃତି ଏବଂ ଚାଲିବାରେ ସୂକ୍ଷ୍ମ ପରିବର୍ତ୍ତନ ଧୀରେ ଧୀରେ ସ୍ପଷ୍ଟ ହେବାକୁ ଲାଗିଲା।

ପଛକୁ ଫେରି ଚାହିଁଲେ, ଏହା ଭାବି ହୃଦୟ ବିଦାରକ ହୁଏ ଯେ ଅନ୍ତର୍ନିହିତ ରୋଗଟି ପୂର୍ବରୁ ଚିହ୍ନଟ ହୋଇଥାଇପାରେ। ସବୁଠାରୁ କଷ୍ଟଦାୟକ କଥା ହେଉଛି ଯେ ସେ ସାଥୀ ନ୍ୟୁରୋସର୍ଜନ, ସହକର୍ମୀ, ଛାତ୍ର, ଜୁନିଅର ଏବଂ ଶିକ୍ଷକମାନଙ୍କ ଦ୍ୱାରା ଘେରି ରହିଥିଲେ, ତଥାପି ମୂଳ କାରଣଟି ସମାଧାନ ହୋଇପାରିଲା ନାହିଁ। ମୁଁ ଆନ୍ତରିକ ଭାବରେ ଆପଣମାନଙ୍କୁ ସମସ୍ତଙ୍କୁ ଅନୁରୋଧ କରୁଛି: ଯେତେବେଳେ ଜଣେ ଶିକ୍ଷକ, ପରାମର୍ଶଦାତା, ଛାତ୍ର କିମ୍ବା ସହକର୍ମୀଙ୍କ ମନରେ ଅସ୍ୱସ୍ଥ ସ୍ନାୟୁଗତ ଲକ୍ଷଣ ଦେଖାଯାଏ, ଦୟାକରି ଅଧିକ ଚିକିତ୍ସା ପାଇଁ ଚେଷ୍ଟା କରନ୍ତୁ। ଅଧିକ ତଦନ୍ତ ପାଇଁ ଚାପ ପକାନ୍ତୁ, ପରବର୍ତ୍ତୀ ପଦକ୍ଷେପ ପାଇଁ ଜିଦ୍ ଧରି ରଖନ୍ତୁ, ଅତିରିକ୍ତ ମତାମତ ଖୋଜନ୍ତୁ ଏବଂ କିଛି ନମିଳିଲେ ଏହାର ଉତ୍ତର ଖୋଜି ଚାଲନ୍ତୁ। ଆବଶ୍ୟକ ହେଲେ, MRI ପୁନରାବୃତ୍ତି କରନ୍ତୁ। ଅସ୍ଥାୟୀ ଉନ୍ନତି କିମ୍ବା ପରିଚିତି ଆପଣଙ୍କୁ ଆତ୍ମସନ୍ତୋଷ ଦେବାକୁ ଦିଅନ୍ତୁ ନାହିଁ। ଯାହା ଘଟିଛି ତାହା ଆମେ ବଦଳାଇ ପାରିବୁ ନାହିଁ ଏବଂ ଆମେ ଜାଣିପାରିବୁ ନାହିଁ ଯେ ପୂର୍ବରୁ ରୋଗ ନିର୍ଣ୍ଣୟ, ଫଳାଫଳକୁ ପରିବର୍ତ୍ତନ କରିଥାନ୍ତା କି ନାହିଁ। କିନ୍ତୁ ଆମେ ଏଥିରୁ ଶିଖିପାରିବା ଏବଂ ଯେତେବେଳେ ସମ୍ଭବ ହୁଏ ରୋଗକୁ ଶୀଘ୍ର ଚିହ୍ନିବାକୁ ଚେଷ୍ଟା କରିପାରିବା। ଯିଏ ଜୀବନସାରା ଅନ୍ୟମାନଙ୍କୁ ବଞ୍ଚାଇବାରେ ବିତାଇଛି, ତାକୁ ଅନ୍ୟମାନଙ୍କ ପାଇଁ ଆଗକୁ ଆସିବା ଆବଶ୍ୟକ ହୁଏ। ଦୟାକରି ପ୍ରାରମ୍ଭିକ ତଦନ୍ତ ପାଇଁ ହାତଛଡ଼ା ହୋଇଥିବା ସୁଯୋଗକୁ ଚିକିତ୍ସା ପାଇଁ ହାତଛଡ଼ା ସୁଯୋଗରେ ପରିଣତ କରନ୍ତୁ ନାହିଁ। ଏବଂ ପ୍ରତ୍ୟେକ ପରିସ୍ଥିତିକୁ ଜରୁରୀ ଭାବରେ ବିଚାର କରନ୍ତୁ, ସେମାନଙ୍କୁ ଷ୍ଟେରଏଡ୍ ବ୍ୟବହାର କରି ଅପେକ୍ଷା କରିବାକୁ ଦିଅନ୍ତୁ ନାହିଁ।

ମୋ ବାପା ସବୁବେଳେ ଦୟାଳୁ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଅତ୍ୟଧିକ ଚେଷ୍ଟା କରିଛନ୍ତି। ମୁଁ ଇଚ୍ଛା କରେ ଯେ ଆମେ ଆମର ନିଜ ସହକର୍ମୀମାନଙ୍କୁ ସେହି ସମାନ ଯତ୍ନ, ପ୍ରତିବଦ୍ଧତା ଏବଂ କରୁଣା ପ୍ରଦାନ କରିପାରିବା। ଏହା ଏକ ଦୁଃଖୀ ଝିଅର ଏକ ହୃଦୟସ୍ପର୍ଶୀ ବାର୍ତ୍ତା। ମୁଁ ହୃଦୟର ସହିତ କାମନା କରୁଛି ଯେ, ମୋ ବାପାଙ୍କୁ ଏହି ପରିସ୍ଥିତି ଦେଇ ଗତି କରିବାକୁ ନ ପଡୁ, ବିଶେଷକରି ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ନ୍ୟୁରୋସର୍ଜନ ଭାବରେ ଜୀବନ ବିତାଇବା ପରେ। ମୁଁ ଏହା କାହାକୁ ଦୋଷ ଦେବା ପାଇଁ ନୁହେଁ, କିନ୍ତୁ ବର୍ତ୍ତମାନର ପିଢ଼ିକୁ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ, ସତର୍କ ରହିବାକୁ ଏବଂ ଡାକ୍ତରୀ ଭାଇଚାରାର ପ୍ରକୃତ ଭାବନାକୁ ବଜାୟ ରଖିବାକୁ ଅନୁରୋଧ କରିବାକୁ ଲେଖୁଛି। ଡାକ୍ତରମାନେ ଯେପରି ଜଣେ ଡାକ୍ତର ଆମ ରୋଗୀଙ୍କ ପ୍ରତି ସତର୍କ ରହିବା ଉଚିତ, ଆସନ୍ତୁ ଆମେ ପରସ୍ପର ପ୍ରତି ସେହିପରି ସତର୍କ ରହିବା। ଧନ୍ୟବାଦ।

ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ପରିବାରକୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ

ଭାରତୀୟ ଟି-୨୦ ଦଳର ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନିଜ ପରିବାର ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏହି ସମୟରେ ସୂର୍ଯ୍ୟକୁମାରଙ୍କ ପତ୍ନୀ ଦେବିଷା ଏବଂ ଝିଅ ରିଦ୍ଧିମା ମଧ୍ୟ ଉପସ୍ଥିତ ଥିଲେ। ଏହି ସାକ୍ଷାତର ଏକ ଭିଡିଓ ଶେୟାର କରି ପ୍ରଧାନମନ୍ତ୍ରୀ କ୍ୟାପସନରେ ଲେଖିଛନ୍ତି: 'ଦୀପାବଳିର ଉତ୍ସବମୁଖର ପରିବେଶ ମଧ୍ୟରେ 'ରାମ' ଓ 'ସରଯୂ' ଆସି ପହଞ୍ଚିଛନ୍ତି। ଏହା ଦୀପାବଳିର ପରିବେଶକୁ ଆହୁରି ପବିତ୍ର ଓ ଦିବ୍ୟ କରିଦେଇଛି।'

ଏହି ସାକ୍ଷାତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଜଣେ ବାଳିକାଙ୍କ ଦ୍ୱାରା ଗାନ କରାଯାଇଥିବା ଏକ ଭଜନ ଶୁଣିଥିଲେ ଏବଂ ଏଥିରେ ବେଶ୍ ପ୍ରସନ୍ନ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଭାରତୀୟ ଦଳର ଅଂଶ ନୁହନ୍ତି। ଟିମ୍ ଇଣ୍ଡିଆ ପାଇଁ ତାଙ୍କର ଶେଷ ମ୍ୟାଚ୍ ୨୦୨୬ ଟି-୨୦ ବିଶ୍ୱକପ ସମୟରେ ଥିଲା। ତାଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲା।

ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀରଙ୍କ ଦମ୍‌ଦାର ଇନିଂସ

ନେପାଳକୁ ୧୦ ୱିକେଟରେ ହରାଇଲା ଭାରତ



ନୂଆଦିଲ୍ଲୀ

୨୦୨୬ ଅଣ୍ଡର-୧୯ ଏସିଆ କପରେ, ଭାରତୀୟ ଦଳ ନେପାଳ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିଥିଲା। ଶୁକ୍ରବାର 'ଅଲ ଆମେରାଟ କ୍ରିକେଟ ଗ୍ରାଉଣ୍ଡ' (ମିନିଷ୍ଟ୍ରି ଟର୍ଫ ୧) ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତୀୟ ଦଳ ୧୦ ୱିକେଟରେ ଏକ ଏକପାଖିଆ ବିଜୟ ହାସଲ କରିଥିଲା। ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ଏହି ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ମ୍ୟାଚ୍‌ରେ ସର୍ବାଧିକ ରନ ସଂଗ୍ରହ କରିଥିଲେ। ପ୍ରଥମେ ବ୍ୟାଟିଂ କରି ନେପାଳ ଦଳ ୪୨.୩ ଓଭରରେ ୧୨୮ ରନ କରି ଅଲ ଆଉଟ ହୋଇଯାଇଥିଲା। ଏହାର ଜବାବରେ ଭାରତୀୟ ଦଳ ୧୯.୧ ଓଭରରେ ୧୨୯ ରନ ସଂଗ୍ରହ କରି ଲକ୍ଷ୍ୟ ହାସଲ କରିନେଲା ଏବଂ ବିଜୟୀ ହେଲା।

ଆର୍ଯ୍ୟବୀର ୫୨ଟି ବଲରୁ ୭୦ ରନ କରି ଅପରାଜିତ ରହିଥିଲେ; ତାଙ୍କ ଇନିଂସରେ ୭ଟି ଚୌକା ଓ ୪ଟି ଛକା ସାମିଲ ଥିଲା ଏବଂ ତାଙ୍କ ଷ୍ଟ୍ରାଇକ ରେଟ୍ ୧୩୪.୬୨ ରହିଥିଲା। ତାଙ୍କ ସହ ଓପନିଂ କରିଥିବା ଅଧିନାୟକ ଲକ୍ଷ୍ୟ ରାଜେଶ ରାୟଚନ୍ଦାନୀ ମଧ୍ୟ ୬୩ଟି ବଲରୁ ୭ଟି ଚୌକା ସହାୟତାରେ ୫୩ ରନ କରି ଅପରାଜିତ ରହିଥିଲେ। ଉଭୟଙ୍କ ମଧ୍ୟରେ ପ୍ରଥମ ୱିକେଟ ପାଇଁ ୧୧୫ଟି ବଲରେ ୧୨୯ ରନର ଏକ ଅଭେଦ୍ୟ ଭାଗୀଦାରୀ ଗଢ଼ି ଉଠିଥିଲା, ଯାହା ଦଳକୁ ଏକ ଦମଦାର ଓ ଏକପାଖିଆ ବିଜୟ ଆଣିଦେଇଥିଲା।

ସର୍ବାଧିକ ରନ ସଂଗ୍ରହ କରିଥିବା ଆର୍ଯ୍ୟବୀରଙ୍କୁ 'ପ୍ଲେୟର ଅଫ ଦ ମ୍ୟାଚ୍' (ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି) ପୁରସ୍କାର ମିଳିଲା ନାହିଁ। ଭାରତୀୟ ଦଳର ଦ୍ରୁତ ବୋଲର ଈଶାନ ସୁଦ ଅତ୍ୟନ୍ତ ଲାଭଦାୟୀ ବୋଲିଂ କରିଥିଲେ; ସେ ନିଜର ୧୦ ଓଭରରେ ମାତ୍ର ୧୮ ରନ ଦେଇ ୩ଟି ୱିକେଟ ନେଇଥିଲେ, ଯାହାର ଇକୋନୋମି ରେଟ ଥିଲା ୧.୮୦। ଏହା ବ୍ୟତୀତ ଈଶାନ ୪ଟି ମେଡେନ ଓଭର ମଧ୍ୟ ବୋଲିଂ କରିଥିଲେ। ଅର୍ଜୁନ ରାଜପୁତ ମଧ୍ୟ ୩ଟି ୱିକେଟ ନେଇଥିଲେ, କିନ୍ତୁ ସେ ମାତ୍ର ୫ ଓଭର ବୋଲିଂ କରିଥିଲେ। ନିର୍ଦ୍ଧାରିତ ୧୦ ଓଭରର କୋଟା ପୂରଣ କରିଥିବାରୁ ଈଶାନଙ୍କୁ 'ପ୍ଲେୟର ଅଫ ଦ ମ୍ୟାଚ' ପୁରସ୍କାର ପ୍ରଦାନ କରାଗଲା।

ନେପାଳର ବ୍ୟାଟିଂ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଦର୍ଶ ସୋନାର ୪୩ ରନ ସଂଗ୍ରହ କରି ଦଳ ପକ୍ଷରୁ ସର୍ବାଧିକ ସ୍କୋରର ହୋଇଥିଲେ; ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ୩୦ ରନ ସଂଖ୍ୟା ଛୁଇଁ ପାରିନଥିଲେ। ବାସ୍ତବରେ, ୮ ଜଣ ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋର ମଧ୍ୟ କରିପାରିନଥିଲେ, ଯେଉଁଥିରେ ୪ ଜଣ ଖାତା ଖୋଲିବା ପୂର୍ବରୁ (ଶୂନ୍ୟ ରନରେ) ଆଉଟ ହୋଇଯାଇଥିଲେ। ଭାରତୀୟ ଦଳ ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିଲା।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୭ ନଭେମ୍ବର, ଶନିବାର, ୨୦୨୬
ପୃଷ୍ଠା - ୬

ଆଜି ଦ୍ୱିତୀୟ ଦିନିକିଆ ମ୍ୟାଚ୍

ଟିମ୍ ଇଣ୍ଡିଆରେ ଯୋଗଦେଲେ ମହମ୍ମଦ ସିରାଜ



ନୂଆଦିଲ୍ଲୀ

୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଟିମ୍ ଇଣ୍ଡିଆ ୧-୦ରେ ଆଗୁଆ ରହିଛି। ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଶନିବାର, ନଭେମ୍ବର ୭ ତାରିଖରେ ୱେଲିଂଟନରେ ଖେଳାଯିବ। ଏହା ପୂର୍ବରୁ ଭାରତୀୟ ଦଳରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ନୀତିଶ କୁମାର ରେଡ୍ଡୀ ସିରିଜ୍‌ର ବାକି ମ୍ୟାଚ୍‌ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ନୀତିଶ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ମଧ୍ୟ ଖେଳିନଥିଲେ। ଅନ୍ୟପକ୍ଷରେ ମହମ୍ମଦ ସିରାଜଙ୍କୁ ନେଇ ଏବେ ପ୍ରଶ୍ନ ଉଠିଛି। ସେ ଦ୍ୱିତୀୟ ଦିନିକିଆର ପ୍ଲେଇଂ ଇଲେଭେନରେ ସ୍ଥାନ ପାଇବେ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

ପ୍ରଥମ ଦିନିକିଆରେ ଟିମ ଇଣ୍ଡିଆ ୪ ଜଣ ଦ୍ରୁତ ବୋଲରଙ୍କ ସହ ପଡ଼ିଆକୁ ଓହ୍ଲାଇଥିଲା। ଅର୍ଶଦୀପ ସିଂହ, ଗୁରନୂର ବରାର, ଆକିବ ନବୀ ଏବଂ ଅଂଶୁଲ କମ୍ବୋଜ ଦଳରେ ସାମିଲ ଥିଲେ। କିନ୍ତୁ ମହମ୍ମଦ ସିରାଜ ଖେଳିନଥିଲେ। ପ୍ରକୃତରେ ସିରାଜ ଇଣ୍ଡିଆ 'ଏ' ପାଇଁ ଦ୍ୱିତୀୟ ଅଣଆନୁଷ୍ଠାନିକ ଟେଷ୍ଟ ମ୍ୟାଚ୍ ଖେଳୁଥିବାରୁ ଅକଲାଣ୍ଡରେ ଭାରତୀୟ ଦଳ ସହ ଯୋଗ ଦେଇପାରିନଥିଲେ। ଏବେ ୱେଲିଂଟନରେ ସିରାଜ ଟିମ୍ ଇଣ୍ଡିଆର ଦ୍ରୁତ ବୋଲିଂ ବିଭାଗର ନେତୃତ୍ୱ ନେବେ ବୋଲି ଆଶା କରାଯାଉଛି।

ଦଳ ପରିଚାଳନା କମିଟିର ଯୋଜନା ଅନୁସାରେ, ନୀତିଶ କୁମାର ରେଡ୍ଡୀ ନଭେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତି କରିବେ। ଏଥିପାଇଁ ତାଙ୍କୁ ଦିନିକିଆ ସିରିଜର ଶେଷ ୪ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଟେଷ୍ଟ ସିରିଜ ପ୍ରସ୍ତୁତିର ଅଂଶ ଭାବେ ନୀତିଶ ନଭେମ୍ବର ୭ରୁ ଆରମ୍ଭ ହେବାକୁ ଥିବା ତୃତୀୟ ଅଣଆନୁଷ୍ଠାନିକ ଟେଷ୍ଟରେ ଇଣ୍ଡିଆ 'ଏ' ପାଇଁ ଖେଳିବେ।

ମହମ୍ମଦ ସିରାଜ ଇଣ୍ଡିଆ 'ଏ' ପାଇଁ ଦ୍ୱିତୀୟ ଅଣଆନୁଷ୍ଠାନିକ ଟେଷ୍ଟ ଖେଳୁଥିବାରୁ ଅକଲାଣ୍ଡରେ ପ୍ରଥମ ଦିନିକିଆ ଖେଳିପାରିନଥିଲେ। କିନ୍ତୁ ଦ୍ୱିତୀୟ ଦିନିକିଆ ପୂର୍ବରୁ ସେ ୱେଲିଂଟନରେ ଟିମ୍ ଇଣ୍ଡିଆ ସହ ଯୋଗ ଦେଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଆକିବ ନବୀଙ୍କୁ ଛାଡ଼ିଦେଲେ ଅନ୍ୟ ତିନି ଜଣ ଭାରତୀୟ ବୋଲର ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେଣୁ କାହା ସ୍ଥାନରେ ସିରାଜଙ୍କୁ ପ୍ଲେଇଂ ଇଲେଭେନରେ ସାମିଲ କରାଯିବ, ତାହା ଦେଖିବା ରୋଚକ ହେବ।

ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପରାମର୍ଶଦାତା କୋଚ୍ ଭାବେ ନିଯୁକ୍ତ ହେଲେ ମାଇକେଲ୍ ହସି

ସିଡ୍‌ନୀ

ଅଷ୍ଟ୍ରେଲିଆର ପୂର୍ବତନ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ତଥା 'ମିଷ୍ଟର କ୍ରିକେଟ୍' ଭାବେ ପରିଚିତ ମାଇକେଲ୍ ହସି ଅଷ୍ଟ୍ରେଲିଆ ଜାତୀୟ କ୍ରିକେଟ୍ ଦଳର ପ୍ରମୁଖ କୋଚିଂ କ୍ୟାମ୍ପରେ ସାମିଲ ହୋଇଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ତାଙ୍କୁ ଆଗାମୀ ୨୦୨୭ ଏକଦିବସୀୟ ବିଶ୍ୱକପ୍ ଏବଂ ବହୁ ପ୍ରତୀକ୍ଷିତ ଆଶେସ୍ ସିରିଜ୍ ପାଇଁ ଦଳର ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି।

ଏହାସହ ସେ ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସ ଏବଂ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରିବାକୁ ଥିବା ଟି-୨୦ ବିଶ୍ୱକପ୍ ପାଇଁ ଟି-୨୦ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ। ରିପୋର୍ଟ ମୁତାବକ, ଇଂଲଣ୍ଡ ଟେଷ୍ଟ ଦଳର କୋଚ୍ ଷ୍ଟିଫେନ୍ ଫ୍ଲେମିଙ୍ଗଙ୍କ ଅନୁରୋଧ କ୍ରମେ ମାଇକେଲ୍ ହସିଙ୍କୁ ଇଂଲଣ୍ଡ କୋଚିଂ ଟିମ୍‌ରେ ଯୋଗଦେବାକୁ ଅଫର୍ ମିଳିଥିଲା। କିନ୍ତୁ ସେହି ପ୍ରସ୍ତାବକୁ ଏଡ଼ାଇ ହସି ନିଜ ଦେଶ ଅଷ୍ଟ୍ରେଲିଆ ସହିତ କାମ କରିବାକୁ ପସନ୍ଦ କରିଛନ୍ତି।

ହସିଙ୍କ ଏହି ନୂତନ କାର୍ଯ୍ୟଭାର ଇଂଲଣ୍ଡ ବିପକ୍ଷ ଆଗାମୀ ଟି-୨୦ ସିରିଜ୍‌ରୁ ଆରମ୍ଭ ହେବ। ଏହାପରେ ସେ ପର୍ଥରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଦଳର ବ୍ୟାଟ୍ସମାନମାନଙ୍କୁ ପ୍ରସ୍ତୁତ କରିବାରେ ସହଯୋଗ କରିବେ। ଅଷ୍ଟ୍ରେଲିଆର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ଏହି ନିଯୁକ୍ତିକୁ ସ୍ୱାଗତ କରି କହିଛନ୍ତି ଯେ, ବିଭିନ୍ନ ଫର୍ମାଟ୍ ଏବଂ ଦେଶରେ ଜଣେ ଖେଳାଳି ଓ କୋଚ୍ ଭାବେ ହସିଙ୍କର ଦୀର୍ଘଦିନର ଅଭିଜ୍ଞତା ଦଳ ପାଇଁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେବ।



ଯୁବ ଅଲିମ୍ପିକ୍ସ : ଏସୀୟ ଦଳ ପକ୍ଷରୁ ସ୍ୱର୍ଣ୍ଣ ଜିତିଲେ ଭାରତର ମଣ୍ଟେନା



ଡାକାର

ଚଳିତ ଯୁବ ଅଲିମ୍ପିକ୍ସରେ ଏସିଆ ଦଳ ପକ୍ଷରୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ଶ୍ରେଷ୍ଠ ରାଜୁ ମଣ୍ଟେନା। ୧୫ ବର୍ଷୀୟ ଅଶ୍ୱଚାଳକ ଶ୍ରେଷ୍ଠ 'କ୍ରେଜି ହର୍ସ ବୁପ୍' ଘୋଡ଼ାରେ ଚଢ଼ି ଏହି ସଫଳତା ପାଇଛନ୍ତି। ଇଣ୍ଟର ଆମେରିକା ଓ ଆଫ୍ରିକା ଦଳକୁ ପଛରେ ପକାଇ ଭାରତ, ୟୁଏଇ, ଚୀନ୍ ଓ ଇଣ୍ଡୋନେସିଆର ଅଶ୍ୱଚାଳକଙ୍କୁ ନେଇ ଗଠିତ ଏସୀୟ ଦଳ ପ୍ରଥମ ସ୍ଥାନ ଅଧିକାର ଏହି ପଦକ ପାଇଥିଲା। ତେବେ ଏହି ସ୍ୱର୍ଣ୍ଣ ଭାରତର ପଦକ ଖାତାରେ ଯୋଡ଼ା ହେବନି। ବ୍ୟକ୍ତିଗତ ଇଭେଣ୍ଟର ଫାଇନାଲ୍‌ରେ ଶ୍ରେଷ୍ଠ ଭାଗ ନେବାକୁ ଥିବାରୁ ଆଉ ଏକ ପଦକ ଆଶା ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ତିନି ଜଣ ଅଶ୍ୱଚାଳକଙ୍କ ମଧ୍ୟରେ ସେ ରହିଥିଲେ।

ଓଡିଶା ସରକାର 24001/526/2627

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

ଘୋଷଣା

No. RDM-LAB-GM-0034-2025- 42613 / R&DM, Dated 16.10.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- କୁଶପଲ୍ଲୀ, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୪୯୨୦୫** ତା. **୩୦.୧୨.୨୦୨୫** ରିଖ ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- କୁଶପଲ୍ଲୀ, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଗଞ୍ଜାମ **ତହସିଲ: - ସାନଖେମୁଣ୍ଡି**

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍ ର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତ୍‌ଙ୍କ ନାମ
୧	୨	୩	୪	୫	୬	୭	୮
କୁଶପଲ୍ଲୀ	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏକର ୩.୦୫୫	ଏକର ୦.୮୩୫	ଏଥି ସହିତ ସଂଲଗ୍ନ

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଗଞ୍ଜାମ **ତହସିଲ: - ସାନଖେମୁଣ୍ଡି**

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍ ର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତ୍‌ଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନାର ବୈଧ ତାରିଖ- ୦୩.୦୭.୨୦୨୬।

କୁଶପଲ୍ଲୀ ଗ୍ରାମର ଜମି ବିବରଣୀ

ତହସିଲ : ସାନଖେମୁଣ୍ଡି ଜିଲ୍ଲା: ଗଞ୍ଜାମ

ଖାତା ନମ୍ବର	ପ୍ଲଟ ନମ୍ବର	ରୟତ ଙ୍କ ନାମ	ମୋଟ ରକବା	ଶ୍ରେଣୀ ବିଭାଜନ	ଅଧିଗ୍ରହଣ ହେବାକୁ ଥିବା ରକବା	ମନ୍ତବ୍ୟ
୧	୨	୩	୪	୫	୬	୭
୧	୩୪୦	ଅଭି ଗୌଡ଼, ଉଦ୍ଦବ ଗୌଡ଼, ଭଗବାନ ଗୌଡ଼, ବିପ୍ର ଗୌଡ଼, କୈଳାସ ଗୌଡ଼ ପି: ଭରତ ଗୌଡ଼ ଜା: ଗଉଡ଼ ବା: ବରମୁଣ୍ଡଳି	୦.୨୭୦	ପଦର	୦.୧୦୫	ଗୋଚର ପ୍ରତିବଦଳରେ ୦.୦୬୦
୧୧	୩୦୮	ଗାଙ୍ଗୁ ମଲିକ ପି:ଘାସି ମଲିକ ଜା: କନ୍ଧ ବା: ନିଜଗାଁ	୦.୨୪୦	ବିଲ ଅଣଜଳସେଚିତ ଦୁଇ	୦.୦୨୦	
୧୬	୨୮୩	ଚୌଧୁରୀ ଜେନା ପି:ବୁଧିଆ ଜେନା ଜା: କାଳଞ୍ଜି ବା: ବରମୁଣ୍ଡଳି	୦.୧୧୦	ପଦର	୦.୦୧୫	
୩୪	୩୩୧	ବାୟା ମଲିକ ପି: କନ୍ତାରୁ ମଲିକ, ନକୁଳ ମଲିକ ପି: ସମ୍ବାରୁ ମଲିକ, କମଳା ମଲିକ ସ୍ୱା: ସମ୍ବାରୁ ମଲିକ, ବିଭୀଷଣ ମଲିକ, ମୁକୁଟି ମଲିକ, କାଞ୍ଚନ ମଲିକ, କମଳା ମଲିକ, ଉଲି ମଲିକ ପି: ଗୁରା ମଲିକ ଜା: କନ୍ଧ ବା: ନିଜଗାଁ	୦.୦୮୦	ବିଲ ଅଣଜଳସେଚିତ ଦୁଇ	୦.୦୦୫	
	୩୨୮		୦.୦୬୦		୦.୦୩୦	
୩୬	୨୮୬	ବାଉରି ଦଳେଇ ପି: କଇରା ଦଳେଇ, ଶଶୀ ଦଳେଇ, ଜମ୍ବୁ ଦଳେଇ ପି:	୦.୩୪୦	ପଦର	୦.୦୫୫	
	୨୮୫		୦.୩୩୦		୦.୦୭୫	
	୩୨୨	ଦଣ୍ଡାସି ଦଳେଇ, ଯଶୋଦା ଦଳେଇ ସ୍ୱା: ଦଣ୍ଡାସି ଦଳେଇ ଜା: କନ୍ଧ ବା: ନିଜଗାଁ	୦.୨୦୦	ବିଲ ଅଣଜଳସେଚିତ ଦୁଇ	୦.୦୪୫	
	୩୨୩		୦.୧୬୦		୦.୦୮୦	
୩୭	୩୨୪	ବିଶ୍ୱନାଥ ଗୌଡ଼, ସୋମନାଥ ଗୌଡ଼ ପି: ବୁଧିଆ ଗୌଡ଼ ଜା: ଗଉଡ଼ ବା: ପଟିଗୁଡ଼ା	୦.୧୬୦	ବିଲ ଅଣଜଳସେଚିତ ଦୁଇ	୦.୦୦୫	
୫୨	୩୧୨	ସତ୍ୟ ମଲିକ, କେଶ୍ରୀ ମଲିକ, ସୁବାସୀ ମଲିକ, ସୁକୁରି ମଲିକ ପି: କୁଶନୁ ମଲିକ ଜା: କନ୍ଧ ବା: ନିଜଗାଁ	୦.୧୬୫	ବିଲ ଅଣଜଳସେଚିତ ଦୁଇ	୦.୦୭୦	
	୩୧୧		୦.୧୪୦		୦.୦୫୫	
	୩୧୦		୦.୦୬୦		୦.୦୫୫	
୫୪	୩୩୦	ସାରୀ ମଲିକ ସ୍ୱା:ଶୁକୁ ମଲିକ ଜା: କନ୍ଧ ବା: ନିଜଗାଁ	୦.୩୫୦	ବିଲ ଅଣଜଳସେଚିତ ଦୁଇ	୦.୧୧୦	
୬୧/୫	୩୨୯	କୁମୁଦ ଦଳାଇ ସ୍ୱା:ବାଉରି ଦଳାଇ ଜା: କନ୍ଧ ବା: କୁଶପଲ୍ଲି	୦.୩୯୦	ବିଲ ଅଣଜଳସେଚିତ ଦୁଇ	୦.୧୧୦	
				ମୋଟ	୦.୮୩୫	

ବିସ୍ତୃତ ଜମିର ବିବରଣୀ
କେନାଲ ନିମନ୍ତେ ଆବଶ୍ୟକ ଜମି ୦.୭୭୫
ଗୋଚର ପ୍ରତି ବଦଳରେ ଜମି ୦.୦୬୦
ମୋଟ ୦.୮୩୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ସ୍ୱତନ୍ତ୍ର ଶାସନ ସଚିବ

OIPR : 24001/24001/3/26-27/0157

ଘୋଷଣା ହେଲା ଡବ୍ଲୁପିଏଲ ୨୦୨୭ ମ୍ୟାଚ୍ ସୂଚୀ

୨ଟି ସହରରେ ଖେଳାଯିବ ୨୨ଟି ମ୍ୟାଚ୍



ନୂଆଦିଲ୍ଲୀ

ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ)ର ପଞ୍ଚମ ସିଜିନ୍‌କୁ ଅପେକ୍ଷା କରିଥିବା କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ରହିଛି। ବିସିସିଆଇ ଡବ୍ଲୁପିଏଲ ୨୦୨୭ ପାଇଁ ସମ୍ପୂର୍ଣ୍ଣ ମ୍ୟାଚ୍ ସୂଚୀ ଘୋଷଣା କରିଛି। ଏହି ଟୁର୍ଣ୍ଣାମେଣ୍ଟ ୨୦୨୭ ମସିହା ଜାନୁଆରୀ ୧୪ ତାରିଖରୁ ଆରମ୍ଭ ହେବ ଏବଂ ଫେବୃଆରୀ ୭ ତାରିଖରେ ଏହାର ଫାଇନାଲ୍ ମ୍ୟାଚ୍ ଖେଳାଯିବ। ପ୍ରାୟ ୨୫ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପାଞ୍ଚଟି ଦଳ ଟାଇଟଲ୍ ଜିତିବା ପାଇଁ ପରସ୍ପର ସହ ମୁକାବିଲା କରିବେ।

ବିସିସିଆଇ ଜାରି କରିଥିବା ମ୍ୟାଚ୍ ସୂଚୀ ଅନୁଯାୟୀ ଡବ୍ଲୁପିଏଲ ୨୦୨୭ର ସମସ୍ତ ମ୍ୟାଚ୍‌ଗୁଡ଼ିକ ଭାରତର ଦୁଇଟି ସହରରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ଦାୟିତ୍ୱ ଭଦୋଦରା ଏବଂ ମୁମ୍ବାଇକୁ ଦିଆଯାଇଛି। ଏହି ଦୁଇଟି ସହରର ଦୁଇଟି ଷ୍ଟାଡ଼ିୟମରେ ୧୧ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। କହି ରଖୁଛୁ ଯେ ଏହା ପୂର୍ବରୁ ଅକ୍ଟୋବର ମାସରେ କୋଚି ଠାରେ ଡବ୍ଲୁପିଏଲ ୨୦୨୭ ସିଜିନ୍ ପାଇଁ ଏକ ମେଗା ଅକ୍ସନ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଦଳଗୁଡ଼ିକ ନୂତନ ସିଜିନ୍ ପାଇଁ ନିଜର ଖେଳାଳି ଚୟନ କରି ଦଳ ଗଠନ କରିଥିଲେ।

ଡବ୍ଲୁପିଏଲ ୨୦୨୭ର ପ୍ରଥମ ମ୍ୟାଚ୍ ୧୪ ଜାନୁଆରୀରେ ଭଦୋଦରା ଠାରେ ଖେଳାଯିବ। ଏହି ମ୍ୟାଚ୍‌ରେ ବର୍ତ୍ତମାନର ଚାମ୍ପିଅନ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ସାମ୍ନାରେ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ)ର ଚ୍ୟାଲେଞ୍ଜ ରହିବ। ଦୁଇ ଦଳ ମଧ୍ୟରେ ହେବାକୁ ଥିବା ଏହି ଲଢ଼େଇରୁ ନୂଆ ସିଜିନ୍‌ର ରୋମାଞ୍ଚ ଆରମ୍ଭ ହେବ।


ଭଦୋଦରାରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ୧୪ରୁ ୨୪ ଜାନୁଆରୀ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ମୋଟ ୧୧ଟି ମ୍ୟାଚ୍ ଖେଳାଯିବ। ଏହା ପରେ ୨୬ ଜାନୁଆରୀରୁ ସମସ୍ତ ଦଳ ମୁମ୍ବାଇ ଅଭିମୁଖେ ଯାତ୍ରା କରିବେ, ଯେଉଁଠାରେ ଲିଗ୍‌ର ବାକି ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହେବ।

ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡ଼ିୟମରେ ଖେଳାଯିବ। ଏଠାରେ ୨୬ ଜାନୁଆରୀରୁ ୩ ଫେବୃୟାରୀ ପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଏହା ପରେ ପ୍ଲେ-ଅଫ୍‌ର ଚିତ୍ର ସ୍ପଷ୍ଟ ହୋଇଯିବ। ପଏଣ୍ଟ ଟେବୁଲ୍‌ର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିବା ଦଳଗୁଡ଼ିକ ମଧ୍ୟରେ ୫ ଫେବୃୟାରୀରେ ଏଲିମିନେଟର ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ଥିବା ଦଳ ଫାଇନାଲ୍‌ରେ ପ୍ରବେଶ କରିବ। ଅନ୍ୟପଟେ ଲିଗ୍ ପର୍ଯ୍ୟାୟରେ ପ୍ରଥମ ସ୍ଥାନରେ ରହିବାକୁ ଥିବା ଦଳକୁ ସିଧାସଳଖ ଫାଇନାଲ ଖେଳିବାକୁ ସୁଯୋଗ ମିଳିବ।

ଡବ୍ଲୁପିଏଲ ୨୦୨୭ର ଫାଇନାଲ୍ ୭ ଫେବୃୟାରୀ, ରବିବାର ଦିନ ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡ଼ିୟମରେ ଖେଳାଯିବ। ଏହି ମ୍ୟାଚ୍ ପରେ ପଞ୍ଚମ ସିଜିନ୍‌ର ବିଜେତା ସ୍ପଷ୍ଟ ହେବ। ବିସିସିଆଇ ଦ୍ୱାରା ଜାରି କରାଯାଇଥିବା ମ୍ୟାଚ୍ ସୂଚୀ ଅନୁଯାୟୀ, ଟୁର୍ଣ୍ଣାମେଣ୍ଟର ସମସ୍ତ ୨୨ଟି ଯାକ ମ୍ୟାଚ୍ ସନ୍ଧ୍ୟା ୭:୩୦ରେ ଆରମ୍ଭ ହେବ।

ବର୍ତ୍ତମାନ ଏହା ଦେଖିବା ରୋଚକ ହେବ ଯେ ଆରସିବି ନିଜ ଟାଇଟଲ୍‌କୁ ବଜାୟ ରଖିବାରେ ସଫଳ ହେଉଛି ନା ଅନ୍ୟ କୌଣସି ଦଳ ଏଥର ଡବ୍ଲୁପିଏଲ ଟ୍ରଫି ନିଜ ନାମରେ କରୁଛି।

୪ ବର୍ଷ ବାସନ୍ଦ ହେଲେ ଏହି ଅଲିମ୍ପିକ ବିଜେତା



ଲାଉସାନେ

ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ଅଲିମ୍ପିକ ଭାରୋତ୍ତୋଳକ ବ୍ରୋଞ୍ଜ ପଦକ ବିଜେତା ବୋଝିଦାର ଦିମିତ୍ରୋଭ ଆନ୍ଦ୍ରିଭଙ୍କୁ ଶୁକ୍ରବାର ୪ବର୍ଷ ପର୍ଯ୍ୟନ୍ତ ବାସନ୍ଦ କରାଯାଇଛି। ଫଳରେ ସେ ୨୦୨୮ ଲସ୍‌ଏଞ୍ଜେଲ୍ସ ସମର ଗେମ୍ସରେ ଭାଗ ନେଇ ପାରିବେ ନାହିଁ।

ବୁଲଗେରିଆର ଏହି ୨୯ ବର୍ଷୀୟଙ୍କର ଗତବର୍ଷ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ମେଷ୍ଟର ଲୋନ୍ ନାମକ ଏକ ନାନାବୋଲିକ୍ ଷ୍ଟେରଏଡ୍ ଠାବ ହେବାରୁ ୨୦୨୯ ନଭେମ୍ବର ପର୍ଯ୍ୟନ୍ତ ୪ବର୍ଷ ବାସନ୍ଦ କରାଯାଇଥିବା ଇଣ୍ଟରନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ପକ୍ଷରୁ ସୂଚନା ଦିଆଯାଇଛି।

ମେଷ୍ଟରୋଲୋନ୍ ଏହାର ଶକ୍ତିଶାଳି ଏଣ୍ଡ୍ରୋଜେନିକ୍ ଗୁଣ ପାଇଁ ପରିଚିତ, ଯାହାକି ଶରୀରରେ ପୁରୁଷ ଟେଷ୍ଟୋଷ୍ଟେରନ ସ୍ତର ବୃଦ୍ଧି କରି ପୁରୁଷ ଯୌନ କ୍ଷମତା ବୃଦ୍ଧିରେ ସହାୟକ ହୋଇଥାଏ। ଆନ୍ଦ୍ରିଭ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ୭୩-କେଜି ଶ୍ରେଣୀରେ ବ୍ରୋଞ୍ଜ ଜିତିଥିଲେ।

ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ ୫.୦ ଅନ୍ତର୍ଗତ ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ରେଳ ପେନସନଭୋଗୀଙ୍କ ପାଇଁ ଘରେ ପହଞ୍ଚିବ ସେବା

ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ

ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ ୫.୦ ଅନ୍ତର୍ଗତ ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ୮୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସ୍କ ଅତି ବରିଷ୍ଠ ରେଳ ପେନସନଭୋଗୀଙ୍କ ପାଇଁ ସେମାନଙ୍କ ଘରେ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ (ଡିଏଲସି) ସେବା ଯୋଗାଇବାକୁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବିଶେଷକରି ବାର୍ଦ୍ଧକ୍ୟଜନିତ କାରଣରୁ ଯେଉଁ ପେନସନଭୋଗୀମାନେ ରେଳ କାର୍ଯ୍ୟାଳୟ କିମ୍ବା ଶିବିରକୁ ଯିବାରେ ଅସୁବିଧା ଅନୁଭବ କରୁଛନ୍ତି, ସେମାନଙ୍କୁ ଏହି ସେବା ଅଧିକ ସୁବିଧାଜନକ ହେବ।

ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ୧ ନଭେମ୍ବରରୁ ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ ୫.୦ ଆୟୋଜନ କରାଯାଉଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ରେଳ ପେନସନଭୋଗୀ ଏବଂ ପାରିବାରିକ ପେନସନଭୋଗୀଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସରଳ, ସହଜ ଓ ସୁବିଧାଜନକ କରିବା। ଏଥିପାଇଁ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟ ସମେତ କୋରାପୁଟ, ଜଗଦଲପୁର ଓ ଆରକୁଠାରେ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି।



ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ, ଯୋଗ୍ୟ ୮୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସ୍କ ପେନସନଭୋଗୀଙ୍କ ଘରକୁ ରେଳ ଅଧିକାରୀମାନେ ଯାଇ ସେମାନଙ୍କ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ପ୍ରସ୍ତୁତ ଓ ଦାଖଲ କରିବାରେ ଆବଶ୍ୟକ ସହାୟତା ପ୍ରଦାନ କରିବେ। ଫଳରେ ବୟସାଧିକ୍ୟ କିମ୍ବା ଚଳପ୍ରଚଳରେ ଅସୁବିଧା ଯୋଗୁଁ ରେଳ କାର୍ଯ୍ୟାଳୟକୁ ଯାଇପାରୁନଥିବା ବରିଷ୍ଠ ପେନସନଭୋଗୀମାନେ ଏହି ସୁବିଧାରୁ ଉପକୃତ ହୋଇପାରିବେ।

ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ପ୍ରସ୍ତୁତି ପାଇଁ ପେନସନଭୋଗୀ ଓ ପାରିବାରିକ ପେନସନଭୋଗୀମାନେ ନିଜର ଆଧାର କାର୍ଡ, ପେନସନ୍ ପେମେଣ୍ଟ ଅର୍ଡର (ପିପିଓ), ବ୍ୟାଙ୍କ ପାସବୁକ୍ ଏବଂ ଆଧାର ସହ ସଂଯୁକ୍ତ ମୋବାଇଲ୍ ଫୋନ୍ ପ୍ରସ୍ତୁତ ରଖିବାକୁ ଅନୁରୋଧ କରାଯାଇଛି।

ଏହି ପଦକ୍ଷେପ ମାଧ୍ୟମରେ ରାୟଗଡ଼ା ରେଳମଣ୍ଡଳ ଅବସରପ୍ରାପ୍ତ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରର କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଛି। ବିଶେଷକରି ବରିଷ୍ଠ ନାଗରିକମାନଙ୍କ ନିକଟରେ ଆବଶ୍ୟକୀୟ ସେବା ପହଞ୍ଚାଇବା, ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗ କରିବା ଏବଂ ସେମାନଙ୍କୁ ସମ୍ମାନଜନକ ଓ ସୁବିଧାଜନକ ସେବା ଯୋଗାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ।

ବୟସ କିମ୍ବା ଚଳପ୍ରଚଳରେ ଅସୁବିଧା ଯେପରି ଆବଶ୍ୟକୀୟ ସେବା ପାଇବାରେ ବାଧକ ନହୁଏ, ସେଥିପାଇଁ ରାୟଗଡ଼ା ରେଳମଣ୍ଡଳ ନିଜର ବରିଷ୍ଠ ପେନସନଭୋଗୀଙ୍କ ନିକଟରେ ସେବା ପହଞ୍ଚାଇବାକୁ ପ୍ରତିବଦ୍ଧ।

ଏନ୍‌ଏଲ୍‌ସିଆଇଏଲ୍‌ର ତଲାବିରା ଦ୍ୱିତୀୟ ଓ ତୃତୀୟ ଓସିପି ପକ୍ଷରୁ ସତର୍କତା ସଚେତନତା ଅଭିଯାନ ଉଦ୍‌ଯାପିତ



ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ଓଡ଼ିଶାସ୍ଥିତ ତାଲାବିରା ଦ୍ୱିତୀୟ ଓ ତୃତୀୟ ଓପନ୍ କାଷ୍ଟ ପ୍ରୋଜେକ୍ଟ (ଓସିପି) ପକ୍ଷରୁ "ସମୃଦ୍ଧି ପାଇଁ ସଚ୍ଚୋଟତା" ବିଷୟବସ୍ତୁକୁ ଆଧାର କରି ଆୟୋଜିତ ସତର୍କତା ସଚେତନତା ଅଭିଯାନ-୨୦୨୬ ସଫଳତାର ସହ ଉଦ୍‌ଯାପିତ ହୋଇଛି। ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ନୈତିକ ପ୍ରଶାସନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଅଧୀନରେ ବିଭିନ୍ନ ସଚେତନତାମୂଳକ ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ପ୍ରତିଷେଧମୂଳକ ସତର୍କତା, ବ୍ୟବସ୍ଥାଗତ ସୁଧାର ଓ କ୍ଷମତା ବିକାଶ ଉପରେ ଗୁରୁତ୍ୱକୁ ଦୃଷ୍ଟିରେ ରଖି ୧୭ ଅଗଷ୍ଟରୁ ୧୬ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ତିନିମାସ ବ୍ୟାପୀ ଏହି ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅବସରରେ କର୍ମଚାରୀମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସତ୍ୟନିଷ୍ଠା ଶପଥ ପାଠ ଏବଂ ପ୍ରବନ୍ଧ, ସ୍ଲୋଗାନ୍, ବକ୍ତୃତା, ରଙ୍ଗୋଲି ଓ ବ୍ୟାନର୍ ଡିଜାଇନ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ନିକଟସ୍ଥ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିସହ ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବକ୍ତୃତା, କ୍ଷୁଦ୍ର ଚଳଚ୍ଚିତ୍ର ଓ କୁଇଜ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସତ୍ୟନିଷ୍ଠା, ନୈତିକତା, ସାଇବର୍ ଅପରାଧ, ଡିଜିଟାଲ୍ ସୁରକ୍ଷା, ସୂଚନା ଅଧିକାର ଓ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିରୋଧ ସମ୍ପର୍କରେ ସଚେତନ କରାଯାଇଥିଲା।

ଦେବୀ-ଦେବତାଙ୍କୁ ଅପମାନ କରୁଥିବା ଲୋକଙ୍କ ବିରୁଦ୍ଧରେ ପତଞ୍ଜଳି ମାମଲା ରୁଜୁ କରିବ : ସ୍ୱାମୀ ରାମଦେବ

ହରିଦ୍ୱାର

ଉତ୍ତରାଖଣ୍ଡର ପାଉରୀ ଗଡ଼ୱାଲ ଜିଲ୍ଲାର ଯମକେଶ୍ୱର ବ୍ଲକର ମାଲାଗାଓଁରେ ଅନୁଷ୍ଠିତ ତିନି ଦିନିଆ ହର୍ବାଲ୍ କୁମ୍ଭ - ହର୍ବାଲ୍ କୃଷି ମେଳା ଏବଂ ଶ୍ରୀ ଧନ୍ୱନ୍ତରୀ ଧାମ ମହୋତ୍ସବ ଭବିଷ୍ୟତ ପାଇଁ ମହାନ ସମ୍ଭାବନା, ସଂକଳ୍ପ ଏବଂ ନୂତନ ଆତ୍ମବିଶ୍ୱାସ ସହିତ ଶେଷ ହୋଇଥିଲା। ସମାପନୀ ଉତ୍ସବରେ ଯୋଗ ଋଷି ସ୍ୱାମୀ ରାମଦେବ ସନାତନ ଧର୍ମ, ଦେବତା ଏବଂ ଅବତାରୀ ମହାପୁରୁଷମାନଙ୍କ ବିଷୟରେ ଅପମାନଜନକ ମନ୍ତବ୍ୟ ଦେଉଥିବା ଲୋକଙ୍କୁ କଡ଼ା ଚେତାବନୀ ଦେଇଥିଲେ। ସେ ଘୋଷଣା କରିଥିଲେ ଯେ ପ୍ରଭୁ ରାମ, କୃଷ୍ଣ ଏବଂ ହନୁମାନ ସମେତ ଦେବତାମାନଙ୍କୁ ଉପହାସ କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପତଞ୍ଜଳିରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯିବ। ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଶ୍ରୀ ଧନ୍ୱନ୍ତରୀ ଧାମକୁ ପ୍ରାଚୀନ ଭାରତୀୟ ଜ୍ଞାନ, ଆଧୁନିକ ବିଜ୍ଞାନ, କୃଷି ଏବଂ ପ୍ରକୃତିର ଏକ ସୁନ୍ଦର ସଙ୍ଗମ ଭାବରେ ବିକଶିତ କରିବା ପାଇଁ ଭବିଷ୍ୟତ ଯୋଜନା ଉପସ୍ଥାପନ କରିଥିଲେ।





ନଭେମ୍ବର ୪ ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ହର୍ବାଲ୍ କୁମ୍ଭ ଔଷଧି, କୃଷି, ଆୟୁର୍ବେଦ, ଜୈବ ବିବିଧତା, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ଅର୍ଥନୀତିକୁ ଏକତ୍ର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରିଥିଲା। ହର୍ବାଲ୍ କୁମ୍ଭକୁ କେବଳ ଜାତୀୟ ନୁହେଁ ବରଂ ବିଶ୍ୱସ୍ତରୀୟ ସ୍ୱୀକୃତି ଦେବା ପାଇଁ ଏକ ପ୍ରତିଶ୍ରୁତି ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଆସନ୍ତା ବର୍ଷ ଅକ୍ଟୋବରରେ ଏହାକୁ ଅଧିକ ବ୍ୟାପକ ଢାଞ୍ଚାରେ ଆୟୋଜନ କରାଯିବ ବୋଲି ମଧ୍ୟ ଘୋଷଣା କରାଯାଇଥିଲା। ତିନି ଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ୨୫୦୦ ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ, ଯେତେବେଳେ ପ୍ରକୃତି ମଧ୍ୟରେ ବିକଶିତ ହେଉଥିବା ଏହି ଅନନ୍ୟ କର୍ମକ୍ଷେତ୍ରର ଶକ୍ତି ଏବଂ ପରିବେଶକୁ ଅନୁଭବ କରିବା ପାଇଁ ୫୦୦ ରୁ ଅଧିକ ଲୋକ ଏଠାରେ ରହିଥିଲେ।

ସ୍ୱାମୀ ରାମଦେବ କହିଛନ୍ତି ଯେ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେ ଲୋକମାନେ ଈଶ୍ୱର ଏବଂ ଅବତାରବାଦୀ ସତ୍ତା ଉପରେ ଆକ୍ଷେପ କରୁଥିବା ଲୋକଙ୍କ ସମର୍ଥନରେ ମଧ ଠିଆ ହୋଇଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଆମ ଦେବତାମାନଙ୍କୁ ଅପମାନିତ କରିବାର ଅଧିକାର କାହାକୁ ଦେଲା? ସେ ଦେବତାଙ୍କ ପ୍ରତି ଅସମ୍ମାନଜନକ ଆଚରଣ ଏବଂ ଜୋତା ଫିଙ୍ଗା ଭଳି ଘଟଣାକୁ ଧାର୍ମିକ ଏବଂ ସାଂସ୍କୃତିକ ପାପ ବୋଲି ବର୍ଣ୍ଣନା କରିଛନ୍ତି।

ସେ କହିଥିଲେ ଯେ କୌଣସି ଧର୍ମ, ବିଶ୍ୱାସ କିମ୍ବା ମହାପୁରୁଷଙ୍କୁ ଅସମ୍ମାନ କରାଯିବା ଉଚିତ୍ ନୁହେଁ। ଯଦି କେହି ପ୍ରଫେଟ ମହମ୍ମଦ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦିଅନ୍ତି, ତେବେ ଆମକୁ ଏହାର ଜବାବ ବିଷୟରେ ମଧ ବିଚାର କରିବା ଉଚିତ। ସ୍ୱାମୀ ରାମଦେବ କହିଛନ୍ତି ଯେ ଏବେ ସନାତନ ଧର୍ମର ରୂପ ନେଉଥିବା ଲୋକଙ୍କୁ ପର୍ଦ୍ଦାଫାସ୍ କରିବାର ଆବଶ୍ୟକତା ରହିଛି।

ସମାପନୀ ଉତ୍ସବରେ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଳକୃଷ୍ଣ ମଞ୍ଚାସୀନ ଅତିଥି ବିଜୟା ଆଲ୍ଲାହାବାଦି ଏବଂ ଉଗ୍ରସେନ ଆଲ୍ଲାହାବାଦିଙ୍କୁ ଶାଲ ଏବଂ ରୁଦ୍ରାକ୍ଷ ମାଳା ପ୍ରଦାନ କରି ସମ୍ମାନିତ କରିଥିଲେ।

ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ ଶ୍ରୀ ଧନ୍ୱନ୍ତରୀ ଧାମ ପ୍ରାଚୀନ ଭାରତୀୟ ପରମ୍ପରା ଏବଂ ଆଧୁନିକତାର ଏକ ଅନନ୍ୟ ସଙ୍ଗମ। ହର୍ବାଲ୍ ଏକ ଆଧୁନିକ ଧାରଣାକୁ ପ୍ରତିନିଧିତ୍ୱ କରେ, ଯେତେବେଳେ କୁମ୍ଭ ସନାତନ ସଂସ୍କୃତିର ଏକ ମୌଳିକ ଉପାଦାନ। ପୂଜ୍ୟ ସ୍ୱାମୀ ରାମଦେବଙ୍କ ପ୍ରେରଣା ଏବଂ ମାର୍ଗଦର୍ଶନରେ, ଶ୍ରୀ ଧନ୍ୱନ୍ତରୀ ଧାମ ଏକ ବିଶ୍ୱସ୍ତରୀୟ ରୂପ ଗ୍ରହଣ କରୁଛି।

ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ ହର୍ବାଲ୍ କୁମ୍ଭ ମହାନ, ଦିବ୍ୟ ଏବଂ ଆନନ୍ଦଦାୟକ ଥିଲା। କୃଷି, ହର୍ବାଲ୍ ଏବଂ ପ୍ରକୃତିକୁ ସମନ୍ୱିତ କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ପ୍ରୟାସ କରାଯାଇଥିଲା। ସେ କାର୍ଯ୍ୟକ୍ରମରେ ସାମିଲ ସମସ୍ତ ଅତିଥି, ବିଶେଷଜ୍ଞ, ଚାଷୀ ଏବଂ ଅଂଶଗ୍ରହଣକାରୀଙ୍କ ପ୍ରତି ତାଙ୍କର ହୃଦୟର କୃତଜ୍ଞତା ପ୍ରକାଶ କରିଥିଲେ। ହର୍ବାଲ୍ କୁମ୍ଭର ସମାପନୀ ଉତ୍ସବରେ ବହୁ ସଂଖ୍ୟକ ସନ୍ଥ ଏବଂ ନନ ଉପସ୍ଥିତ ଥିଲେ। ହର୍ବାଲ୍ କୁମ୍ଭର ତୃତୀୟ ଦିନ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଦ୍ୱାରା ମାଲାଗାଓଁରେ ଯୋଗ ସହିତ ଆରମ୍ଭ ହୋଇଥିଲା।

ଦୀପାବଳି ପୂର୍ବରୁ ପୂର୍ବ ତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଅଗ୍ନି ନିରାପତ୍ତା ଅଭିଯାନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଦୀପାବଳି ପର୍ବ ନିକଟତର ହେଉଥିବାରୁ ଅଗ୍ନିକାଣ୍ଡ ରୋକିବା ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପୂର୍ବ ତଟ ରେଳପଥ ପକ୍ଷରୁ ନଭେମ୍ବର ୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ଜୋନାଲ ନିରାପତ୍ତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ପୂର୍ବ ତଟ ରେଳପଥର ସମସ୍ତ ଅଞ୍ଚଳରେ ପରିଚାଳିତ ହେଉଛି। ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ରାୟଗଡ଼ା ମଣ୍ଡଳରେ ସମସ୍ତ ବିଭାଗର ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏହି ଅଭିଯାନ ଚାଲିଛି। ସମ୍ଭାବ୍ୟ ଅଗ୍ନିକାଣ୍ଡର କାରଣ ଚିହ୍ନଟ କରିବା, ଅଗ୍ନି ନିର୍ବାପକ ଉପକରଣର ଉପଲବ୍ଧତା ଓ କାର୍ଯ୍ୟକ୍ଷମତା ଯାଞ୍ଚ କରିବା ସହ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି।



ଯାତ୍ରୀମାନଙ୍କୁ ଟ୍ରେନ୍‌ରେ ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ପେଟ୍ରୋଲ, କିରୋସିନ, ଏସିଡ୍ ଏବଂ ଅନ୍ୟାନ୍ୟ ଦହନଶୀଳ ବା ବିପଜ୍ଜନକ ସାମଗ୍ରୀ ନେବାରୁ ବାରଣ କରାଯାଉଛି। ଯାତ୍ରୀବାହୀ ଟ୍ରେନ୍‌ରେ ଏଭଳି ନିଷିଦ୍ଧ ସାମଗ୍ରୀ ପରିବହନ କରିବା ରେଳ ଆଇନ, ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। କୌଣସି ସନ୍ଦେହଜନକ ସାମଗ୍ରୀ କିମ୍ବା ନିୟମ ଉଲ୍ଲଂଘନ ଦେଖିଲେ ଯାତ୍ରୀମାନେ ସତର୍କ ରହି ରେଳ କର୍ମଚାରୀଙ୍କୁ ଜଣାଇବା ସହ ରେଳ ହେଲ୍ପଲାଇନ ନମ୍ବର ୧୩୯ରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଏହି ଅଭିଯାନରେ ରେଳ ଅଧିକାରୀମାନେ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳବାଇ ପୋଲିସ (ଜିଆରପି) ସହ ସମନ୍ୱୟ ରକ୍ଷା କରି ଲଗେଜ ବଗି (ଏସ୍‌ଏଲ୍‌ଆର)ରେ ସାମଗ୍ରୀ ଲୋଡ୍ କରିବା ପୂର୍ବରୁ ଯାତ୍ରୀଙ୍କ ଲଗେଜ୍ ଓ ପାର୍ସଲଗୁଡ଼ିକର ଅଚାନକ ଯାଞ୍ଚ କରିବେ। ରେଳ ଷ୍ଟେସନ, କୋଚ୍, ପାଣ୍ଟ୍ରି କାର୍, ପାୱାର କାର୍ ଓ ଇଞ୍ଜିନ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଧୂଆଁ ଓ ଅଗ୍ନି ଚିହ୍ନଟ ଆଲାର୍ମ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ମଧ୍ୟ ଯାଞ୍ଚ କରାଯିବ।

କୋଚ୍ ଓ ପାଣ୍ଟ୍ରି କାର୍‌ରେ ବିଦ୍ୟୁତ୍ ତାର ଏବଂ ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇ ଢିଲା ତାର ଓ ଅନ୍ୟାନ୍ୟ ସମ୍ଭାବ୍ୟ ବିପଦ ଚିହ୍ନଟ କରାଯିବ। ମୋବାଇଲ୍ ଫୋନ୍ ଓ ଲାପଟପ୍ ଚାର୍ଜିଂ ପଏଣ୍ଟରେ ହିଟର୍ କିମ୍ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର ନକରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯିବ। କୋଚ୍‌ରେ 'ଧୂମପାନ ନିଷେଧ' ସୂଚନା ଫଳକ ଲଗାଇବା ସହ ଯାତ୍ରୀଙ୍କ ଯାତାୟାତ ପାଇଁ ପଥ, ଭେଷ୍ଟିବ୍ୟୁଲ୍ ଓ କୋଚ୍ ଦ୍ୱାରଗୁଡ଼ିକୁ ବାଧାମୁକ୍ତ ରଖିବା ନିଶ୍ଚିତ କରାଯିବ। ପାଣ୍ଟ୍ରି କାର୍ କର୍ମଚାରୀ ଓ ଠିକା କର୍ମଚାରୀମାନଙ୍କୁ ଅଗ୍ନି ନିରାକରଣ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ବ୍ୟବହାର ସମ୍ପର୍କରେ ପରାମର୍ଶ ଦିଆଯିବ। ଯାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନ କରିବା ପାଇଁ ରେଳ ଷ୍ଟେସନ ଓ ଟ୍ରେନ୍‌ଗୁଡ଼ିକରେ ସଚେତନତା ଫଳକ, ଷ୍ଟିକର୍ ଲଗାଯିବା ସହ ପ୍ରଚାରପତ୍ର ବଣ୍ଟନ କରାଯିବ।

ଏମସିଏଲର ହିନ୍ଦୀ ଅନୁବାଦକ ଡ. ଚିତ୍ତରଞ୍ଜନ ନାହାକ ସମ୍ମାନିତ



ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ

ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ବରଗଡ଼ ପକ୍ଷରୁ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୋଟିଏ ଦିନରେ ନୂଆଁଖାଇ ପାଳନ ପଛର ମହାନାୟକ ଲୋକ ମହୋତ୍ସବର ଜନକ କିମ୍ବଦନ୍ତୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ବିଶାଳ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅବସରରେ ରବିନ ଚନ୍ଦ୍ର ଦାସଙ୍କ ରଚିତ ଗୁରୁ ଭଗବାନ ସାହୁଙ୍କ ଜୀବନୀର ହିନ୍ଦୀ ଅନୁବାଦକ ଏମସିଏଲର ହିନ୍ଦୀ ଅନୁବାଦକ ଡ. ଚିତ୍ତରଞ୍ଜନ ନାହାକଙ୍କୁ ସମ୍ମାନିତ କରାଯାଇଛି। କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା, ଦଧିବାବନ ଶତପଥିଙ୍କ ସଭାପତିତ୍ୱରେ, ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ। ପ୍ରଦୀପ ଦେବତାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ ଚିରବ୍ରତ ଦତ୍ତ ଟେକଚାନ୍ଦ ଦୁଆନ ମୁଖ୍ୟ ବକ୍ତା ଅଧାପକ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କ ଜୀବନୀ ହିନ୍ଦୀ ଅନୁବାଦ ହେବା ଦ୍ୱାରା ଗୁରୁ ଭଗବାନ ସାହୁଙ୍କ ଅବଦାନ ଭାରତ ବର୍ଷରେ ସୁଦୂର ପ୍ରସାରି ହେବ ବୋଲି ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ୪ ଜଣ ବିଭିନ୍ନ ଧର୍ମର ଧର୍ମ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଗୋଟିଏ ଦିନରେ ନୂଆଁଖାଇ ଏବଂ ଗୁରୁ ଭଗବାନ ସାହୁ' ଶିର୍ଷକ କବିତା ଆସର ଅନୁଷ୍ଠିତ ହୋଇଥିଲା, କାର୍ଯ୍ୟକ୍ରମରେ ବିରାଟ ଜନସମାଗମ ହୋଇଥିଲା। ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଗବେଷକ ଶାସ୍ତ୍ରୀୟ ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ), ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ବିଶିଷ୍ଟ ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇ, ନେତ୍ରାନନ୍ଦ ପ୍ରଧାନ,ଭବାନୀଶଙ୍କର ଭୋଇଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଡ. ଚିତ୍ତରଞ୍ଜନ ନାହାକଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୬୩୦ ଗୋଦାବରୀଶ...

୯୫୨ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶିକ୍ଷାର ରୂପାନ୍ତରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। କେନ୍ଦୁଝର ଜିଲ୍ଲାରେ ୩୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି। ରାଜ୍ୟରେ ଶିଶୁବାଟିକା ଆରମ୍ଭ କରାଯାଇ ୪୫ ହଜାରରୁ ଅଧିକ ସ୍କୁଲରେ ଖୋଲାଯାଇଛି। ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଗତ ଅଢ଼େଇ ବର୍ଷ ଭିତରେ ୨୮ ହଜାର ୬୩୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ମେଡ଼ିକାଲ୍ କଲେଜ୍ ପରିସରରେ ଡିଏମଏଫ୍ ସହଯୋଗରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ପ୍ରିଭେଣ୍ଟିଭ୍ କ୍ୟାନସର୍ ସ୍କ୍ରିନିଂ କେନ୍ଦ୍ର' ଲୋକାର୍ପିତ କରିଛନ୍ତି। ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଣ୍ଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଂ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ କେନ୍ଦୁଝରଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ବ୍ୟତୀତ ୧୦ କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨ କୋଟି ଟଙ୍କାରେ ମଡ୍ୟୁଲାର୍ ଓଟି କମ୍ପ୍ଲେକ୍ସ, ମଲ୍ଟି-ୟୁଟିଲିଟି ସେଣ୍ଟର, ପୁଲିସ୍ ଆଉଟପୋଷ୍ଟ ଏବଂ ୩୦ଜଣିଆ ବାରାକ୍ ମଧ୍ୟ ଲୋକାର୍ପିତ ହୋଇଛି। ଏହା ମଧ୍ୟରୁ ପ୍ରାୟ ୪୧୨ କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଗଣା ବସ୍ ସେବା କାର୍ଡର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟସେବା ପାଇଁ ଡିଏମଏଫ ପାଣ୍ଠିରୁ ୨୩ଟି ନୂତନ ଆମ୍ବୁଲାନ୍ସ ଏବଂ ସହରାଞ୍ଚଳଗୁଡ଼ିକୁ ପରିଚ୍ଛନ୍ନ ରଖିବା ପାଇଁ କେନ୍ଦୁଝର, ଯୋଡ଼ା ଓ ବଡ଼ବିଲ୍ ପୌରପାଳିକାକୁ ମୋଟ ୨୬ଟି ପରିମଳ ସାମଗ୍ରୀ, ଏଲସିଭି ଗାଡ଼ି, ଟ୍ରାକ୍ଟର, ସ୍ପ୍ରିଙ୍କଲର ଓ ସେସପୁଲ୍ ଗାଡ଼ି ପ୍ରଦାନ କରାଯାଇଛି। ଏହି ରାଜ୍ୟସ୍ତରୀୟ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳ ବିଶାଳ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରୀ ମେଡ଼ିକାଲ...

ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ସମେତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ପିଜି ମେଡିକାଲ ଶିକ୍ଷା ପ୍ରଦାନ କରାଯାଉଥିଲା। ଶୁକ୍ରବାର ଜାତୀୟ ମେଡ଼ିକାଲ କମିଶନଙ୍କ ଅନୁମୋଦନ କ୍ରମେ ରାଜ୍ୟର ନୂତନ ସରକାରୀ ମେଡ଼ିକାଲ କଲେଜଗୁଡ଼ିକରେ ପ୍ରଥମ ଥର ପାଇଁ ପିଜି ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିମଧ୍ୟରେ କେନ୍ଦୁଝରର ଧରଣୀଧର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ୧୦ଟି ବିଭାଗରେ ୪୪ଟି, ସୁନ୍ଦରଗଡ଼ର ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୨ଟି, କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୯ଟି ବିଭାଗରେ ୨୮ଟି, ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୧୦ଟି ବିଭାଗରେ ୩୨ଟି ଏବଂ ଫୁଲବାଣୀର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୭ଟି ପିଜି ସିଟ୍ ଅନୁମୋଦନ ମିଳିଛି। ସେହିପରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୨୦ରୁ ବୃଦ୍ଧି ପାଇ ୫୩ ହୋଇଛି। ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୧୦ରୁ ବୃଦ୍ଧି ପାଇ ୫୪ ହୋଇଛି। ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୮ରୁ ବୃଦ୍ଧି ପାଇ ୫୪ ହୋଇଛି। ଏହା ସହ ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ୧୧ଟି, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୭ଟି, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୩ଟି ଏବଂ ଭୀମସାର, ବୁର୍ଲାରେ ୧୧ଟି ପିଜି ସିଟ୍ ବୃଦ୍ଧି କରାଯାଇଛି। ଏହି ଅତିରିକ୍ତ ସିଟଗୁଡ଼ିକ ଆନାଟୋମି, ଆନାସ୍ଥେସିଓଲୋଜି, ବାୟୋକେମିଷ୍ଟ୍ରି, କମ୍ୟୁନିଟି ମେଡିସିନ୍, ଇଏନଟି , ଜେନେରାଲ ମେଡିସିନ୍, ଜେନେରାଲ ସର୍ଜରୀ, ମାଇକ୍ରୋବାୟୋଲୋଜି, ପ୍ରସୂତି ଓ ସ୍ତ୍ରୀରୋଗ, ଅର୍ଥୋପେଡିକ୍ସ, ପେଡିଆଟ୍ରିକ୍ସ, ପାଥୋଲୋଜି, ସାଇକିଆଟ୍ରି ଏବଂ ରେସ୍ପିରେଟୋରି ମେଡିସିନ୍ ଆଦି ୧୪ଟି ବିଭାଗରେ ଉପଲବ୍ଧ ହେବ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ପିଜି ସିଟ୍ ସଂଖ୍ୟା ବୃଦ୍ଧି ପାଇବା କେବଳ ମେଡିକାଲ ଶିକ୍ଷାର ସମ୍ପ୍ରସାରଣ ନୁହେଁ, ବରଂ ରାଜ୍ୟରେ ଅଧିକ ସଂଖ୍ୟକ ଦକ୍ଷ ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ।

୨ ମୃତକଙ୍କ...

ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକ ଦ୍ୱୟଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

ନୂଆବର୍ଷ ପୂର୍ବରୁ ...

ଲାଗୁ ହେବ। ଛତିଶା ନିଯୋଗ ଓ ପରିଚାଳନା କମିଟି ପରିଦର୍ଶନ ପରେ ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ଅଶୋକ କୁମାର ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

'ଓଡ଼ିଶା ଲେଖକ ସମବାୟ ସମିତି'ର ନିର୍ଦ୍ଦେଶକ ତଥା ବିଶ୍ୱବିଖ୍ୟାତ ସ୍ନାୟୁଶଲ୍ୟ ଚିକିତ୍ସକ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ 'ଓଡ଼ିଶା ଲେଖକ ସମବାୟ ସମିତି' ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ଡକ୍ଟର ମହାପାତ୍ର କେବଳ ଜଣେ ସଫଳ ସ୍ନାୟୁଶଲ୍ୟ ବିଶେଷଜ୍ଞ ନ ଥିଲେ, ସେ ଥିଲେ ଭୁବନେଶ୍ୱର ଏମ୍‌ସ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା। ଶିକ୍ଷାକ୍ଷେତ୍ରରେ ସେ ଥିଲେ 'ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ'ର କୁଳପତି। ସଂସ୍କୃତି ଓ ଆଧାତ୍ମିକ କ୍ଷେତ୍ରରେ ସେ ଥିଲେ ଅନନ୍ୟ। 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ସଭାପତି, 'ମୁକ୍ତ ଚିନ୍ତନ ମଞ୍ଚ'ର ସଭାପତି ଓ 'ଭକ୍ତ ଦାସିଆପୀଠ'ର କାର୍ଯ୍ୟକାରୀ ସଭାପତି। ଏହିପରି ସେ ବହୁତ ସାହିତ୍ୟ ଓ ସାଂସ୍କୃତିକ ସଂଗଠନର ମୁଖ୍ୟ ରୂପେ ଓଡ଼ିଶାର ସବୁକ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଜଣେ ବ୍ୟକ୍ତି ଭାବରେ ସେ ଥିଲେ ମିଷ୍ଟଭାଷୀ, ନିରହଂକାରୀ, ମେଳାପି ଓ ଜ୍ଞାନୀ ପୁରୁଷ। ବକ୍ତାମାନେ ଅଶୋକ ମହାପାତ୍ରଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି ତାଙ୍କୁ ଜଣେ ଶତାବ୍ଦୀ ପୁରୁଷ ଭାବେ ନାମିତ କରିଥିଲେ। ତାଙ୍କ ସ୍ମୃତିରେ ପ୍ରତିବର୍ଷ ପୁରସ୍କାର ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ମନୋଜ କୁମାର ମହାପାତ୍ରଙ୍କ ସହ ବିଶିଷ୍ଟ ଅନ୍ୟ ଲେଖକଲେଖିକା ବନଜ ଦେବୀ, ବୀର କିଶୋର ବାରିକ, ଅମିୟ କୁମାର ପଟ୍ଟନାୟକ, ରାମନାରାୟଣ ମିଶ୍ର, ପ୍ରଫେସର ପ୍ରଭାତ କୁମାର ପାଢ଼ୀ, ବିରଜା ପ୍ରସାଦ ଶତପଥୀ, ଡ. ଆରତି କର ମିନତୀ ମିଶ୍ର, ମିନତୀ ଷଡ଼ଙ୍ଗୀ, ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ପାଦକ ସୁକାନ୍ତ ପ୍ରଧାନ ସ୍ମୃତିଚାରଣ କରି ଧନ୍ୟବାଦେ ଦେଇଥିଲେ।



ଡ୍ରିମ୍ ହୋମ୍ ଏକ୍ସପୋ-୨୦୨୬ରେ ବ୍ୟାଙ୍କ ଅଫ୍ ବରୋଦାର ଅଂଶଗ୍ରହଣ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ହୋଟେଲ ମେଫେୟାର ସାଙ୍ଗ୍ରିଆରୀଠାରେ ଆୟୋଜିତ ଡ୍ରିମ୍ ହୋମ୍ ଏକ୍ସପୋ-୨୦୨୬ରେ ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର ଜୋନ୍ ଅଂଶଗ୍ରହଣ କରିଛି। ଦୁଇଦିନିଆ ଏହି ପ୍ରଦର୍ଶନୀ ନଭେମ୍ବର ୬ ଓ ୭ ତାରିଖରେ ଅନୁଷ୍ଠିତ ହେଉଛି। ଏହାକୁ ବ୍ୟାଙ୍କ ଅଫ୍ ବରୋଦାର ଜେନେରାଲ ମ୍ୟାନେଜର ତଥା ଜୋନାଲ ହେଡ୍ ଶରତ କୁମାର ପାଣିଗ୍ରାହୀ, ଡିଜିଏମ୍-ବିଡି ଦେବୀ ପ୍ରସାଦ ମହାନ୍ତି, ଡିଜିଏମ୍ ତଥା ଭୁବନେଶ୍ୱର ରିଜିଅନ୍‌ର ରିଜିଓନାଲ ହେଡ୍ ସତ୍ୟରଞ୍ଜନ ମହାପାତ୍ରଙ୍କ ସମେତ ଜୋନାଲ ଓ ରିଜିଓନାଲ ସ୍ତରର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉଦ୍‌ଘାଟନ କରିଥିଲେ। ଡ୍ରିମ୍ ହୋମ୍ ଏକ୍ସପୋ-୨୦୨୬ରେ ବ୍ୟାଙ୍କ ଅଫ୍ ବରୋଦା ଏକମାତ୍ର ବ୍ୟାଙ୍କ ଭାବେ ଅଂଶଗ୍ରହଣ କରିଛି। ଏହି ପ୍ରଦର୍ଶନୀର ଷ୍ଟଲ୍ ନମ୍ବର ୧୭କୁ ପରିଦର୍ଶନ କରି ଗ୍ରାହକମାନେ ବ୍ୟାଙ୍କର ବିଭିନ୍ନ ଦୀପାବଳି ବିଶେଷ ଗୃହ ଋଣ ଯୋଜନା ସମ୍ପର୍କରେ ଜାଣିପାରିବେ। ଏହି ଗୃହ ଋଣର ସୁଧ ହାର ୭.୪୦ ପ୍ରତିଶତରୁ ଆରମ୍ଭ ହେଉଛି।



ଏହି ଅବସରରେ ଶରତ କୁମାର ପାଣିଗ୍ରାହୀ କହିଥିଲେ ଯେ, ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱର ଓ କଟକ ଆଖପାଖ ଅଞ୍ଚଳର ପ୍ରମୁଖ ବିଲ୍ଡରମାନଙ୍କ ବିଭିନ୍ନ ଆବାସିକ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଗୃହ ଋଣ ମଞ୍ଜୁରୀ କ୍ଷେତ୍ରରେ ୫ ଦିନ ମଧ୍ୟରେ ସେବା ପ୍ରଦାନ ବା ଟର୍ଣ୍ଣଆରାଉଣ୍ଡ ଟାଇମ୍ ବଜାୟ ରଖିବାର ଗୁରୁତ୍ୱ ଉପରେ ମଧ ସେ ଆଲୋକପାତ କରିଥିଲେ। ଗ୍ରାହକମାନଙ୍କ ବ୍ୟାଙ୍କିଂ ଅନୁଭୂତିକୁ ଅଧିକ ସରଳ ଓ ସୁବିଧାଜନକ କରିବା ପାଇଁ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ମଧ୍ୟ ଉପଲବ୍ଧ କରାଯାଇଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, MOHANA

Near Civil Court, Mohana
761015, Gajapati
Email.rwdmohana@gmail.com

No. 5138 Date 05-11-2026 25001/1474/2627

OFFICE ORDER

The following works of tender invited vide this office Tender Identification No.Online Tender **07/MOHANA/2026-27** is hereby cancelled due to technical error.

All other terms and conditions are remain unchanged.

SI.NO. 01. Repair to Tahasil office Building at Mohana for the year 2026-27.

Sd/- Executive Engineer
RW Division, Mohana

OIPR-25001/25148/1/26-27/0027

DIRECTORATE OF GROUND WATER DEVELOPMENT: ODISHA
Office of The Deputy Director, GWD Division-11, Bhubaneswar
A/2, Unit-V, Bhubaneswar
[e-mail: srgeologistrsbbsr@gmail.com]
e- Procurement Notice: 1068 Date: 05.11.26
Bid Identification No. 04/GWRSD/ARUA/2026-27
05/GWRSD/ARUA/2026-27
(Single-Envelope Bidding Process)

32001/1270/2627

Name of Work : 1. Construction of 05 Nos. of recharge shafts under ARUA scheme in Kakatpur Block Area under Puri District for FY 2026-27.
2. Construction of 06 Nos. of recharge shafts under ARUA scheme in Kakatpur Block Area under Puri District for FY 2026-27.

Bid Identification No. (BIN)	:	04/GWRSD/ARUA/2026-27 05/GWRSD/ARUA/2026-27
Estimated Cost Put to Bid	:	Rs.8.62 Lakhs (Without GST) Rs. 9.99 Lakhs (Without GST)
Class of Contractor	:	"C" or "D"
Period of Completion	:	60(SIXTY) Days

Availability of Bid Document on e-Procurement portal : From 09/11/2026 11.00 Hrs. To 18/11/2026 17.00 Hrs.
Last Date and Time for Submission of Bids: Date : 18/11/2026; Time: 17:00 Hrs.
Date and Time of Opening of Bids : Date: 19/11/2026; Time: 11:00 Hrs and 15.30 Hrs
Name & address of the officer inviting Bid: Office of The Deputy Director, GWD Division-II, Bhubaneswar A/2, Unit-V, Bhubaneswar
*Further details can be seen from the Govt. website "www.tendersodisha.gov.in". Any addendum/corrigendum/cancellation of tender can also be seen in the said website.

Sd/- Deputy Director (Geology)
GWD Division-II, Bhubaneswar

OIPR-32001/32462/1/26-27/0005

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BOUDH (R&B) DIVISION, BOUDH

34001/1119/2627

Phone: - 06841-296119 Email: - eeboudhrb@gmail.com

INVITATIONS FOR BIDS (IFB)
e-Procurement Notice
Letter No. 5324 Dated.05.11.2026
BID IDENTIFICATION No. : SE (R&B)-BDH 12/2026-27

1.	Number of work	:	01 (One) No. of EI work (Single cover)
2.	Estimated cost	:	As per the column No. 3 of the table
3.	Period of completion	:	As per the column No. 8 of the table
4.	Date & time of availability of Bid documents in the portal	:	From 09.11.2026, 10:00 AM to 15.11.2026, 05:00 PM
5.	Last date / time for seeking of Tender clarification	:	15.11.2026 up to 01:00 PM
6.	Last date / time for receipt of bids in the portal	:	Up to 5:00 PM of Dtd. 15.11.2026
7.	Date & time of opening of Tender / Bid	:	16.11.2026 at 11:30 AM
8.	Name and address of the officer inviting bid	:	Superintending Engineer, Boudh (R&B) Division, Boudh

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Sd/- Superintending Engineer
Boudh (R&B) Division, Boudh

OIPR-34001/34134/1/26-27/0020

ଭୁବନେଶ୍ୱର, ୭ ନଭେମ୍ବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

ଓଡ଼ିଶାରେ ଆଖୁ ଚାଷର ପୁନରୁଦ୍ଧାର ଓ ସମ୍ପ୍ରସାରଣ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର,୬।୧୧
ନ୍ୟୁଜ୍‌ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ରାଜ୍ୟରେ ଆଖୁ ଚାଷର ପୁନରୁଦ୍ଧାର ଓ ସମ୍ପ୍ରସାରଣ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରେ ଆଖୁ ଚାଷର ବର୍ତ୍ତମାନର ସ୍ଥିତି, ପ୍ରମୁଖ ଆହ୍ୱାନ, ଏବଂ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ଆଖୁ ଚାଷର ଜମି ପରିମାଣ, ମୋଟ ଉତ୍ପାଦନ, ଉତ୍ପାଦକତା, ଚାଷୀମାନଙ୍କ ଆର୍ଥିକ ଲାଭ-କ୍ଷତି, ଚିନି କଳଗୁଡ଼ିକର କାର୍ଯ୍ୟକ୍ଷମତା ଏବଂ 'ଟେକ୍ନୋଲୋଜି ମିଶନ ଅନ ସୁଗାରକେନ୍ ଡେଭେଲୋପମେଣ୍ଟ' ଓ ସମବାୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା।

ଏହି ସମୀକ୍ଷା ବୈଠକରେ ଉନ୍ନତମାନର ବିହନ ଆଖୁର ଉପଲବ୍ଧତା ନିଶ୍ଚିତ କରିବା, ଆଧୁନିକ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା, ଜଳସେଚନ ଭିତ୍ତିଭୂମିର ସମ୍ପ୍ରସାରଣ, କୃଷି ଯନ୍ତ୍ରପାତିର ବ୍ୟବହାର, ଚାଷୀ ଓ ଚିନି କଳ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଏବଂ ଓଡ଼ିଶା ଆଖୁ ଚାଷୀ ସଂଘ ଦ୍ୱାରା ଉତ୍ଥାପିତ ଅତିରିକ୍ତ ଆର୍ଥିକ ସହାୟତା ଓ ଲାଭଦାୟକ ମୂଲ୍ୟ ପ୍ରଦାନ ସମ୍ବନ୍ଧୀୟ ଦାବିଗୁଡ଼ିକର ପରୀକ୍ଷା-ନିରୀକ୍ଷା ନେଇ ରଣନୀତି ନିର୍ଦ୍ଧାରଣ କରାଯାଇଥିଲା।

ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡଃ ପୋମା ଟୁଡୁ, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ସମନ୍ୱୟ ଏବଂ ଉଦ୍ୟୋଗୀମାନଙ୍କ ମିଳିତ ସହଯୋଗରେ ଆଖୁ ଚାଷକୁ ଅଧିକ ଲାଭଦାୟକ, ସ୍ଥାୟୀ ଏବଂ ଓଡ଼ିଶା କୃଷି ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଗଢ଼ିତୋଳିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।



ଭୁବନେଶ୍ୱର : ଧନତେରାସ୍‌ରେ ସୁନା ଦୋକାନଗୁଡ଼ିକରେ ଗ୍ରାହକମାନଙ୍କ ପ୍ରବଳ ଭିଡ଼। (ଫଟୋ : ସମ୍ବାଦ କଳିକା)

ଆଜି ଗଞ୍ଜାମ ଗସ୍ତ କରି ବନ୍ୟାଞ୍ଚଳ ପରିଦର୍ଶନ କରିବେ ନବୀନ

ଭୁବନେଶ୍ୱର,୬।୧୧
ନ୍ୟୁଜ୍‌ବ୍ୟୁରୋ



ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଶେରଗଡ଼, ହିଞ୍ଜିଳିକାଟୁ, ଆସିକା ଓ ସୋରଡ଼ା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ। କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରି ବନ୍ୟା ବିପନ୍ନ ପରିବାର ଓ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିବେ। ଏହା ସହିତ ରିଲିଫ୍, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିବେ।

ଏହି ଗସ୍ତ ସମ୍ପର୍କରେ ସୂଚନା ଦେଇ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ ଯେ, ନବୀନ ପଟ୍ଟନାୟକଙ୍କ ବିସ୍ତୃତ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଡ. ମହାନ୍ତି କହିଥିଲେ ଯେ, ଶ୍ରୀ ପଟ୍ଟନାୟକ ୭ ନଭେମ୍ବର ତାରିଖ ସକାଳ ୧୦ଟା ୦୫ ମିନିଟ୍‌ରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟରରେ ଯାଇ ଶେରଗଡ଼ସ୍ଥିତ ମହାତ୍ମା ଗାନ୍ଧୀ ହାଇସ୍କୁଲ ପଡ଼ିଆରେ ସକାଳ ୧୧ଟାରେ ପହଞ୍ଚିବେ। ସକାଳ ୧୧ଟା ୧୦ ମିନିଟରେ ଶେରଗଡ଼ ସହର ଓ ଏହାର ଆଖପାଖ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରି ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିବେ। ଏହାପରେ ଦିନ ୧୨ଟା ୦୫ ମିନିଟରେ ହିଞ୍ଜିଳିକାଟୁ ମିନି ଷ୍ଟାଡିୟମରେ ପହଞ୍ଚିବେ। ୧୨ଟା ୧୫ ମିନିଟରେ ସେ ନୂଆ-ବୁରୁପଡ଼ା ଗ୍ରାମପଞ୍ଚାୟତ ପରିଦର୍ଶନ କରିବେ। ଦିନ ୧ଟା ୨୦ ମିନିଟରେ ସେ ଆସିକା ସାଇନ୍ସ କଲେଜ ନିକଟସ୍ଥ କୋଟିନଡ଼ାରେ ପହଞ୍ଚିବେ। ଦିନ ୧ଟା ୩୦ ମିନିଟରେ ଆସିକା ସହର ଓ ଏହାର ଆଖପାଖ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ। ଦିନ ୨ଟା ୩୦ ମିନିଟରେ ସୋରଡ଼ା ବ୍ଲକର ଟାଟାବାଲିସ୍ଥିତ କନ୍ଧୁଣୀଦେବୀ ପଡ଼ିଆରେ ପହଞ୍ଚିବେ। ଦିନ ୨ଟା ୪୦ ମିନିଟରେ ସେ ବାଲିଗୋଛା ଗସ୍ତ କରି ବନ୍ୟା ପ୍ରଭାବିତ ଅଞ୍ଚଳ ଓ କ୍ଷତିଗ୍ରସ୍ତ ଚାଷ ଜମି ପରିଦର୍ଶନ କରିବେ। ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଅପରାହ୍ନ ୪ଟା ୧୦ ମିନିଟରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବେ ନବୀନ ପଟ୍ଟନାୟକ।


ଭୋଟର ତାଲିକାରୁ ନାଁ ବାଦ ପଡିଥିଲେ ମିଳିବ ସୁଯୋଗ

ନୂଆଦିଲ୍ଲୀ, ୬।୧୧

ଭୋଟର ତାଲିକାରୁ କଟିଯାଇଛି କି ଆପଣଙ୍କ ନାଁ? ଯଦି ଏସଆଇଆର୍ ପ୍ରକ୍ରିୟାରେ ଆପଣଙ୍କ ନାଁ ଡ୍ରାଫ୍ଟ ଭୋଟର ତାଲିକାରେ ସ୍ଥାନ ପାଇନାହିଁ, ତେବେ ଆଉ ଚିନ୍ତା କରିବାର ନାହିଁ। କାରଣ ନିର୍ବାଚନ ଆୟୋଗ ଏଭଳି ଭୋଟରଙ୍କୁ ଆଉ ଏକ ସୁଯୋଗ ଦେଇଛନ୍ତି। ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନେ ପୁଣିଥରେ ଏନୁମେରେସନ୍ ଫର୍ମ ଦାଖଲ କରି ଚୂଡ଼ାନ୍ତ ଭୋଟର ତାଲିକାରେ ନିଜ ନାଁ ସାମିଲ କରିବାକୁ ଆବେଦନ କରିପାରିବେ।

ଏଥିପାଇଁ ନଭେମ୍ବର ୬ ତାରିଖରେ ନିର୍ବାଚନ ଆୟୋଗ ୬ଟି ରାଜ୍ୟ ଏବଂ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏହି ରାଜ୍ୟଗୁଡ଼ିକ ହେଉଛି ମହାରାଷ୍ଟ୍ର, ହରିୟାଣା, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ନାଗାଲାଣ୍ଡ। ଏହାସହ ଦିଲ୍ଲୀର ଭୋଟରମାନେ ମଧ୍ୟ ଏହି ସୁଯୋଗ ପାଇବେ।

ବିଶେଷ କରି ଏଏସଡିଡି ଅର୍ଥାତ୍ ଆବସେଣ୍ଟ, ସିଫ୍ଟେଡ୍, ଡେଡ୍ ଓ ଡୁପ୍ଲିକେଟ୍ ବର୍ଗରେ ଚିହ୍ନଟ ହୋଇ ଯେଉଁମାନଙ୍କ ନାଁ ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଛି, ସେମାନେ ପୁଣି ଫର୍ମ ଦାଖଲ କରିପାରିବେ। ସମ୍ପୃକ୍ତ ଭୋଟର ନିଜ ଅଞ୍ଚଳର ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର କିମ୍ବା ସହକାରୀ ଅଧିକାରୀଙ୍କ ନିକଟରେ ଫର୍ମ ଜମା କରିପାରିବେ।



ଏଥିପାଇଁ ବୁଥ୍ ଅନୁସାରେ ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ପୁଣିଥରେ ପ୍ରକାଶ କରାଯିବ। ପୋଲିଂ ବୁଥ୍, ପଞ୍ଚାୟତ ଅଫିସ ଓ ପୌରସଂସ୍ଥା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏହା ଲଗାଯିବ। ଏହାସହ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟରେ ତାଲିକା ଉପଲବ୍ଧ ହେବ।

ସବୁଠାରୁ ବଡ଼ କଥା ହେଉଛି, ବୁଥ୍ ଲେଭଲ୍ ଅଫିସର (ବିଏଲଓ)ମାନେ ଘରକୁ ଘର ବୁଲି ଭୋଟରଙ୍କୁ ଖୋଜିବେ। ଆବଶ୍ୟକ ପଡ଼ିଲେ ହ୍ୱାଟ୍ସଆପ୍, ଇମେଲ୍ ଓ ଏସଏମଏସ୍ ମାଧ୍ୟମରେ ମଧ୍ୟ ଫର୍ମ ପଠାଇବେ। ଭୋଟରମାନେ ଇସିଆଇ ୱେବସାଇଟ୍ କିମ୍ବା ଇସିଆଇଏଏନଇଟି ଆପ୍‌ରୁ ମଧ୍ୟ ନିଜ ପୁରୁଣା ଇପିଆଇସି ନମ୍ବର ବ୍ୟବହାର କରି ଫର୍ମ ଡାଉନଲୋଡ୍ କରିପାରିବେ।

ଯେଉଁମାନେ ପୂର୍ବ ଠିକଣାରେ ରହୁଛନ୍ତି, ସେମାନଙ୍କୁ ଫର୍ମ ସହ ପୂର୍ବରୁ କାହିଁକି ଦାଖଲ କରିପାରିନଥିଲେ, ତାହାର କାରଣ ଦର୍ଶାଇବାକୁ ପଡ଼ିବ। ଅନ୍ୟପଟେ ସେହି ରାଜ୍ୟ ଭିତରେ ଠିକଣା ବଦଳାଇଥିବା ଭୋଟରଙ୍କୁ ନୂଆ ଠିକଣା, ବିଧାନସଭା କ୍ଷେତ୍ର ଓ ଠିକଣା ପ୍ରମାଣ ଦେବାକୁ ହେବ। ଘରନଥିବା ଭୋଟରଙ୍କ ପାଇଁ ବିଏଲଓଙ୍କ କ୍ଷେତ୍ର ଯାଞ୍ଚ ରିପୋର୍ଟକୁ ଠିକଣା ପ୍ରମାଣ ଭାବେ ଗ୍ରହଣ କରାଯିବ।

ତେଣୁ ଡ୍ରାଫ୍ଟ ଭୋଟର ତାଲିକାରେ ନାଁ ନଥିଲେ ନିଜ ବୁଥ୍‌ର ତାଲିକା ଯାଞ୍ଚ କରନ୍ତୁ। ଯୋଗ୍ୟ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସ୍ଥାନ ଦେବା ପାଇଁ ନିର୍ବାଚନ ଆୟୋଗଙ୍କ ଏହି ପଦକ୍ଷେପ ଏବେ ଗୁରୁତ୍ୱ ବହନ କରୁଛି।

୪ ଜେଲରଙ୍କ ବଦଳି

ଭୁବନେଶ୍ୱର, ୬।୧୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଗୃହ ବିଭାଗ ପକ୍ଷରୁ ପ୍ରଶାସନିକ ସ୍ତରରେ ଅଦଳବଦଳ କରାଯାଇଛି। ଏହି କ୍ରମରେ ବିଭିନ୍ନ ଜେଲରେ କାର୍ଯ୍ୟରତ ୪ ଜଣ ଜେଲରଙ୍କୁ ଅନ୍ୟ ଜେଲକୁ ବଦଳି କରାଯାଇଛି। ପୁରୀ ଜିଲ୍ଲା କାରାଗାରର ଜେଲର ଶୁଭସ୍ମିତା ବିଶ୍ୱାଳଙ୍କୁ ଜୟପୁର ସ୍ୱତନ୍ତ୍ର ଜେଲକୁ ବଦଳି କରାଯାଇଛି। ସେହିପରି କଟକ ସର୍କଲ ଜେଲ୍‌ର ଜେଲର ରଘୁନାଥ ମାଝୀଙ୍କୁ ବଣାଇଗଡ଼ ଜେଲକୁ ବଦଳି ହୋଇଛି। ଅନ୍ୟ ପକ୍ଷରେ ଭୁବନେଶ୍ୱର ଜେଲର ଅବିନାଶ ବେହେରାଙ୍କୁ ନବରଙ୍ଗପୁର ସବଜେଲକୁ ଏବଂ ଫୁଲବାଣୀ ଜେଲର ଲଲାଟେନ୍ଦୁ ଭୂଷଣ ଦାସଙ୍କୁ କଟକ ସର୍କଲ ଜେଲକୁ ବଦଳି କରାଯାଇଛି।

ଫେବୃୟାରୀ ୧୬ରୁ ସିବିଏସ୍‌ଇ ଦଶମ-ଦ୍ୱାଦଶ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ, ୬।୧୧




ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ବଡ଼ ଖବର ଆସିଛି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଦଶମ ଏବଂ ଦ୍ୱାଦଶ ବାର୍ଷିକ ପରୀକ୍ଷା ୨୦୨୭ ପାଇଁ ସୂଚୀ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷା ୨୦୨୭ ଫେବୃୟାରୀ ୧୬ ତାରିଖ ଠାରୁ ଆରମ୍ଭ ହେବ।

ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ଯେ, ଉଭୟ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସକାଳ ୧୦ଟା ୩୦ରୁ ଆରମ୍ଭ ହେବ। ଦଶମ ଶ୍ରେଣୀ ପାଇଁ ୮୩ଟି ବିଷୟରେ ପରୀକ୍ଷା ହେବ। ସେହିପରି ଦ୍ୱାଦଶ ଶ୍ରେଣୀରେ ୧୨୧ଟି ବିଷୟରେ ପରୀକ୍ଷା କରାଯିବ। ପରୀକ୍ଷାର ୧୦୧ ଦିନରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସିବିଏସ୍‌ଇର ୱେବ୍‌ସାଇଟ୍ https://www.cbse.gov.inରେ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି।

ଭିଜିଲାନ୍ସ ପଞ୍ଝାରେ ବାଲିଆପାଳ ସବ୍ ରେଜିଷ୍ଟ୍ରାର

ଜଳେଶ୍ୱର,୬।୧୧
ନ୍ୟୁଜ୍‌ବ୍ୟୁରୋ

ଭିଜିଲାନ୍ସ ଜାଲରେ ବାଲିଆପାଳ ସବ୍ ରେଜିଷ୍ଟ୍ରାର୍ ମନୀଷା ମିଶ୍ର। ଜମି ରେଜିଷ୍ଟ୍ରି କରାଇବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେବାବେଳେ ତାଙ୍କୁ ଧରିଛି ବାରିପଦା ଭିଜିଲାନ୍ସ ବିଭାଗ। ଏହି ଘଟଣାରେ ଭିଜିଲାନ୍ସ ଟିମ୍ ଲାଞ୍ଚ ଟଙ୍କା ଜବତ କରିବା ସହ ମନୀଷା ମିଶ୍ରଙ୍କୁ ଗିରଫ କରାଯାଇଛି।



ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟରେ ମନୀଷା ମିଶ୍ର ଗତ ୮ ମାସ ଧରି କାର୍ଯ୍ୟ କରୁଥିଲେ। ବାଲିଆପାଳ ଅଞ୍ଚଳର ଜ୍ଞାନ ରଞ୍ଜନ ପାତ୍ରଙ୍କ ଜମି ରେଜିଷ୍ଟ୍ରି କରିବା ପାଇଁ ସେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ପରେ ୭ ହଜାର ଟଙ୍କାରେ ଡିଲ୍ ଚୂଡ଼ାନ୍ତ ହୋଇଥିଲା। ଏନେଇ ଜ୍ଞାନ ରଞ୍ଜନ ବାରିପଦା ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଯୋଜନା ଅନୁସାରେ ଶୁକ୍ରବାର ଦିନ ପ୍ରାୟ ୧୨ଟା ସମୟରେ ସେ ୭ ହଜାର ଟଙ୍କା ନେଇ ସବ୍ ରେଜିଷ୍ଟ୍ରାରଙ୍କ ନିକଟକୁ ଯାଇଥିଲେ। ମନୀଷା ମିଶ୍ର ଟଙ୍କା ଗ୍ରହଣ କରିବା ପରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସର ୮ ଜଣିଆ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଘଟଣାସ୍ଥଳରୁ ୭ ହଜାର ଟଙ୍କା ଜବତ କରିବା ସହ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ରଗଡ଼ି,୬।୧୧
ନ୍ୟୁଜ୍‌ବ୍ୟୁରୋ

ଯାଜପୁରରୋଡ଼ ଉପ-କାରାଗାରରେ ପୁଣି ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ଜେଲ୍ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ କଏଦୀଙ୍କ ପରିବାର ପକ୍ଷରୁ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରାଯାଇଛି। ଜେଲ୍ ପରିସରରେ ଥିବା ମେଡିକାଲ କକ୍ଷରୁ ଶୁକ୍ରବାର ମଧ୍ୟାହ୍ନରେ ଜଣେ ୨୨ ବର୍ଷୀୟ କଏଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ କଏଦୀଜଣକ ହେଲେ ସୁକିନ୍ଦା ବ୍ଲକ ଅନ୍ତର୍ଗତ କଳିଙ୍ଗନଗର ଥାନା ଅଧୀନ ନିମପଲ୍ଲୀ ଗ୍ରାମର ଅବିନାଶ ବିଶ୍ୱାଳ (୩୫)। ଏକ ପୋକ୍ସୋ ମାମଲାରେ ବିଚାରାଧୀନ କଏଦୀ ଭାବେ ଜେଲରେ ରହୁଥିଲେ। ଚଳିତ ବର୍ଷ ଅଗଷ୍ଟ ୩୦ ତାରିଖରେ ତାଙ୍କୁ ଯାଜପୁରଜିଲ୍ଲା ମୁଖ୍ୟ କାରାଗାରରୁ ଯାଜପୁରରୋଡ଼ ଉପକାରାଗାରକୁ ସ୍ଥାନାନ୍ତର କରାଯାଇଥିଲା।

ଭଣଜାର ତେଣ୍ଟା ମାଡ଼ରେ ମାମୁ ମୃତ : ପୁଲିସ କଲା ସିନ୍ ରିକ୍ରିଏସନ୍

ଆଲି,୬।୧୧
ନ୍ୟୁଜ୍‌ବ୍ୟୁରୋ

ଭଣଜାର ତେଣ୍ଟା ମାଡ଼ରେ ମାମୁଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଲି ଥାନା ଅନ୍ତର୍ଗତ ସିଙ୍ଗିରି ପଞ୍ଚାୟତର ସିଙ୍ଗିରି ଗ୍ରାମରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଉଛନ୍ତି ୬୫ ବର୍ଷୀୟ ଗିରିଧର ଦାସ। ଅଭିଯୁକ୍ତ ଭଣଜା କାରନ ଦାସ (୨୧)। ଘଟଣା ପରେ ପୁଲିସ ଅଭିଯୁକ୍ତକୁ ନେଇ ହତ୍ୟାକାଣ୍ଡର ସିନ୍ ରିକ୍ରିଏସନ୍ କରିଛି। ଏଥିରେ କାରନ ମାମୁଙ୍କୁ କିପରି ତେଣ୍ଟାରେ ଆକ୍ରମଣ କରିଥିଲା, ତାହାର ଡେମୋ ଦେଖାଇଛି।



ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ସିଙ୍ଗିରି ଗ୍ରାମର ଗିରିଧର ଦାସ ଓ ତାଙ୍କ ଭଣଜା କାରନ ଦାସଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହି ସମୟରେ କାରନ ନିଶାସକ୍ତ ଅବସ୍ଥାରେ ଥିଲା। ବଚସା ପରେ ସେ ଉତ୍ୟକ୍ତ ହୋଇ ଏକ ତେଣ୍ଟାରେ ଗିରିଧରଙ୍କ ବାମପଟ ଛାତିକୁ ଭୁସି ଦେଇଥିଲା। ଫଳରେ ତେଣ୍ଟାଟି ତାଙ୍କ ଛାତିରେ ପଶିଯିବା ସହ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଗିରିଧରଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଆଲି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଆଲି ଥାନାଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ପଚରାଉଚରା କରୁଛି। ଏଥିସହ ଆକ୍ରମଣରେ ବ୍ୟବହୃତ ତେଣ୍ଟାକୁ ଜବତ କରିଛି। ପରବର୍ତ୍ତୀ ସମୟରେ ପୁଲିସ ଅଭିଯୁକ୍ତ କାରନଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରାଇଥିଲା। ସେଠାରେ କାରନ ମାମୁ ଗିରିଧରଙ୍କୁ କିପରି ତେଣ୍ଟାରେ ଆକ୍ରମଣ କରିଥିଲା, ତାହାର ଡେମୋ ଦେଖାଇଥିଲା। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୬/୧୧/୨୦୨୬
୬,୯୨,୪୯୨/-ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

ଗୁଳିମାଡ଼ରେ ଯୁବକଙ୍କ ମୃତ୍ୟୁ : ୧୮ ଅଟକ

ସୁନ୍ଦରଗଡ଼,୬।୧୧:ନ୍ୟୁଜ୍‌ବ୍ୟୁରୋ

ସୁନ୍ଦରଗଡ଼ ଗୁଳିକାଣ୍ଡକୁ ନେଇ ସ୍ଥାନୀୟ ଭଷ୍ମା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଫ୍ଲାଏଆସ ଗାଡ଼ିରୁ ଟଙ୍କା ଆଦାୟ କରୁଥିବା ସଂସ୍ଥା କାର୍ଯ୍ୟାଳୟକୁ ଜାଳିଦେଲେ ଲୋକେ। ଏଥିସହ ଏକ କାର୍‌କୁ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କରିଛନ୍ତି ଲୋକେ। ଏହି ମାମଲାରେ ପୋଲିସ ୧୮ ଜଣଙ୍କୁ ଅଟକ ରଖିଛି। ଫ୍ଲାଏ ଆସ୍ ପରିବହନ ଗାଡ଼ିରୁ ଟଙ୍କା ଆଦାୟକୁ ନେଇ ବିବାଦରୁ ଜଣଙ୍କ ମୁଣ୍ଡ ଗଡ଼ିଛି। ଗୁଳିମାଡ଼ରେ ସିଲୁ ନେଟି ନାମକ ଜଣେ ଯୁବକଙ୍କ ମୃତ୍ୟୁ ପରେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Issue-17 04-10th November 2026 Bhubaneswar

ଧନୀ ଦେଶରେ ଅଧିକ ଋଣର ବୋଝ !

ଭିତର ପୃଷ୍ଠାରେ...
ଦୀର୍ଘକାଳୀନ ମୁକ୍ତି ଲାଭ କିପରି ହେବ?

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ଗିଡିପାବାଲି ଗାଁରେ ଭୂସ୍ଖଳନର ତାଣ୍ଡବ, ଧ୍ୱଂସସ୍ତୂପ ତଳେ ଚାପି ହୋଇଛି ଗାଁର ଅତୀତ

ଭଞ୍ଜନଗର,୬।୧୧
ନ୍ୟୁଜ୍‌ବ୍ୟୁରୋ

ଗାଁଚାରି ଦିଗରେ ଘେରି ରହିଛି ଜଙ୍ଗଲ ଓ ପାହାଡ଼। ପ୍ରକୃତିର କୋଳରେ ଯେଭଳି ଛୋଟ ଗାଁ ଟି ହସିଖେଳି ଦିନ ବିତାଉଥିଲା। ଆଉ ଏହି ପାହାଡ଼ ହିଁ ଗାଁକୁ ଦେଇଥିଲା ସ୍ୱତନ୍ତ୍ର ପରିଚୟ। କେଉଁ ପୂର୍ବଜ ଅମଳରୁ ଏହି ଜନବସତି ବସି ଥିବା ବେଳେ ତା'ର ନାଁ ପଡ଼ିଥିଲା ଗିଡ଼ିପାବାଲି। ଗାଁକୁ ଯିବା ପାଇଁ ଅଙ୍କାବଙ୍କା ନାଳ, ଅଣଓସାରିଆ ଜଙ୍ଗଲି ପାହାଡ଼ ରାସ୍ତା ଅତିକ୍ରମ କରି ଯିବାକୁ ପଡୁଥିଲା। ତଥାପି ଏଠାରେ ରହୁଥିବା ପରିବାର ଲୋକ କେବେ ପରବାୟ ନଥିଲା। ବିକାଶ ଅପହଞ୍ଚ ହୋଇଥିଲେ ବି କେବେ ଏମାନେ କ୍ଷୋଭ ପ୍ରକାଶ କରୁନଥିଲେ। ସହରର କୋଳାହଳ ଠାରୁ ବହୁ ଦୂରରେ ଦୁର୍ଗମରେ ସେମାନଙ୍କ ହସଖୁସିର ବସତି ଗଢ଼ି ତୋଳିଥିବା ବେଳେ ଏବେ ସେଠାରେ ଧ୍ୱଂସ ବିଧ୍ୱସ୍ତର ଚିତ୍କାର। ଯେଉଁ ପାହାଡ଼ ଦିନେ ସେମାନଙ୍କ ପରିଚୟ ଥିଲା ସେହି ପାହାଡ଼ ହିଁ ଦିନେ ତାଙ୍କ ଗ୍ରାମକୁ ଗ୍ରାସ କରିବା କେହି କଳ୍ପନା ମଧ୍ୟ କରିନଥିଲେ। ଧ୍ୱଂସ ସ୍ତୁପ ତଳେ ଏବେ ବି ବାହୁନି କାନ୍ଦୁଛି ଗାଁର ଅତୀତ। ଗ୍ରାମବାସୀଙ୍କ ନିତିଦିନ ବ୍ୟବହାରରେ ଆସୁଥିବା ଜିନିଷ ସବୁ ସତେ ଯେଭଳି ଅଲୋଡ଼ା ଭାବେ ପଡ଼ିରହିଛି। ଅତୀତର ଅନେକ ଚିତ୍ର ଅଛି କିନ୍ତୁ ବର୍ତ୍ତମାନର ବାସ୍ତବତା ଆଗରେ ସତେ ଯେମିତି ନୀରବି ଯାଇଛି। ହସ ଖୁସି ଓ ସ୍ୱପ୍ନର ସଂସାର ଗଢ଼ି ତୋଳିଥିବା ବେଳେ ଅକ୍ଟୋବର ୨୮ ତାରିଖର ରାତି ସେମାନଙ୍କ ପାଇଁ କାଳ ରାତ୍ରୀ ପାଲଟିବ ବୋଲି କେହି କଳନା ମଧ୍ୟ କରିନଥିଲେ। ବାହାରୁ କେହି ତାଙ୍କ ଗ୍ରାମକୁ ଆସୁଥିବା ବେଳେ ସବୁଜିମା ପାହାଡକୁ ଦେଖି ବିମୋହିତ ହେଉଥିବା ଆଉ ତାକୁ ନେଇ ଗ୍ରାମବାସୀ ଗର୍ବ କରୁଥିବା ବେଳେ ସେହି ପାହାଡ଼ ହିଁ ଆଜି ସେମାନଙ୍କ ଗ୍ରାମକୁ ମାନଚିତ୍ରରୁ ହଜାଇ ଦେଇଛି।



ବଡ଼ ବଡ଼ ପଥର ଓ ମାଟି ଅତଡ଼ା ଆଜି ତାଙ୍କ ଗ୍ରାମକୁ ସଂପୂର୍ଣ୍ଣ ଅଚ୍ଛାଦିତ କରି ଛାତିଥରା ଦୃଶ୍ୟ ତିଆରି କରିଛି। ଆଜି ମାଟି ତଳେ ସମାଧି ତିଆରି କରି ଦେଇଛି। ହାତରେ ଗଢି ତୋଳିଥିବା ଘର ଆଜି ମାଟିରେ ମିଶିଛି, ଆଜି ପର୍ଯ୍ୟନ୍ତ ୧୧ ଜଣଙ୍କ ପତ୍ତା ମିଳିପାରିନି। ମାଟି ତଳୁ ୨ ଜଣଙ୍କ ମୃତ ଶରୀର ଉଦ୍ଧାରକାରୀ ଦଳ ସନ୍ଧାନ କରି ପାଇଥିବା ବେଳେ ଗ୍ରାମର ମହିଳା ସଦସ୍ୟ ଶେଷ ଥର ପାଇଁ ସେମାନଙ୍କ ଚେହେରା ଦେଖିବାରୁ ମଧ୍ୟ ବଞ୍ଚିତ ରହିଯାଇଛନ୍ତି। ଯଦି ଅନ୍ୟମାନେ ମଧ୍ୟ ମାଟି ତଳେ ରହିଯାଇଥିବେ କିମ୍ବା ତାଙ୍କର ଏଭଳି ମୃତ୍ୟୁ ଘଟିଥିବ, ଏହା ଭାବି ଅନେକ ଆଜି ବି ଶେଷ ଥର ପାଇଁ ନିଜର ପ୍ରିୟଜନଙ୍କ ଚେହେରା ଟିକେ ଦେଖିବାକୁ ବ୍ୟାକୁଳ ରହିଛନ୍ତି।



ବର୍ଷ-୧୭ ସଂଖ୍ୟା-୩୯ RNI Regd.No:ODIODI/2010/34704 ମୂଲ୍ୟ ଟ୧.୫୦ ପୃଷ୍ଠା ସଂଖ୍ୟା-୮ ଭୁବନେଶ୍ୱର ୧-୦୭ ନଭେମ୍ବର ୨୦୨୬
With Sambad Kalika ₹.4.00
ରବିବାସରୀୟ କଳିକା

ଭିତର ପୃଷ୍ଠାରେ...
- ସାନସାଗରାରେ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ 'ପ୍ରକୃତି ନିବାସ'
- ଦୁର୍ଦ୍ଦିନ ଭଳି ପ୍ରବଳ କୁଆର ମାସରେ ଭୁଶୁଡ଼ି ପଡ଼ିଲା ସିନ୍ଥେଟିକ ଝୁଲ
- ଭାରତର ବୃହତ୍ତମ ଜିଲ୍ଲା
- ପୁରୁଣା ଚିଟା-ଚେଟକ ହେଲିକପ୍ଟରକୁ ଲାଗିବ ବ୍ରେକ୍!
- ସୁଡାନରେ ଭୟଙ୍କର ଡ୍ରୋନ୍ ଆକ୍ରମଣ : ୧୦୦ରୁ ଅଧିକ ମୃତ, ୧୧୩ ଆହତ
- ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମଦରେ ୯୬% ଆଲକୋହଲ୍

15001/125/2627
ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା
OIPR-15001/15001/2/26-26/0124

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮